Spreading Knowledge Amongst Mankind.....

**ମଇ – ୨୦୧୭** **MAY - 2017**



# ବେଦାନ୍ତୀ

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର


## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 8828213733

## Email ids:

**vedantimagazine@gmail.com**

**editor.vedantimagazine@gmail.com**

# ଏଣୁତେଣୁ......

ନମସ୍କାର । କିଛି ଖୋଲା କଥା ଆଜି ଆପଣମାନଙ୍କ ଆଗରେ । ଏଇ ସପ୍ତାହରେ ମୁଁ କିଛିଦିନ ପାଇଁ ବୁଲିବାକୁ ଆସିଥିଲି ସିଙ୍ଗାପୁର ଆଉ ମାଲେସିୟା ଦେଶକୁ । ଏଇ ଦୁଇଟି ଦେଶର ଅନେକାଂଶ ଅଞ୍ଚଳରେ ଲୋକେ ନିଜର ଜିବୀକା ନିର୍ବାହ ପାଇଁ ପର୍ଯ୍ୟଟନ ଉପରେ ହିଁ ନିର୍ଭର ରହନ୍ତି ଆଉ ମହିଳାମାନଙ୍କ ଅବଦାନ ସେଥିରେ ଅନେକ । ଏକ ମୁସଲମାନ ବହୁଳ ଦେଶ ହୋଇଥିବା ସତ୍ତ୍ୱେ ମାଲେସିୟାରେ ଦୋକାନ ବଜାରଠାରୁ ଆରମ୍ଭ କରି ହୋଟେଲ୍ ଏପରିକି ଟାକ୍ସି ଡ୍ରାଇଭର ସିଟ୍ ରେ ମଧ୍ୟ ମହିଳାମାନଙ୍କ ଭାଗିଦାରି ଦେଖି କିଛିଟା ଖୁସି ଅନୁଭବ ହୋଇଥିଲା । ଆଉ ଗୋଟିଏ କଥା ମଧ୍ୟ ଦେଖି ଭଲଲାଗିଲା ଯେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ସେଠାର ସରକାର ଏବଂ ଜନସାଧାରଣ ସମସ୍ତଙ୍କର କିଛିନା କିଛିଟା ଅବଦାନ ରହିଛି । ଆଉ ଏଇଥିପାଇଁ ପର୍ଯ୍ୟଟକମାନଙ୍କୁ କୌଣସି ଅସୁବିଧାର ସମ୍ମୁଖିନ ହେବାକୁ ପଡେନାହିଁ ।

କିନ୍ତୁ ମନେ ମନେ ଭାବିଲି ଯେ ଭାରତ ଏକ ବିରାଟ ଦେଶ ଆଉ ଏଠାରେ ପ୍ରତି ରାଜ୍ୟରେ ରହିଛି ଅସଂଖ୍ୟ ପର୍ଯ୍ୟଟନ କ୍ଷେତ୍ର । କିନ୍ତୁ ଏଠାରେ କେବଳ କିଛିଟା ରାଜ୍ୟ ସଫଳ ହୋଇପାରିଛନ୍ତି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାରେ । ଆଉ ଓଡିଶା ପରି ଅନେକ ରାଜ୍ୟ ଏଥିରେ ପଛରେ ପଡି ଯାଇଛନ୍ତି । ଓଡିଶାରେ ରହିଛି ଅସଂଖ୍ୟ ପର୍ଯ୍ୟଟନ ସ୍ଥଳ ଆଉ ଯଦି ରାଜ୍ୟ ସରକାର ଏହି ସ୍ଥଳ ମାନଙ୍କୁ ବିକଶିତ କରି ପାରନ୍ତେ, ତେବେ ଏହି ସ୍ଥାନସବୁ ଆକର୍ଷିତ କରିପାରନ୍ତା ଦେଶ ଭିତର ଆଉ ବାହାରର ଅନେକ ପର୍ଯ୍ୟଟକ ମାନଙ୍କୁ । ଏହା ସାଙ୍ଗକୁ ଆଜିର ଯୁଗକୁ ଆଖି ଆଗରେ ରଖି ଦରକାର କିଛିଟା ବିଜ୍ଞାପନ ମଧ୍ୟ । ଅବଶ୍ୟ ଆଜିକାଲି ଓଡିଶା ବିଷୟରେ କିଛିଟା ବିଜ୍ଞାପନ ଟି.ଭି. ମାଧ୍ୟମରେ ଦେଖିବାକୁ ମିଳୁଛି ଯାହାକି ସ୍ୱାଗତଯୋଗ୍ୟ । କିନ୍ତୁ ବିଜ୍ଞାପନ ସହ ସରକାରଙ୍କ ଦ୍ୱାରା ଆହୁରି ଅନେକ କିଛି କାର୍ଯ୍ୟ କରିବା ଦରକାର ଯେପରିକି ପ୍ରଥମେ କିଛି ଭଲ ପର୍ଯ୍ୟଟନ ସ୍ଥଳକୁ ବିକଶିତ କରି ଏହାର ପ୍ରଚାର ଏବଂ ପ୍ରସାର କରିବା, ସେଠାକୁ ଯାତାୟାତ ଏବଂ ପାନ୍ଥନିବାସର ନିର୍ମାଣ କରିବା ଇତ୍ୟାଦି । ଏହାଦ୍ୱାରା ନିଶ୍ଚୟ ଯେ ରାଜ୍ୟର ସୁନାମ ହେବ ତାହାନୁହେଁ, ଅନେକ ବେରୋଜଗାରଙ୍କୁ ରୋଜଗାରର ସୁଯୋଗ ମଧ୍ୟ ମିଳିପାରିବ ।

ଅରବିନ୍ଦ ମିଶ୍ର

# ଏ ସଂଖ୍ୟାରେ ରହିଅଛି....


| | | |
|---|---|---|
| ଜନ୍ମଭୂମି | ବରୁଣ କୁମାର ଦାସ | ୦୬ |
| ଅନନ୍ୟ ସାହିତ୍ୟ ସାଧକ: ଡଃ. ମାୟାଧର ମାନସିଂହ | ପ୍ରତିଭା ପ୍ରିୟଦର୍ଶିନୀ | ୦୭ |
| ସୁସ୍ୱାଗତଂ ଉତ୍କଳୀୟ ନବବର୍ଷମ୍ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୧୧ |
| ପଦ୍ମାବତୀ | ଡ. ବିଜ୍ଞାନୀ ଦାସ | ୧୩ |
| ଜୀବନ: ଏକ ଅଲେଖା ଦଲିଲ୍ | ନୃସିଂହ ଚରଣ ବେହେରା | ୨୫ |
| ସତୀ | ଅନୁସୂୟା ମିଶ୍ର | ୨୬ |
| ଆତ୍ମହତ୍ୟା ହୁଏ ସାର | ହିମାଂଶୁ ଶେଖର ବାରିକ୍ | ୩୧ |
| ପଥହରା ପଥିକ | ଆଶା ସାହୁ | ୩୨ |
| ଅବତରି ଆସ ଥରେ | ଅନାମ ଚରଣ ସାହୁ | ୪୧ |
| ଝଡ | ସୁଲୋଚନା ପଟ୍ଟନାୟକ | ୪୩ |
| କେବେ ଯିବ ତୁମେ ମିନେସୋଟା ର ଶୀତ ଋତୁ | ଶାନ୍ତିଲତା ମିଶ୍ର | ୪୮ |
| ଶାଗୁଣା | କାଳକଙ୍କର | ୪୯ |
| ମନର କବାଟ | ବିନୟ ମହାପାତ୍ର | ୫୫ |
| ଗ୍ରାଉଣ୍ଡ ଜିରୋ | ଦିଲ୍ଲୀପ କୁମାର ପରିଡା | ୫୬ |
| ବିଧାତାଙ୍କ ବ୍ୟତିରେକ | ମୋହନ ଚନ୍ଦ୍ର ବିଷୋୟୀ | ୫୮ |
| ଭଡା | ସନାତନ ମହାକୁଡ | ୫୯ |
| ତୁମ ବାଟକୁ ଅଛି ଗୃହିଁ | ଶଶଧର ମହାପାତ୍ର | ୬୧ |
| ଅସ୍ତରାଗିଣୀ (ଧାରାବାହିକ) | ପ୍ରଫେସର ଅଜନତା ପଣ୍ଡା | ୬୨ |

| | | |
|---|---|---|
| ମନେପଡେ ଆଜି ମୋର ପିଲ୍‌ବେଳ | ଦେବବ୍ରତ ଶତପଥୀ | ୬୪ |
| ପୁଅ ପାଇଁ ଗୀଟାର୍ | ଦୀପକ ଷଡଙ୍ଗୀ | ୬୫ |
| ପରିବର୍ତ୍ତନ | ସଚ୍ଛିଦା ନନ୍ଦ ବାରିକ | ୬୯ |
| ରଙ୍ଗମଞ୍ଚରେ ଖେଳ ସରିଲେ | ଶୁଭମ ନାୟକ | ୭୧ |
| ବାପା | ନଚିକେତା ସାହୁ | ୭୨ |
| ବୟସର କୃଷ୍ଣଚୂଡା | ସୁବ୍ରତ କୁମାର ମୁଦୁଲି | ୭୩ |
| ଫୁଲ ପାଇଁ ଗୀତ | ଆଶୁତୋଷ ମେହେର | ୭୪ |
| ଅବୁଝା ଆଁଖିଲ | ଫିରୋଜ କୁମାର ପଟେଲ | ୭୫ |
| ଭଙ୍ଗା ହୃଦୟର କାହାଣୀ | ପ୍ରଶାନ୍ତ କୁମାର ନାଥ | ୭୭ |
| ଇମ୍ଫାଲ, ମଣିପୁର (ମିଛ ସହିଦଙ୍କ ସମାଧି)-ଧାରାବାହିକ ଭ୍ରମଣ କାହାଣୀ | ପ୍ରିୟବ୍ରତ ପାଢ଼ୀ | ୭୮ |
| ତଥାପି ଲ୍‌ଗେ..... | ପ୍ରଦେଶ କୁମାର ପ୍ରଧାନ | ୮୬ |
| ଡ. ଲିପିକା ପାଢ଼ୀ ଏବଂ ଡ. ସୌମ୍ୟ ରଞ୍ଜନ ମିଶ୍ରଙ୍କ "ଉପଶମ ଚକସ୍ୱା": (ପୁସ୍ତକ ସମୀକ୍ଷା) | ଅରବିନ୍ଦ ମିଶ୍ର | ୮୭ |
| ମଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୯୦ |
| ଟିକିଏ ହସନ୍ତୁ | | ୯୧ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୯୨ |






# ଜନ୍ମଭୂମି

ବରୁଣ କୁମାର ଦାସ

ଆପଣାର ବନ୍ଧ ରହିଥାଏ
ସର୍ବକ୍ଷଣ
ଡେଇଁଗଲେବି
ଭୂଗୋଳର ସବୁ ଘେରଣ ।

ମା ର ପଣତକାନ୍ଧ ହୋଇ
ଲମ୍ବୀ ଯାଉଥାଏ
ଯୋଜନ ଯୋଜନ ।

ସବୁ କଛିକୁ ଡେଇଁ
ଟାଣି ଧରିଥାଏ
ମାଟିର ଆକର୍ଷଣ ।




ଯେଉଁଠି ବି ହାତ ପାରିଲେ
ମାପି ହୋଇଯାଏ ସ୍ପନ୍ଦନ
ଆପଣାପଣେ ଯୋଡିଯାଏ
ଆତ୍ମାସହ ଜନ୍ମାନ୍ତର ବନ୍ଧନ ।

ପାଳୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

# ଅନନ୍ୟ ସାହିତ୍ୟ ସାଧକ: ଡଃ. ମାୟାଧର ମାନସିଂହ



ପ୍ରତିଭା ପ୍ରିୟଦର୍ଶିନୀ

ପଦ୍ମଶ୍ରୀ ମାୟାଧର ମାନସିଂହ (୧୩.୧୧.୧୯୦୫ ରୁ ୧୧.୧୦.୧୯୭୩) ଥିଲେ ଏକାଧାରରେ ଜଣେ ଉଚ୍ଚକୋଟୀର କବି-ପ୍ରାବନ୍ଧିକ-ନାଟ୍ୟକାର-ଶିକ୍ଷାବିତ୍ ଏବଂ ସର୍ବୋପରି ଜଣେ ସ୍ନେହଁଶୀଳ ମଣିଷ। ସେ ମୂଳତଃ ଚିଲିକା ହ୍ରଦ ମଧ୍ୟସ୍ଥ ପାରିକୁଦ ଦ୍ୱୀପ ଅନ୍ତର୍ଗତ ନନ୍ଦଳ ଗ୍ରାମର ନିବାସୀ। ମାତ୍ର ୪ ବର୍ଷ ବୟସ ବେଳେ ବିଧାତାର କ୍ରୁର ନିର୍ଦ୍ଦେଶରେ ସେ ଅନାଥ ହୋଇଯାଇଥିଲେ ଏବଂ ଜେଜେ ବାପା, ଜେଜେ ମା ଙ୍କ ତତ୍ତ୍ୱାବଧାନରେ ଏକ ଯୌଥ ପରିବାରରେ ତାଙ୍କ ଲାଳନପାଳନ ହୋଇଥିଲା। ତାଙ୍କ ପ୍ରାରମ୍ଭିକ ଶିକ୍ଷା ପାରିକୁଦଗଡ ଓ ବାଣପୁର ରେ ଆରମ୍ଭ ହୋଇଥିଲା। ପରେ ସେ ଖୋର୍ଦ୍ଧା ଉଚ୍ଚ ଇଂରାଜୀ ବିଦ୍ୟାଳୟ (ବର୍ତ୍ତମାନର ବି.ଜେ.ବି. ହାଇସ୍କୁଲ) ରେ ପାଠ ପଢିଥିଲେ। ସେଠାରେ ପଢିବା ବେଳେ ତାଙ୍କ ସୃଜନୀ ଶକ୍ତି ଓ ଲେଖିବାର ଆଗ୍ରହକୁ ବିଶେଷ ପ୍ରୋତ୍ସାହନ ମିଳିଥିଲା ସ୍କୁଲ୍ ର ତତ୍କାଳୀନ ପ୍ରଧାନଶିକ୍ଷକ ଶ୍ରୀ ବାଙ୍କନିଧି ପଟ୍ଟନାୟକଙ୍କ ଠାରୁ, ଯିଏ ନିଜେ ଜଣେ ସୁନାମଧନ୍ୟ ଲେଖକ ଥିଲେ। ଏହି ସ୍କୁଲରୁ ପାସ୍ କରିବା ପରେ ୧୯୨୬ ମହିହାରେ କଟକର ଐତିହାସିକ ରେଭେନ୍ସା କଲେଜ ରେ ଯୋଗଦିଅନ୍ତି। ସେହିଠାରେ ହିଁ ତାଙ୍କ କାବ୍ୟ ପ୍ରତିଭାର ସଫଳ ପ୍ରସ୍ଫୁଟନ ହୋଇଥିଲା ଏବଂ ତାହାର ସୁଗନ୍ଧ ଚତୁର୍ଦ୍ଦିଗ ପ୍ରସରିତ ହେଲା। ୧୯୩୦ ମସିହାରେ ସେ ରେଭେନ୍ସା ରୁ ଇଂରାଜୀ ସମ୍ମାନରେ ସ୍ନାତକ ଡିଗ୍ରୀ ଗ୍ରହଣ କଲେ। ସେତେବେଳକୁ ତାଙ୍କର କେତେକ ନାଟକ ଓ ଗୀତିନାଟ୍ୟ ପ୍ରକାଶ ପାଇସାରିଥାଏ। ସେଗୁଡିକ ମଧ୍ୟରେ ପ୍ରମୁଖ ଥିଲା ବାରବାଟୀ (୧୯୨୬), ରାଜକବି ଉପେନ୍ଦ୍ର (୧୯୨୮) ଓ ପୁଷ୍ପିତା (୧୯୩୦)। କଲେଜ ପଢିବା ସମୟରେ ସେ ଅନେକ ଗୁଡିଏ କବିତା ଲେଖିଥିଲେ ଯାହା ପରବର୍ତ୍ତି କାଳରେ ତାଙ୍କ କବିତା ସଂକଳନରେ ପ୍ରକାଶିତ ହୋଇଛି।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ନିଧନ (୧୭-୦୬-୧୯୨୮) ତାଙ୍କୁ ଖୁବ୍ ବ୍ୟଥିତ କରିଥିଲା। ତାଙ୍କ ପାଇଁ ମାନସିଂହ ୩ଟି କବିତା ଓ ଗୋଟିଏ ପ୍ରବନ୍ଧ ଲେଖିଥିଲେ, ଯାହା ରେଭେନ୍ସା କଲେଜ ମାଗାଜିନ ରେ ପ୍ରକାଶିତ ହୋଇଥିଲା। ଜଣେ ଉଦାର ହୃଦୟ ସମାଜସେବୀ ଓ ବିହାର-ଓଡିଶା ବିଧାନ ପରିଷଦର ସଦସ୍ୟ ଥିଲେ ମଧ୍ୟ ଗୋପବନ୍ଧୁଙ୍କୁ ତତ୍କାଳୀନ ବ୍ରିଟିଶ୍

ସରକାର ନଜର ବିରୋଧୀ ଭାବେ ବିବେଚନା କରୁଥିଲେ। ମାନସିଂହଙ୍କ ଲେଖାରେ ଉତ୍କଳମଣିଙ୍କ ପ୍ରତି ବିଶେଷ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶିତ ହୁଏ। ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଏଭଳ ଆଦର, ସମ୍ମାନ ମାୟାଧରଙ୍କ ବୃତ୍ତିଗତ ଜୀବନର ଉନ୍ନତି ପଥରେ ବିଘ୍ନ ସାଜିଥିଲା। ରେଭେନ୍ସା ଅଧକ୍ଷ Orgil ସାହେବ ସରକାରଙ୍କୁ ଗୁପ୍ତଚଠିରେ ଏସବୁ ଜଣାଇବା ଯୋଗୁଁ ମାନସିଂହ ଡେପୁଟି କଲେକ୍ଟର ପଦବୀ ରେ ଚାକରୀ ପାଇ ପାରିଲେ ନାହିଁ ବରଂ ତାଙ୍କଠାରୁ କମ୍ ଯୋଗ୍ୟ ବ୍ୟକ୍ତି ସେହି ପଦ ପାଇଲେ।

ଯୁବକବି ମାୟାଧର ମାନସିଂହ ତା'ପରେ ପାଟନା ୟୁନିଭର୍ସିଟି କଲେଜରେ ୧୯୩୨ ରେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଓ ୧୯୩୩ ରେ ବି.ଇଡି. ଡିଗ୍ରୀ ହାସଲ କଲେ ଏବଂ ହାଇସ୍କୁଲ ଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କଲେ। ଏହି ସମୟରେ ୮ ମଇ ୧୯୩୨ ରେ ପ୍ରସିଦ୍ଧ ପ୍ରାଣୀବିଜ୍ଞାନୀ ଡଃ. ବସନ୍ତ କୁମାର ବେଉରାଙ୍କ ଭଉଣୀ ହେମଲତାଙ୍କୁ ସେ ବିବାହ କଲେ।

ହାଇସ୍କୁଲ ଶିକ୍ଷକ ଭାବେ ମାନସିଂହ ବାଣପୁର, ନମାପଡା ଏବଂ ଭବାନୀପାଟଣା ରେ କାର୍ଯ୍ୟ କରିଥିଲେ। ତାଙ୍କ ଭିତରେ ବୁଦ୍ ବୁଦ୍ ହେଉଥିବା ସାହିତ୍ୟିକ ଆଗ୍ରହ ଯୋଗୁଁ ସେ ୧୯୩୭ ରେ ଲଣ୍ଡନର Durham University ରେ Ph.D. ପାଇଁ ଯୋଗ ଦିଅନ୍ତି। ୧୯୩୯ ରେ ଇଂରାଜୀ ସାହିତ୍ୟରେ ଡକ୍ଟରେଟ ଲାଭ କରନ୍ତି। ତାଙ୍କ ଗବେଷଣା, କାଳିଦାସ ଓ ସେକ୍ସପିୟର ଙ୍କ ଭଳ ପ୍ରାଚ୍ୟ ଓ ପାଶ୍ଚାତ୍ୟ ର ଦୁଇ ମହାନ ସାହିତ୍ୟିକ ଙ୍କ ପ୍ରତିଭାର ତୁଳନାତ୍ମକ ବିଶ୍ଲେଷଣ ପାଇଁ ନୂତନ ପଥ ଉନ୍ମୁକ୍ତ କରିଥିଲା। ଇଂରାଜୀ ସାହିତ୍ୟରେ Ph.D. କରିବାରେ (ତା ପୁଣି ଲଣ୍ଡନ ର ବିଶ୍ୱବିଦ୍ୟାଳୟରୁ) ସେ ଥିଲେ ପ୍ରଥମ ଓଡିଆ। କିନ୍ତୁ ଓଡିଶାରେ ତାଙ୍କୁ ତାଙ୍କ ଯୋଗ୍ୟତା ଅନୁରୂପ ଚାକରି ମିଳି ପାରିନଥିଲା। ତେଣୁ, ସେ ପୁନଶ୍ଚ ଶିକ୍ଷକତାକୁ ଆପଣେଇ ନେଲେ। ସେ କିଛିଦିନ ଆଠଗଡ ହାଇସ୍କୁଲର ପ୍ରଧାନଶିକ୍ଷକ ଥିଲେ। ଶିକ୍ଷକତା ପ୍ରତି ତାଙ୍କର ଆଗ୍ରହ ଯୋଗୁଁ ସେ ୧୯୪୭ ରେ ଜାତୀୟ ସଞ୍ଚୟ ପରାମର୍ଶଦାତା (National Savings Adviser) ପଦ ଗ୍ରହଣ ନକରି ଶିକ୍ଷା ବିଭାଗର ପଦ ଗ୍ରହଣ କଲେ। ୧୯୪୭-୪୯ ଯାଏଁ ସ୍କୁଲ ଇନସ୍ପେକ୍ଟର ଦାୟିତ୍ୱ ନିର୍ବହନ କରିଥିଲେ। ୧୯୪୯-୫୭ ଯାଏଁ ଗଙ୍ଗାଧର ମେହେର କଲେଜ, ସମ୍ବଲପୁର ଏବଂ ୧୮୬୫ ଅଳ୍ପ ସମୟ ପାଇଁ ଖଲ୍ଲିକୋଟ କଲେଜ, ବ୍ରହ୍ମପୁର ର ଅଧକ୍ଷ ଦାୟିତ୍ୱରେ ରହିଥିଲେ।

୧୯୫୭ ରେ ପ୍ରକାଶିତ ଓଡିଆ ଜ୍ଞାନମଣ୍ଡଳ (ଯାହା ୪ ଭାଗରେ ପ୍ରକାଶ ପାଇଥିଲା) ର ମୁଖ୍ୟ ସଂପାଦକ ଥିଲେ ଡଃ. ମାନସିଂହ। ତାଙ୍କ ଆତ୍ମଜୀବନୀ "ଶିକ୍ଷାବିତ୍ ର ଗାଥା" (୧୯୬୫) ତତ୍କାଳୀନ ଓଡିଶା ଓ ଦେଶବିଦେଶ ହାଲଚାଲ୍ ର ଏକ ସୁନ୍ଦର ସାରଗର୍ଭକ ଦସ୍ତାବିଜ୍।

ଡଃ. ମାନସିଂହ ଙ୍କ କବାତା ସଂକଳନ ଧୂପ(୧୯୩୧), ହେମଶସ୍ୟ(୧୯୩୩), ହେମପୁଷ୍ପ(୧୯୩୫), ମାଟିବାଣୀ(୧୯୪୭), ଜୀବନଚତ(୧୯୪୮), ବାପୁତର୍ପଣ(୧୯୪୮), ସିନ୍ଧୁ ଓ ବିନ୍ଦୁ(୧୯୬୨) ଇତ୍ୟାଦି ତାଙ୍କ କାବ୍ୟ ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରେ। ସେ ସନେଟ, ରହସ୍ୟ ରୋମାଞ୍ଚ, ଗୀତିନାଟ୍ୟ ଏବଂ ସାମାଜିକ ନାଟକ ମାନ ରଚନା କରିଥିଲେ। ଉପେକ୍ଷିତ(୧୯୨୮), କଙ୍କଣ(୧୯୨୭), ସାଧବଝିଅ(୧୯୨୯), ଶୁଭଦୃଷ୍ଟି(୧୯୩୦), ଜେମା(୧୯୪୨) ଇତ୍ୟାଦି କାବ୍ୟ ଓ କମଳାୟନ (୧୯୪୬ ରେ ପ୍ରଥମ ସଂସ୍କରଣ ଓ ୧୯୬୨ ରେ ପରିବର୍ଦ୍ଧିତ ସଂସ୍କରଣ) ମହାକାବ୍ୟ, ଓଡିଆ ସାହିତ୍ୟରେ ତାଙ୍କର ଅନବଦ୍ୟ କୃତି ହୋଇ ରହିଛି। କମଳାୟନ ମହାକାବ୍ୟରେ ସେ ତତ୍କାଳୀନ ଓଡିଶା, ଭାରତ ଓ ବିଦେଶ (ବିଶେଷତଃ ଆମେରିକା, ବ୍ରିଟେନ ଓ ହଙ୍ଗେରୀ) ବିଷୟରେ ବିଷଦ ବର୍ଣ୍ଣନା କରିଛନ୍ତି। ମୂଖ୍ୟ ଚରିତ୍ର "କମଳ" ଭିତରେ ସେ ନିଜର ଦୃଷ୍ଟିଭଙ୍ଗୀ ଓ ବିଚାରଧାରା କୁ ପ୍ରତିଫଳିତ କରିଛନ୍ତ, ଯିଏ ଏକ ସରଳ, ସାଧାରଣ ପରିବାର ରୁ ବାହାରି ଶେଷରେ ଜଣେ ବିଶ୍ୱସ୍ତରୀୟ ସମାଜ ସଂସ୍କାରକ ହୋଇଛି। ମହାକାବ୍ୟର ଦ୍ୱିତୀୟ ଭାଗରେ ସ୍ୱାଧୀନତା ପରବର୍ତ୍ତୀ ଭାରତ, ୧୯୫୬ ର ହଙ୍ଗେରୀ ଆନ୍ଦୋଳନ ଇତ୍ୟାଦି ସ୍ଥାନିତ ହୋଇଛି।

ଡଃ. ମାନସିଂହ ଙ୍କ ଭ୍ରମଣ ବୃତ୍ତାନ୍ତ "ପଶ୍ଚିମ ପଥିକ" ୧୯୪୭ ରେ ପ୍ରକାଶ ପାଇଥିଲା। ଅନେକ ସୁନାମଧନ୍ୟ କବିଙ୍କ ଉପରେ ସେ ଏକ ପୁସ୍ତକ "କବି ଓ କବିତା" ରଚନା କରିଥିଲେ, ସେଥିରେ ସାରଳା ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ରବିନ୍ଦ୍ର ନାଥ ଟାଗୋର ଇତ୍ୟାଦିଙ୍କ ଜୀବନ ବୃତ୍ତାନ୍ତ ଲେଖାଅଛି। ଗୌତମ ବୁଦ୍ଧଙ୍କ ପ୍ରତି ତାଙ୍କର ଅସୀମ ଶ୍ରଦ୍ଧା ଓ ସମ୍ମାନ ରହିଥିଲା, ସେକଥା ତାଙ୍କର ବିଭିନ୍ନ ଲେଖାରୁ ଜଣାପଡେ। ଜଣେ ଶିକ୍ଷାବିତ୍ ଭାବରେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଓ ସଂସ୍କାର ପାଇଁ ସେ ଅନେକ ଲେଖା ଲେଖିଥିଲେ। ସେଗୁଡିକ ମଧ୍ୟରେ (୧) Citizen's Education, (୨) ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ, (୩) ଶିକ୍ଷାର କ କ'ଣ ଓ କାହିଁକି ଆଦି ପ୍ରମୁଖ।

ଡଃ. ମାନସିଂହ ଥିଲେ ଜଣେ ସୁଦକ୍ଷ ବକ୍ତା। ନିର୍ଭୀକ ଭାବରେ ସର୍ବଦା ନିଜସ୍ୱ ଚନ୍ତନ ଓ ବିଚାର ଅଭିବ୍ୟକ୍ତ କରୁଥିଲେ। ତାଙ୍କ ପୁସ୍ତକ ଗୁଡିକରେ ଦେଖାଯାଉଥିବା ଲୋଗୋ ରେ କଲମ ଓ ତରବାରି ଛକ ପଡି ରହିଥିବାର ଦେଖାଯାଏ। ବାସ୍ତବିକ ସେ ଥିଲେ କଲମର ଯୋଦ୍ଧା। ଏହା ତାଙ୍କ ସ୍ୱାଧୀନଚେତା ବ୍ୟକ୍ତିତ୍ୱର ପରିଚୟ ବହନ କରେ।

ଇଂରାଜୀ ସାହିତ୍ୟରେ ତାଙ୍କ କୃତି ଖୁବ୍ ଅଧିକ ଏବଂ ସ୍ମରଣୀୟ। History of Oriya Literature (୧୯୬୨), Dreams in Education (୧୯୬୮), Kalidas and Shakespear (୧୯୬୯, ତାଙ୍କ Ph.D. ସନ୍ଦର୍ଭ), The Saga of Lord Jagannath (୧୯୭୧), Ripples of Mahanadi (୧୯୭୧), Fakir Mohan Senapati (୧୯୭୬) ଇତ୍ୟାଦି ପ୍ରମୁଖ। ଏତଦ୍ଭିନ୍ନ ସେ ଅନେକ ପୁସ୍ତକକୁ ଇଂରାଜୀ ରେ ଅନୁବାଦ କରିଥିଲେ। ସେଗୁଡିକ ମଧ୍ୟରେ ଥିଲା (୧) Dharmapada (ବୌଦ୍ଧ ଗ୍ରନ୍ଥ), (୨) Srimad Bhagabat Geeta, (୩) Sayings of Guru Nanak ଇତ୍ୟାଦି। ୧୯୬୨ ରେ ନିର୍ମିତ ଚଳଚ୍ଚିତ୍ର ଜୟଦେବ ପାଇଁ ସେ ଗୀତ ରଚନା କରିଥିଲେ। ଉର୍ମି(୧୯୨୯), ଆରତି(୧୯୪୦), ଶଙ୍ଖ(୧୯୪୫), ମେହେର ପ୍ରଦୀପ(୧୯୫୫), ଝଙ୍କାର(୧୯୬୧-୬୨), ଆଲୋକ, ଉତ୍କଳ ସାହିତ୍ୟର ନୂତନ ପୃଷ୍ଠ ଇତ୍ୟାଦି ପତ୍ରିକାର ସମ୍ପାଦନା ଦାୟିତ୍ୱ ତୁଲାଇଥିଲେ। ସେ ଓଡିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ର ସଦସ୍ୟ ମଧ୍ୟ ଥିଲେ।

୧୯୬୭ ମସିହାରେ ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା। ବୁଦ୍ଧଙ୍କ ପ୍ରତି ତାଙ୍କ ଶ୍ରଦ୍ଧା କେବଳ ଯେ ତାଙ୍କ କଲମରୁ ଫୁଟୁଥିଲା ତା' ନୁହେଁ, ଭୁବନେଶ୍ୱର ରେ ମହାବୋଦି ସୋସାଇଟି ଗଢିବାରେ ସେ ଥିଲେ ମୁଖ୍ୟ ଉଦ୍ୟୋକ୍ତା। ୧୧ ଅକ୍ଟୋବର ୧୯୭୩ ରେ ତାଙ୍କ ନିଧନ ସହିତ ଓଡିଶା ମାଟି ଜଣେ ଯୋଗ୍ୟ ଦାୟାଦକୁ ହରାଇଲା।

ସେ ଭାରତୀୟ ବୋଲି ଯେତିକି ଗର୍ବିତ ଥିଲେ, ଓଡିଆ ହିସାବରେ ନିଜ ରାଜ୍ୟ ଓ ଭାଷା ପ୍ରତି ଥିଲେ ସେତିକି ସ୍ନେହଶୀଳ। ଓଡିଶାର ଐତିହ୍ୟ ପ୍ରତି ପ୍ରବଳ ଅନୁରାଗ ତାଙ୍କ ରକ୍ତ ରେ ମିଶି ପ୍ରତି ଧମନୀରେ ପ୍ରବାହିତ ହେଉଥିଲା। ଏଭଳି ଏକ ରାଜ୍ୟର ଐତିହ୍ୟ ଯାହା ଗରିମାମୟ ଇତିହାସର ବାହକ, ଯେଉଁଠି ଆର୍ଯ୍ୟ, ଦ୍ରାବିଡ ଓ ଆଦିବାସୀ ଜୀବନଶୈଳୀର ସୁନ୍ଦର ମିଶ୍ରଣ ଘଟିଛି, ଏହାର ନୌବାଣିଜ୍ୟିକ ପରମ୍ପରା, ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ଏବଂ ଚମତ୍କାର କଳା ସଂସ୍କୃତି ସୁଯୋଗ୍ୟ ସନ୍ତାନ ମାନଙ୍କୁ ଗର୍ବ କରିବା ପାଇଁ ଅନେକ କାରଣ ଉପଲବ୍ଧ କରାଇବା ଲାଗି ଯଥେଷ୍ଟ। ମାନସିଂହଙ୍କ ଭଳି ଯଶସ୍ୱୀ ପୁତ୍ର ପାଇ ଉତ୍କଳ ଜନନୀ ସ୍ୱୟଂ ଗର୍ବିତା।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# ସୁସ୍ୱାଗତଂ ଉତ୍କଳୀୟ
# ନବବର୍ଷମ୍



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଐତିହ୍ୟ ସମ୍ପନ୍ନା, ସଂସ୍କୃତି ନିପୁଣା ଏହି ମୋ ଉତ୍କଳ ମାତା |
ଭାରତ କାସାରେ ରାଜୀବ ସଦୃଶ ହୋଇଅଛି ବିକଶିତା ||
ପୂତ ମହୋଦଧି ଶରୀର ବିଧୌତ କରେ ଏହି ମାତୃକାର |
ପ୍ରକୃତି ସମ୍ଭାର, ଐଶ୍ୱର୍ଯ୍ୟ ଆକର, ବିଶ୍ୱମୋହିନୀ ଧରାର ||
କଳା-ସଂସ୍କୃତିର ଅଟେ ମହାର୍ଣ୍ଣବ ସକଳ ଜ୍ଞାନର ଉତ୍ସ |
ନୀଳାଚଳ ଧାମ ଏ ପବିତ୍ର ମାଟିକୁ କରିଛି  ବିଶ୍ୱବିଖ୍ୟାତ ||
ଷଡଋତୁ କ୍ରମେ ଦ୍ୱାଦଶମାସରେ ହୁଅଇ ବିବିଧ ପର୍ବ |
ଗଣପର୍ବ ସହ ଶାସ୍ତ୍ରୀୟ ପରବ ପାଳିତ ଯଥା ସମ୍ଭବ ||
ଚନ୍ଦ୍ରା ନକ୍ଷତ୍ରରେ ମେଷ ରାଶିଯୁକ୍ତ ଚୈତ୍ର ଯେ ଆଦ୍ୟମାସ |
ଉତ୍କଳୀୟ ହିନ୍ଦୁ ମହାଆନନ୍ଦରେ ପାଳନ୍ତି ବର୍ଷ ବିଶେଷ ||
ମୃଦୁ ସମୀରଣ, କୋମଳକିରଣ ଧରାରେ ଯାଏ ପ୍ରସରି |
ରାଧାକୃଷ୍ଣଙ୍କର ଦୋଳୋତ୍ସବ ସହ ସମ୍ପନ୍ନ ହୋଇଛି ହୋଲି ||
ଚଇତ୍ରରେ ଦଣ୍ଡ, ଅଶୋକା ଅଷ୍ଟମୀ, ଶ୍ରୀରାମ ନବମୀ ପର୍ବ |
ମହାବୀର ହନୁମାନଙ୍କ ଜୟନ୍ତୀ ପାଳିତ ହୁଏ ସରବ ||
ଅଶୋକାଷ୍ଟମୀରେ ଅଶୋକ କଳିକା କରିଥାନ୍ତି ଯେ ସେବନ |
ଦୁଃଖ-ଶୋକ-ମନସ୍ତାପ ଓ ଯନ୍ତ୍ରଣା ହୋଇଥାଏ ଉପଶମ ||
ଏକାଦଶ ରୁଦ୍ର ଅବତାର ରୂପେ ମହାବୀର ଆଞ୍ଜନେୟ |
ସଭକ୍ତିରେ ତାଙ୍କୁ ଉପାସନା କଲେ ବର ମିଳଇ ଅଭୟ ||
ପ୍ରଭୁ ଶ୍ରୀରାମ ଓ ଭକ୍ତ ମାରୁତିଙ୍କ ଜୟନ୍ତୀ ହୁଏ ପାଳନ |

ଶ୍ରଦ୍ଧା ଓ ନିଷ୍ଠାରେ, ଭକ୍ତି ମାନସରେ କରନ୍ତି ପୂଜା ବନ୍ଦନ ||
ଉତ୍କଳୀୟ ନବ ବରଷ ରୂପରେ ମହାବିଷୁବ ସଙ୍କ୍ରାନ୍ତି |
ମହା ଉଲ୍ଲାସରେ କରନ୍ତି ପାଳନ ହୋଇଣ ପୂର୍ବ ପ୍ରସ୍ତୁତି ||
ପଲ୍ଲୀଠୁ ସହର ଉତ୍ସବ ମୁଖର ସର୍ବତ୍ର ଖୁସି ଆସର |
ପର ଆପଣାର ଭେଦାଭେଦ ଭୁଲି ହୋଇଥାନ୍ତି ଏକାକାର ||
ଯାନୀ-ଯାତ୍ରା-ପର୍ବ ନୁହଇ କେବଳ ମଜା-ମସ୍ତିର ଆସର |
ସ୍ନେହ-ସଦ୍ଭାବନରେ ଭ୍ରାତୃତ୍ୱ ବନ୍ଧନେ ସର୍ବେ ହୁଅନ୍ତି ନିଜର ||
ଶତ୍ରୁତା ଭାବନା କରି ପରିହାର ବିଦ୍ୱେଷ ଭାବକୁ ତ୍ୟଜି |
ଶୁଭ ନବ ବର୍ଷେ ଶାଶ୍ୱତପ୍ରେମରେ ଆନନ୍ଦେ ରହିବା ମଜ୍ଜି ||
ଧର୍ମ-ସମ୍ପ୍ରଦାୟ-ଜାତି ଭେଦ ଭୁଲି ଭାଇଚାରା ଭାବ ନେଇ |
କପଟ ଛଳନା ଦୂରକରି ଆମେ ସଭିଙ୍କୁ ଦେବା ବଧାଇ ||
ଭିନ୍ନତା ମଧ୍ୟରେ ଏକତାର ମନ୍ତ୍ର ସ୍ୱତନ୍ତ୍ରତା ଏ ମାଟିର |
ଏହି ଭାବନାକୁ କରିଣ ପାଥେୟ ସର୍ବେ ହୁଅନ୍ତୁ ଉଦାର ||
ପ୍ରାଚ୍ୟସଭ୍ୟତା ଓ ସଂସ୍କୃତିରେ ଥାଏ ସାଧୁତା-ନୀତି-ଆଦର୍ଶ |
ପାର୍ଥିବ ସୁଖରେ ହେଲେ ମଦମତ୍ତ ପଶ୍ଚାତେ୍ୟ ମିଳଇ କ୍ଲେଶ ||
ମଧୁ ପ୍ରପାନକେ ମଧୁର ସମ୍ପର୍କ ହେଉ ସଦା ଉଜ୍ଜୀବିତ |
ଉତ୍କଳୀୟ ନବ ବର୍ଷରେ ସରବେ ହୁଅନ୍ତୁ ବିଶେଷ ମୋଦ ||
ସଦା ମୈତ୍ରୀଭାବ ହେଉ ବିରାଜିତ ସୁଖ-ଶାନ୍ତି-କାମ୍ୟମୟ |
ଉତ୍କଳୀୟ ଶୁଭ ନବୀନ ବର୍ଷରେ ବିଶ୍ୱ ହେଉ ମଧୁମୟ ||

ସାଙ୍କୁଡା, ଗଞ୍ଜାମ, ଓଡିଶା

# ପଦ୍ମାବତୀ



ଡ. ବିଜ୍ଞାନୀ ଦାସ

ସ୍କୁଲ୍ ବାରଣ୍ଡାରେ ଠିଆହୋଇ ପଦ୍ମା କିଛିକ୍ଷଣ ଭାବିଲା ଭଳି ଲାଗୁଥିଲା । ତାପରେ କଣ ହେଲା କେଜାଣି, ସିଡିରେ ତଳକୁ ଓହ୍ଲାଇଲା ଓ ଗେଟ୍ ଆଡକୁ ଆଗେଇଲା ।

ପଦ୍ମାର ଯିବା ପର୍ଯ୍ୟନ୍ତ ରବି ସେଠି ସେମିତି ଉପରମହଲାର ସେ ଶ୍ରେଣୀଗୃହର କବାଟ ପାଖରେ ଠିଆ ହୋଇଥିଲା । ପଦ୍ମା ଯିବାପରେ ସିଏ ବାହାରକୁ ଆସିଲା ଓ ଜଳପାନ କରିବାପାଇଁ ଉଦ୍ଦିଷ୍ଟ ଥିବା ଶ୍ରେଣୀଗୃହ ଆଡକୁ ଆଗେଇଲା ।

ପଦ୍ମା ମନରେ କେତେ ସବୁ ପ୍ରଶ୍ନ ଉଙ୍କି ମାରୁଥିଲେ । କେମିତି ସବୁ ଘଟଣା ରବି ପର୍ଯ୍ୟନ୍ତ ପହଞ୍ଚାଇ ପାରିବ । ଜେଜେମାଙ୍କର ଦେହ ଏତେ ଖରାପ ଅଛି ଯେ, କିଛି କହିହେଉନି । ସେ ଭିତରେ ତାଙ୍କୁ ଦେଖିବାକୁ ଘରକୁ ସବୁ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ମାନଙ୍କର ଯିବାଆସିବା ଲାଗିଛି । ଜେଜେମାଙ୍କ ପାଖରେ ବସିବ କଣ, ବୋଉକୁ ସମସ୍ତଙ୍କର ଚର୍ଚ୍ଚା କରି ସମୟ ଦେବାକୁ ପଡୁଛି । ସେଥିପାଇଁ ପଦ୍ମା ସ୍କୁଲ୍‌କୁ ବି ଆସିବାକୁ ଚାହୁଁନଥିଲା । ହେଲେ ସ୍କୁଲ୍‌ର ହେଡ୍‌ମିଷ୍ଟ୍ରେସ୍ ତା' ଆସିବା ଖବର କେମିତି ପାଇ ତାକୁ ଡକେଇ ପଠେଇଥିଲେ । ପଦ୍ମା ଅବା ମନା କରିପାରିଥାନ୍ତା କେମିତି ? ସିଏ ଭାବିଥିଲା, ସେଠି ଯଦି ସୁଯୋଗ ମିଳେ, ତେବେ ସେ ରବିଙ୍କୁ ଜେଜେମାଙ୍କ କଥା କହିବ ଓ ଜଣାଇଦେବ ଯେ, ହୁଏତ ରବି ଫେରିବାବେଳକୁ ଆଉ ସେମାନେ ଭୁବନେଶ୍ୱରରେ ମିଶି ନପାରନ୍ତି । ହେଲେ, ସେମିତି ସୁଯୋଗ ବି ମିଳିଲାନି|

ସବୁଠୁ ଖରାପ ଲାଗୁଥିଲା ଯେ ପଦ୍ମାର ବାହାଘର ଦେଖିସାରି ମରିବାର ଆଶାଟି ହୁଏତ ଜେଜେମାଙ୍କର ଅପୂରଣ ରହିଯିବ । ଜେଜେମା ତଥାପି ଆଶା ଛାଡିନାହାନ୍ତି । ହେଇତ, ଦୂର ସଂପର୍କୀୟ ଜଣେ ମାଉସୀ ଗତକାଲି ଜଣେ ବରପାତ୍ର ଓ ତାଙ୍କ ପିତାମାତାକୁ ଧରି ଗତକାଲି ପଦ୍ମାକୁ ଦେଖେଇବାକୁ ଆଣିଥିଲେ । ଯଦିଓ ସେଇଟା ପଦ୍ମାକୁ ଜଣାଇ ଦିଆଯାଇ ନଥିଲା, ତେବେ ଘରେ ସମସ୍ତଙ୍କର ତତ୍ପରତା ଓ ପଦ୍ମାର ପୋଷାକ, ପରିଧାନର ତତ୍ତ୍ୱନେବାକୁ ଦାଦାଙ୍କ

ଝିଅକୁ ତା' ପଛରେ ଲଗେଇଦେବା ଇତ୍ୟାଦି କେତେଟା ଘଟଣା ପଦ୍ମାକୁ ଏ ବିଷୟରେ କହିଟା ଖବର ଦେଉଥିଲେ । ଭାଇ ଯଦି ତା'କୁ ସପୋର୍ଟ ନ କରିଥାନ୍ତା, ଏତେବେଳକୁ ସେମାନେ ତାର ବାହାଘର କରିସାରିଥାନ୍ତେ । ହେଲେ ପଦ୍ମାର ଉଚ୍ଚାଭିଳାଷ ଅଛି, ସିଏ ଉଚ୍ଚଶିକ୍ଷା ପାଇଁ ଆମେରିକା ଯିବ । ସିଏ ବୋଉ ଓ ଜେଜେମାଙ୍କ ଭଳି ଘରେ ବସି ଛୁଞ୍ଚିଦେବା, ଘର ଓଳେଇବା, ବେସରବାଟିବା ଆଉ ଲୁଗା ଧୋଇବା ଇତ୍ୟାଦି କାମକରି ତା' ଜୀବନକୁ ବ୍ୟର୍ଥ କରିଦେବାକୁ ଚାହେଁନା । ପଦ୍ମା ଏପର୍ଯ୍ୟନ୍ତ ସବୁଥିରେ ଫାଷ୍ଟ କ୍ଲାସ୍ ପାଇଛି । ଏମ୍.ଏ.ସି. ପରୀକ୍ଷା ସରିଗଲେ, ସିଏ ଜି.ଆର୍.ଇ ଦବ ଓ ଆମେରିକାର ୟୁନିଭର୍ସିଟି ମାନଙ୍କୁ ଆପ୍ଲାଏ କରିବ । ସେଥିରେ ସାହାଯ୍ୟ କରିବାକୁ ରବି ପ୍ରତିଶ୍ରୁତି ଦେଇଛନ୍ତି ।

ହେଲେ ଭାଇ ତାକୁ ଗୋଟିଏ ବିଶିଷ୍ଟ ଖବର କାଲି ଜଣେଇଥିଲା । ଯେଉଁ ପାତ୍ରଟିକୁ କାଲି ସେ ମାଉସୀ ଧରି ଆସିଥିଲେ, ସିଏ ଆମେରିକାରେ ରହୁଛନ୍ତି । ଖଡଗ୍ପୁର୍ ଆଇ.ଆଇ.ଟିରୁ ବି.ଟେକ୍ ସାରି ସେଠି ମାଷ୍ଟର୍ସ୍ କରିବାକୁ ଯାଇଥିଲେ ଓ ଏବେ ସେଠି ଏକ ଭଲ କଂପାନୀରେ କାମ କରୁଛନ୍ତି । ତେଣୁ, ପଦ୍ମା ଯଦି ରାଜିହୁଏ, ତାର ଭବିଷ୍ୟତରେ ଆମେରିକା ଯାଇ ଉଚ୍ଚଶିକ୍ଷା କରିବାର ଇଚ୍ଛାରେ ବାଧା ପଡିବନି, ବରଂ ସବୁକଛି ସହଜ ହୋଇଯିବ । ସେମାନଙ୍କର ଗଉଡ ଜାତିରେ ଖୁବ୍ କମ୍ ପିଲା ଏମିତି ଯୋଗ୍ୟ ହୋଇ ବାହାରିଛନ୍ତି । ପଦ୍ମାର ଓ ସେ ପିଲାଟିର ଯଦି ବାହାଘରଟା ହୋଇଯାଆନ୍ତା, ତେବେ ଉଭୟଙ୍କ ପରିବାର ପାଇଁ ମଙ୍ଗଳଦାୟକ ହୁଅନ୍ତା ।

ଭାଇକୁ ରବିଙ୍କ ବିଷୟ କହିପାରିଲାନି ପଦ୍ମା । କିଏ ଜାଣେ ଘଟଣା କେଉଁ ମୋଡ ନେବ ? ତେବେ ତାର ପରୀକ୍ଷା ନସରିଲେ ବାହାଘର ପ୍ରଶ୍ନ ଉଠୁନି ବୋଲି ଶକ୍ତିଶାଳୀ ଯୁକ୍ତି ଦେଖେଇ ସିଏ ଭାଇକୁ ବୁଝେଇବାକୁ ସକ୍ଷମ ହୋଇଥିଲା ।

ପଦ୍ମାକୁ ବେଶି ସମର୍ଥନ କରେ ତା' ବଡଭାଇ ପ୍ରମୋଦ । ପାଖ ଗାଁର ବାଳୁଙ୍ଗା ଟୋକା ବବ୍ଲୁକୁ ପାନେ ଦେଇ ଯେଉଁଦିନ ସିଏ ନିଜକୁ ଓ ତାଙ୍କ ଦାଦାଙ୍କ ଝିଅ ଚନ୍ଦ୍ରାକୁ ରକ୍ଷା କରିଥିଲା, ସେଇଦିନରୁ ନିଜ ଭଉଣୀ ପ୍ରତି ତାର ଶ୍ରଦ୍ଧା ଓ ବିଶ୍ୱାସ ବେଶି ବଢିଯାଇଛି । ପଦ୍ମା ଓ ଚନ୍ଦ୍ରା ସେତେବେଳେ ହାଇସ୍କୁଲ୍ରେ ପଢୁଥାଆନ୍ତି । ରାସ୍ତା ଦେଇ ବୁଲିବୁଲି ଗଲେ ବେଶି ଚାଲିବାକୁ ପଡିବ ବୋଲି ଭାବି ସେମାନେ ବିଲ ଦେଇ ଚାଲିଚାଲି ଫେରୁଥାଆନ୍ତି । ହେଲେ ସେ ବାଳୁଙ୍ଗା,

ବଜାରୀ ବବ୍ଲୁ କେମିତି ଲକ୍ଷ୍ୟ କରିଥିଲା । ସେତେବେଳକୁ ସଞ୍ଜ ହୋଇଆସୁଥାଏ । କୋଉଠି ବିଲଭିତରେ ଛକିଥିଲା କେଜାଣି, ବବ୍ଲୁ ହଠାତ୍ ଆସି ଚନ୍ଦ୍ରାକୁ ମାଡିବସିଲା । ପଦ୍ମା ପଛକୁ ଗ୍ଭହିଁ ଦେଖି ଯେମିତି ପାଟିକଲା, ବବ୍ଲୁ ଚନ୍ଦ୍ରାକୁ ଛାଡି ଅଭଦ୍ର ଭାଷା କହି ଆସି ପଦ୍ମାକୁ ମାଡିବସିଲା । ହେଲେ ସେତେବେଳକୁ ଚନ୍ଦ୍ରା ପୁରା ଡରି କାନ୍ଦକାନ୍ଦ ହୋଇ ସେଇଠି ଥପ୍ କରି ବସିଗଲା । ପଦ୍ମା ନିଜେ ତ ବବ୍ଲୁ ସହିତ ଯୁଦ୍ଧକଲା, ତା' ସହିତ ବି ଚନ୍ଦ୍ରାକୁ ନକାନ୍ଦି ଆସି ବବ୍ଲୁକୁ ପାନେ ଦେବାରେ ତାକୁ ସାହାଯ୍ୟ କରିବାକୁ ଆବାହନ କଲା । "ଜୋଡାକୁ ଘୋଡା ସରିନୁହେଁ । ସେମାନେ ଦୁଇଜଣ ମିଶିଗଲେ, ବବ୍ଲୁ କିଛି କରିପାରିବନି ।" ଏମିତି ଆହ୍ୱାନ ଦେବାରୁ ଚନ୍ଦ୍ରା ବି ମିଶିଗଲା । ଦୁଇଜଣ ଯାକ ବବ୍ଲୁକୁ ମାରିମାରି ଗାଁକୁ ଆଣିଲେ, ସିଧା ଯାଇ ସରପଞ୍ଚଙ୍କ ପାଖରେ ସବୁ ଘଟଣା ଜଣାଇଲେ । ପଦ୍ମା ଯେବେ ଘରକୁ ଫେରିଲା, ଘରେ ସମସ୍ତେ ତାକୁ ବାରଣକଲେ, ଯାହା ହେଲାହେଲା, ଏମିତି ଗାଁରେ ପ୍ରଘଟକଲେ ସେମାନଙ୍କର ନିଜର ଅପମାନ ହେବ, ପରେ ବାହାଘର ହୋଇପାରିବନି ଇତ୍ୟାଦି । ହେଲେ ପଦ୍ମା ଏସବୁକୁ ଡରି ନଥିଲା । ସରପଞ୍ଚ ପଦ୍ମାକୁ ସପୋର୍ଟ କରିଥିଲେ ଓ ବବ୍ଲୁର ବାପାଙ୍କୁ ଡାକି ତାକୁ ନିୟନ୍ତ୍ରଣରେ ରଖିବାକୁ କହିଥିଲେ । ପଦ୍ମା ଗ୍ଭହୁଁଥିଲା ବବ୍ଲୁ ଜେଲ୍ ଯାଉ । ହେଲେ, ସେଇଟା ଗାଁ ପ୍ରତି ଅସମ୍ମାନ ହେବ, ଏକଥା ବୁଝେଇ ଗାଁର ଅନ୍ୟମାନେ ପଦ୍ମାକୁ ଶାନ୍ତ କରିଥିଲେ । ଗାଁର ଅନେକ ଝିଅବୋହୂଙ୍କୁ ବବ୍ଲୁ ଏମିତି ହଇରାଣ କରିବାର ଖବର ପରେ ମିଳିଲା । ହେଲେ ସେଇଦିନଠାରୁ ବବ୍ଲୁ ଟିକେ ସତର୍କ ରହିଲା । ଗାଁର ଝିଅବୋହୂମାନେ ବି ପଦ୍ମାର ଏହି କାମରୁ ପ୍ରେରଣା ପାଇଲେ ଓ ଦୁର୍ବଳ ନହୋଇ ଆକ୍ରମଣ କରିବାର ପ୍ରଚେଷ୍ଟାରେ ରହିଲେ ।

"ପରୀକ୍ଷାଟା ସରିଯାଉ ପ୍ରଥମେ ।" - ପ୍ରମୋଦ ଏକଥା ତା ବାପା, ବୋଉଙ୍କୁ ବୁଝାଇଲା ।

"ବାହାଘରଟା ସିନା ପରୀକ୍ଷା ପରେ ହେବ । ହେଲେ ନିର୍ବନ୍ଧଟା କରିଦେଲେ ତ କିଛି ଖରାପ ହେବନି । ସେମାନେ ବି ନିଶ୍ଚିତ ହେବେ ଓ ଆମେ ବି ନିଶ୍ଚିତ ହେବା । ତାପରେ ଆମ ଜାତିରେ ପୁଣି ଏମିତି ଯୋଗ୍ୟପାତ୍ର ପାଇବା କି ନାହିଁ କହିହେବନି ।"

ପ୍ରମୋଦଠାରୁ ବାପା, ମାଙ୍କର ଏମିତି ଯୁକ୍ତି ଶୁଣି, ପଦ୍ମା କଣ କରିବ, ବୁଝିପାରୁନଥିଲା । ନିର୍ବନ୍ଧ ବିରୁଦ୍ଧରେ ତାର ଯୁକ୍ତିଟା କଣ ହେବ ? ସେଇକଥା ଭାବି ସିଏ କାଲି ରାତିସାରା ଶୋଇପାରିନି । ଏମିତି ସବୁ ପରୀକ୍ଷା ଜୀବନରେ କାହିଁକି ଆସେ କେଜାଣି ?

ତା ଜୀବନରେ ଏମିତି ସବୁ ପରୀକ୍ଷା ବହୁତ ଥର ଆସିଛି । କାରଣ ସିଏ ସୁନ୍ଦରୀ, ଗୋରୀ ଓ ସୁଗାୟିକା । ସେଥିପାଇଁ ଜେଜେମା ତା' ନାଁ ରାଧିକା ଦେବାକୁ ଚାହୁଁଥିଲେ । "ଇଏତ ସାକ୍ଷାତ ରାଧାରାଣୀ ଆମ ଘରେ ଅବତାର ନେଇଛନ୍ତି ।" - ଜେଜେମା ନାତୁଣୀର ଜନ୍ମ ସମୟରେ ତା' ରୂପ ଦେଖି କୃତକୃତ୍ୟ ହୋଇଯାଇଥିଲେ । ହେଲେ ବାପା "ପଦ୍ମାବତୀ" ରଖିଲେ । "ପୁଅର ନାଁ ପ୍ରମୋଦ, ତେଣୁ ଝିଅର ନାଁ ପଦ୍ମାବତୀ ରହୁ । ପଦ୍ମାବତୀ ତ ସ୍ୱୟଂ ଲକ୍ଷ୍ମୀ ମା ନା ।" ଜେଜେମା ରାଜିହୋଇଗଲେ । ପଦ୍ମାବତୀର ସୁନ୍ଦରତା ପାଇଁ ସମସ୍ତେ ତାକୁ ଆଦର କରୁଥିଲେ। ତାର ଚେହେରା ୟୁରୋପିଆନ୍ ମାନଙ୍କ ଭଳି ଗୋରା ଥିଲା ଓ କେଶ କୁଞ୍ଚିତ ଓ କଳା । କଲେଜରେ, ସେ ଆଦର ତା' ପାଇଁ କାଳ ବୋଲି ତାକୁ ମନେ ହେଉଥିଲା । କେତେ ଯୁବକଙ୍କର ତାକୁ ଟିକେ ଦେଖିବାର ମୋହ, ତା' ପାଇଁ କଛି କରିଦେବାର ମୋହ, ତା ସାଙ୍ଗରେ ଟିକେ କଥାହେବାର ମୋହ, ତାକୁ କଲେଜରେ ଏତେ ଡରେଇଦେଇଥିଲା ଯେ, ସିଏ ଜାଣିପାରୁନଥିଲା, ତାର ସ୍ୱାଧୀନତା ସେ ଆତଙ୍କ ଭିତରେ କେମିତି ଲୁଚଯାଉଥିଲା ।

ଜୀବନରେ ଆସିଥିଲା ସେ ବଡଲୋକର ପୁଅ ଧୂମକେତୁର ପାଗଳାମୀ । ତା ନାଁଟା କେତନ। ହେଲେ ପଦ୍ମା ତାକୁ ଧୂମକେତୁ ବୋଲି କହେ । ସେ ପିଲା କଲେଜରେ ବହୁତ ଝିଅଙ୍କୁ ହଇରାଣ କରିଛି । ପଦ୍ମା ଦିନେ ସାଙ୍ଗମାନଙ୍କ ସହିତ କ୍ଲାସ୍ ସାରି ହଷ୍ଟେଲ୍‌କୁ ଫେରୁଥାଏ । ଧୂମକେତୁ ଭେଟିବାକୁ ଅପେକ୍ଷା କରିଥିଲା, ତାର ସିନୟର୍ ଜଣେ ଝିଅକୁ । ହେଲେ ପଦ୍ମାକୁ ଦେଖିଦେଲା ଯେମିତି, ଏମିତି ଗାରଡେଇ ଚାହିଁଲା ଯେ, ସେମାନେ ଚାରି ସାଙ୍ଗ ଡରିଡରି ଚଞ୍ଚଳ ଚଞ୍ଚଳ ଆସି କେମିତି ହଷ୍ଟେଲ୍‌ର ପହଞ୍ଚିବେ ଜାଣିପାରିଲେନ । ସେ ଘଟଣାର ପ୍ରାୟ ୬-୭ ଦିନ ପରେ କଲେଜ୍‌ର ଫଙ୍କ୍‌ସନ୍ ଥାଏ । ସେଥରେ ପଦ୍ମା ଦୁଇଟି ଗୀତ ପରିବେଷଣ କରିଥିଲା, ଗୋଟିଏ କୋରସରେ, ଆଉ ଗୋଟିଏ ଏକା, ଓଡିଶୀ ଗୀତଟିଏ । ଗୀତ ଗାଇସାରି ଷ୍ଟେଜ୍‌ରୁ ତଳକୁ ଓହ୍ଲାଉଛି ତ, ଧୂମକେତୁ ଆସି ହାଜର । "ଆଇ ଲଭ୍ ୟୁ ପଦ୍ମା । ତୁମେ ନଜେ ଯେତେ ସୁନ୍ଦର, ତମ କଣ୍ଠ ସେତେ ସୁନ୍ଦର । ଏ ଉପହାରଟି ତୁମ ପାଇଁ ।" - ଏମିତି କହି, ଏକ

ପ୍ୟାକେଟ୍ ତା ହାତରେ ଜବରଦସ୍ତ ରଖିଦେଇ ସିଏ ବିଦାୟ ନେଇଥିଲା । ପଦ୍ମାର ସାଙ୍ଗ ଜଣେ ସେ ପ୍ୟାକେଟ୍ ଖୋଲି ଦେଖିବା ବେଳକୁ ସେଥିରେ ଏକ ସୁନ୍ଦର ଡିଜାଇନ୍‌ର ଚେନ୍ ଥିଲା ଓ ଏକ ଚଠି । ସେ ଚଠିରେ ଲେଖାଥିଲା, "ପଦ୍ମା, ତୁମ ଚେହେରା ସବୁବେଳେ ମୋ ସାମନାକୁ ଆସୁଛି । ତୁମକୁ ନପାଇଲେ ମୁଁ ମରିଯିବି । ମୁଁ ତମକୁ କାଲି କ୍ୟାଣ୍ଟିନ୍ ରେ ପାଞ୍ଚଟା ବେଳେ ଅପେକ୍ଷା କରିଥିବି । ତମେ ନିଶ୍ଚୟ ଆସିବ ।"

ପଦ୍ମା ଆସି ଏକଥା ହଷ୍ଟେଲ୍‌ର ସୁପରିଟେଣ୍ଡେଟ୍‌ଙ୍କୁ ଜଣାଇଲା । ସୁପରିଟେଣ୍ଡେଟ୍ କିନ୍ତୁ କିଛି ଆକ୍ସନ୍ ନେବା ପୂର୍ବରୁ ପଦ୍ମାକୁ ସତର୍କ ହୋଇ ରହିବାକୁ କହିଲେ । ସେ କେତନର ବାପା ସହରର ଜଣେ ବିଶିଷ୍ଟ ବ୍ୟବସାୟୀ । କଲେଜ ସରକାରୀ କଲେଜ ହେଲେ ମଧ୍ୟ, ତାଙ୍କର ପୃଷ୍ଠପୋଷକତା ଉପରେ କଲେଜରେ ବହୁତ କିଛି ନିର୍ଭର କରେ । ଏସବୁ ପୁରା ସିନେମାର କାହାଣୀ ଭଳି ଲାଗିଲା ପଦ୍ମାକୁ । ସିଏ କଣ ସେଭଳି କାହାଣୀ ସବୁର ନାୟିକା ଭଳି ହୋଇଯିବ ନା କଣ ? ଯେତେ ଭାବିଲା, ସେତେ ଦୁଃଖ ଲାଗିଲା, ଆଖି ଆଗରେ ଅନ୍ଧକାର ଘାରିଗଲା । କେତନ ଏମିତି ସହଜ ଜନ୍ତୁ ନୁହେଁ । ଖାଲି ଗୁଣ୍ଡା ହୋଇଥିଲେ ଠିକ୍ ଥିଲା, ଖାଲି ବଡଲୋକ ହୋଇଥିଲେ ଠିକ୍‌ଥି । ସିଏ ଉଭୟ ବଡଲୋକ ଓ ଗୁଣ୍ଡା । ତାକୁ କଣ କରାଯାଇପାରେ ? ପଦ୍ମା କଣ କଲେଜ ଛାଡି ଆଉ କେଉଁ ସହରକୁ ପଳେଇଯିବ ?

ହେଲେ ଭଗବାନଙ୍କ ଦୟାରୁ ଏକ ବିଶେଷ ଘଟଣା ଘଟିଲା । ଧୂମକେତୁର ବାପାଙ୍କର ଅଗ୍ନକ ଆକ୍ସିଡେଣ୍ଟରେ ମୃତ୍ୟୁ ହୋଇଗଲା । ତା' ବାପାଙ୍କର ବ୍ୟବସାୟକୁ ନେଇ ପରିବାର ଭିତରେ ଗଣ୍ଡଗୋଳ ଲାଗିରହିଲା । ଧୂମକେତୁକୁ ପାଠପଢା ଛାଡି ବ୍ୟବସାୟ ମ୍ୟାନେଜ୍ କରିବାକୁ ଦିଲ୍ଲୀ ଯିବାକୁ ପଡିଲା ଓ ସେ ଭିତରେ ପଦ୍ମାର ଖିଆଲ୍ ତା' ମୁଣ୍ଡରୁ ହଜିଯାଇଥିଲ । ସେଦିନ ସବୁଠାରୁ ଖୁସି ହୋଇଥିଲା ପଦ୍ମା । ଯାହାହେଉ, ଏଣିକ ସେ ଟିକେ ଶାନ୍ତିରେ ଜିଇଁ ପାରିବ ଓ ପାଠପଢାରେ ମନଯୋଗ କରିପାରିବ ।

ଦୁଇବର୍ଷ ଭଲରେ କଟିଗଲା । ହେଲେ ସେ ଶାନ୍ତି ବେଶିଦିନ ରହିଲାନ । ଡିଗ୍ରୀର ଦ୍ୱିତୀୟ ବର୍ଷବେଳକୁ ଫିଜିକ୍ସ୍ ଡିପାର୍ଟମେଣ୍ଟରେ ଯୋଗଦେଲେ ଜଣେ ତରୁଣ ଲେକଚର୍ । ସିଏ ପଦ୍ମା ପ୍ରତି ଆକୃଷ୍ଟ ହୋଇ ନିଜର ପ୍ରେମ ନିବେଦନ କରିବାକୁ ଲାଗିଲେ । ଫିଜିକ୍ସ୍ ଲାବ୍ ସେଇ ଶିକ୍ଷକଙ୍କ ଦାୟିତ୍ୱରେ ଥିଲା । ଜାଣିଶୁଣି ସିଏ ପଦ୍ମାର ଏକ୍ସେ୍‌ପରିମେଣ୍ଟ୍ ସବୁ ଗଡବଡ

କରିଦେଉଥିଲେ । ଥିଓରୀ ଡିସ୍କସନ୍ ଓ ବୁଝେଇବାର ଆଳରେ ଆସି ପଦ୍ମା ସହିତ ଅଧିକ ସମୟ ବିତାଇବାକୁ ଚାହୁଁଥିଲେ । ତାଙ୍କ କ୍ଲାସ୍ ରେ ରହିବା ପଦ୍ମାପାଇଁ ଦିନକୁଦିନ କଷ୍ଟସାଧ ହୋଇପଡିଲା ।

ସେ ବିପଦ ଆପେଆପେ କଟିଗଲା, ଯେତେବେଳେ ଡିପାର୍ଟମେଣ୍ଟର ଏଚ୍.ଓ.ଡି ଆଉଜଣେ ଲେଡି ଲେକ୍ଚରର୍ଙ୍କୁ ସେ ଦାୟିତ୍ୱଦେଲେ ଓ ତାଙ୍କୁ ଅନ୍ୟ ଏକ ଲାବ୍ର ଦାୟିତ୍ୱରେ ରଖିଲେ ।

ଏମିତି କେତେସବୁ ଅଘଟଣ ଜୀବନରେ ଘଟିଯାଉଥିଲା, କେବଳ ପଦ୍ମାର ରୂପକୁ ନେଇ । ସାଙ୍ଗମାନେ ବି ମନ୍ତବ୍ୟ ଦେଉଥିଲେ, "ଜାଣିଲୁ ପଦ୍ମା, ତୋର ଯେମିତି ଚେହେରା ନା, ତୁ ସିନେମାର ହିରୋଇନ୍ ହେଲେ ସୁନ୍ଦର ଦିଶିବ । ନାଚ, ଗୀତ, ଆକ୍ଟିଙ୍ଗ୍ ଏସବୁ ସୁନ୍ଦର ମାନବ । ଆଉ ଏ ବୋରିଙ୍ଗ୍ ଫିଜିକ୍ସ୍ ପାଠ ପଢି ଲେକ୍ଚରର୍ ହେବାକୁ ଏ ଚେହେରା ନୁହେଁ।

ଏମିତି ଦିନେ ଭାଗ୍ୟଚକ୍ରରେ ଏକ ସୁନ୍ଦର ପରିବର୍ତ୍ତନ ଆସିଲା । ଭାଇକୁ ଓ.ଏ.ଏସ୍ ମିଳିଗଲା । ସେଇ ଖୁସିରେ ଭାଇ ଗୋଟିଏ ପାର୍ଟି ରଖିଥିଲା ତା' ସାଙ୍ଗମାନଙ୍କ ପାଇଁ । ରବି ସେତିକିବେଳେ କିଛିଦିନ ପାଇଁ ତାଙ୍କ ବଡବାପାଙ୍କ ଝିଅ ବାହାଘର ପାଇଁ ଆମେରିକାରୁ ଓଡିଶା ଆସିଥାନ୍ତି । ଭାଇ ତାଙ୍କୁ ବି ତା' ପାର୍ଟିକୁ ନିମନ୍ତ୍ରଣ କରିଥିଲା । ସେଇ ପାର୍ଟିରେ ଭାଇ ରବିଙ୍କ ସହିତ ପଦ୍ମାର ପରିଚୟ କରାଇଦେଲା । ସାଧାରଣତଃ ପଦ୍ମା ଲଜ୍ଜାଶୀଳା । ହେଲେ ରବି ଆମେରିକାର ରହୁଛନ୍ତି ଶୁଣି, ସେ ବଡ ନିଃସଙ୍କୋଚରେ ତାଙ୍କୁ ଆମେରିକା ବିଷୟରେ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିଚାଲିଲା । "ମୁଁ ବି ଚାହୁଁଛି, ଏମ୍.ଏସ୍.ସି. ପରେ ପି.ଏଚ୍.ଡି. ପାଇଁ ଆମେରିକା ଆପ୍ଲାଏ କରିବାକୁ । ମତେ ଟିକେ ଗାଇଡାନ୍ସ୍ ଦେବେ ଯଦି, ମୁଁ ବହୁତ କୃତଜ୍ଞ ରହିବି ।"

"ନିଶ୍ଚୟ, ନିଶ୍ଚୟ । ପ୍ରମୋଦଠାରୁ ଶୁଣିଲି, ତମେ ସ୍କୁଲ୍, କଲେଜରେ ବହୁତ ଭଲ କରିଛ ଓ ଫାଷ୍ଟ କ୍ଲାସ୍ ପାଇଛ । ତମକୁ ଟୋଏଫ୍ଏଲ୍ ଓ ଜି.ଆର୍.ଇ ପରୀକ୍ଷା ଦେଇ ସେଥିରେ ଭଲ ମାର୍କ ରଖିବାକୁ ପଡିବ । ତାପରେ ବିଭିନ୍ନ ୟୁନିଭର୍ସିଟିକୁ ଆପ୍ଲାଏ କରିବ । ଯଦି ଆମ ୟୁନିଭର୍ସିଟିକୁ ଆପ୍ଲାଏ କରିବ ତ, ମୁଁ ସାହାଯ୍ୟ କରିପାରିବି ।"

ରବିର ଉତ୍ତରରେ ପଦ୍ମାର ମୁହଁ ଉଜ୍ଜ୍ୱଳ ଦିଶିଲା । ଏବେ ତାର ଆମେରିକା ଯିବା ସ୍ୱପ୍ନ ସାର୍ଥକ ହେବାପାଇଁ ଗୋଟିଏ ଗତିପଥ ମିଳିଗଲା ଭଳି ପ୍ରତୀୟମାନ ହେଲା । ସେ ଅଧିକ ଖୁସିରେ

ଉଚ୍ଛୁଳ ଉଠିଲା ଓ ତା' ଆଖିରେ ଆନନ୍ଦର ଅଶ୍ରୁ ଚହଟି ଉଠିଲା । କୃତକୃତ୍ୟ ହୋଇ ସେ କହିଲା, "ଆପଣଙ୍କୁ ବହୁତ ଧନ୍ୟବାଦ । ମତେ ଯଦି ଟିକେ ଗାଇଡ୍ କରିବେ, ମୁଁ ଯେତେ ପରିଶ୍ରମ କରିବାକୁ ପଡିଲେ ବି ସେସବୁ ପରିଶ୍ରମ କରିବି ଓ ସବୁ ପରୀକ୍ଷାରେ ନିଶ୍ଚୟ ଭଲମାର୍କ ରଖି ଉତ୍ତୀର୍ଣ୍ଣ ହେବି ।"

ରବି ଏ ପର୍ଯ୍ୟନ୍ତ ଏତେ ଉଚ୍ଚାଭିଳାଷୀ, ଆଶାବାଦୀ ଓଡିଆ ଝିଅକୁ ଭେଟିନଥିଲା । ସେଥିପାଇଁ ସିଏ ପଦ୍ମାର ଏ କନ୍‌ଫିଡେନ୍‌ସ୍ ଦେଖି ଖୁସିହେଲା ଓ କହିଲା, "ଯାହା ସାହାଯ୍ୟ ଦରକାର ହେବ, ମୁଁ ତମକୁ ସେସବୁ ଯୋଗାଇଦେବି । ତମର ଆମେରିକାରେ ପି.ଏଚ୍.ଡି. କରିବାର ସ୍ୱପ୍ନ ସାର୍ଥକ ହେବାପାଇଁ ମୋର ଅନେକ ଅନେକ ଶୁଭେଚ୍ଛା ।" ଏହା କହି ରବି ଗୋଟିଏ କାଗଜରେ ତାର ଇମେଲ୍ ଓ ଫୋନ୍ ନମ୍ବର୍ ପଦ୍ମାକୁ ଦେ    ।

ସେଇ ଯେଉଁ ସ୍ୱପ୍ନ ଆରମ୍ଭହେଲା ପଦ୍ମାର, ସେଥିରେ ସେ ମଜ୍ଜିଗଲା । ରବିଙ୍କ ସହିତ ସିଏ ଇମେଲ୍ ଆଦାନପ୍ରଦାନ କରେ । ଧୀରେଧୀରେ ସେମାନଙ୍କ ବନ୍ଧୁତା ବଢିବାକୁ ଲାଗିଲା । ପଦ୍ମାର କିଛି ଫିଜିକ୍‌ସ୍ ପ୍ରଶ୍ନ ଥିଲେ, ସିଏ ରବିଙ୍କୁ ପଚାରିଦିଏ । ସେମାନେ ସ୍କାଇପରେ ବି ବେଳେବେଳେ ଭିଡିଓ କନ୍‌ଫରେନ୍‌ସ୍ କରନ୍ତି । ସେମିତି ହେଲେ, ପଦ୍ମାକୁ ପାଠ ବୁଝେଇବା ସହଜ ହୋଇଯାଏ । ଭାଇ ଓ.ଏ.ଏସ୍. ପାଇବାର ଚାରିମାସ ଭିତରେ ପଦ୍ମା ପାଇଁ ଗୋଟିଏ କଂପ୍ୟୁଟର୍ ଓ ସ୍ମାର୍ଟଫୋନ୍ କିଣିଦେଇଥିଲା । ଗୋଟିଏ ବୋଲି ଭଉଣୀ ତ ? ତା' ପାଇଁ ଖର୍ଚ୍ଚ କରିବାରେ କେବେ କାର୍ପଣ୍ୟ କରେନି ପ୍ରମୋଦ । ଯଦି ଭଉଣୀ ଆମେରିକାରେ ପି.ଏଚ୍.ଡି. ପାଇଯାଏ ତ, ତା ଭଳି ଝିଅ ସେ ଦେଶରେ ବି ନିଜକୁ ଜମାଇଦେବ ଓ ସଫଳ ହେବ । ପ୍ରମୋଦ ପଦ୍ମାପାଇଁ ଅନେକ ସ୍ୱପ୍ନ ଦେଖେ । ନିଜ ଭଉଣୀର ଅସାଧାରଣତା ତାକୁ ଭଲଲାଗେ, ଆନନ୍ଦ ଦିଏ । ଅନ୍ୟ ସାଧାରଣ ଝିଅଙ୍କ ଭଳି ସେ ଶାଢୀ, ଗହଣା, ବେଶ, ପୋଷାକ, ବାହାଘର ଇତ୍ୟାଦିର ସ୍ୱପ୍ନ ନଦେଖି ଦେଖେ ଉଚ୍ଚଶିକ୍ଷା ପାଇବାର, ଦେଶ, ବିଦେଶରେ ନିଜର ଅଭିଜ୍ଞତା ଅର୍ଜନ କରିବାର । ସତରେ ଏମିତି ଭଉଣୀଟିଏ ପାଇ ସିଏ ସତରେ ଭାଗ୍ୟବାନ ।

ଧୀରେଧୀରେ ରବି ଓ ପଦ୍ମାଙ୍କର ସ୍କାଇପରେ ବନ୍ଧୁତା ବଢିଲା । ଦିନେ ସେମାନେ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍କାଇପ୍ ରେ କଥାହେବାକୁ ସ୍ଥିର କରିଥାନ୍ତି । ହେଲେ ସେଦିନ ରବିଙ୍କ ଆଡୁ କନେକ୍‌ସନ୍ ପ୍ରୋବେଲମ୍ ଦେଖେଇଲା । ଲାଗୁଥିଲା, ସିଏ କଂପ୍ୟଟର୍ ବି ଅନ୍ କରିନାହାନ୍ତି ।

ତାଙ୍କ ଫୋନ୍‌କୁ ଲଗେଇବାକୁ ଚେଷ୍ଟା କରି ବି ପଦ୍ମା ବ୍ୟର୍ଥହେଲା । ପ୍ରଥମେ ତ ପଦ୍ମା ରାଗିଗଲା, ହେଲେ ଦୁଇଦିନ ପର୍ଯ୍ୟନ୍ତ କଛି ଖବର ନପାଇ ତା ମନ ବିଚଳିତ ରହିଲା । ଏମିତି ପ୍ରାୟ ଦୁଇଦିନ ପରେ, ରବି ଇମେଲ୍ କଲେ ଯେ ସିଏ ବଡ ଅସୁସ୍ଥ ହୋଇ ହସ୍‌ପିଟାଲରେ ପଡିଥିଲେ । ସମୁଦ୍ର ଚିଙ୍ଗୁଡି ଖାଇ ତାଙ୍କର ଆଲର୍ଜି ବାହାରିଲା । ସାଙ୍ଗମାନେ ଯଦି ତାଙ୍କୁ ସାଙ୍ଗେସାଙ୍ଗେ ହସ୍‌ପିଟାଲ୍ ନନେଇ ଥାଆନ୍ତେ, ଅବସ୍ଥା ବଡ ସାଂଘାତିକ ହୋଇଥାଆନ୍ତା ।

ପଦ୍ମା ଇମେଲ୍ ପାଇ ସାଙ୍ଗେସାଙ୍ଗେ ସ୍କାଇପରେ ଫୋନ୍ ଲଗେଇଲା । ବୁଢୀ ମାଉସୀଙ୍କ ଭଳି ଯେତେ ଉପଦେଶ ଦେବାର କଥା, ସବୁ ଦେଇଗଲା । "ବାହାର ଜାଗାରେ ଏକା ରହୁଛନ୍ତି ଆପଣ । ଟିକେ ନିଜକୁ ଜଗିରଖି ଚଳିବେନ । ପ୍ଲିଜ୍, ମୋ ସାନକଥା ମାନି ଏଣୁତେଣୁ ଖାଇଦେବେନି । ତାପରେ ଯେଉଁ ଖାଦ୍ୟରେ ଆଲର୍ଜି ହେବାର ସମ୍ଭାବନା ଥାଏ, ସେସବୁ ଟିକେ ଜଗିବେ । ପ୍ଲିଜ୍, ଆପଣ ଟିକେ ଯତ୍ନଶୀଳ ରହିବେ ।"

ଏମିତି କେତେକଥା କହିଗଲା ପଦ୍ମା । ପରେ ଯେତେବେଳେ ସେ ଏ ବିଷୟରେ ଭାବିଲା, ବୁଝିଲା ଯେ ରବିଙ୍କୁ ସିଏ କେତେ ଆପଣାର ଭାବେ । ନହେଲେ ଦେହଖରାପ କଥାଟା ଶୁଣି ମନଟା କାହିଁକି ଏତେ ବିଚଳିତ ହୋଇଗଲା । ଖାଲି ସେତିକି ନୁହେଁ, ରବିଙ୍କ ସହିତ ଦୁଇଦିନ ହେଲା କଥାବାର୍ତ୍ତା ହୋଇନଥିଲା ବୋଲି ତା ମନ କେମିତି ଘାଣ୍ଟି ହେଉଥିଲା, ଛାତି ଖାଲି ଉଠୁଥିଲା, ପଡୁଥିଲା; କୌଣସି କାମରେ ଧ୍ୟାନ ରହୁନଥିଲା ।

ରବି କଣ ଭାବିଥିବେ କେଜାଣି ?

ସେକଥା ଚିନ୍ତା କରି ପଦ୍ମାକୁ ଲାଜ ଲାଗିଲା । "ମୁଁ ଏମିତି କଣ ପାଗଳିନୀ ଭଳି କହିଗଲି ଯେ?"

ଏ ଭିତରେ ପ୍ରାୟ ବର୍ଷଟିଏ ବିତିଯାଇଥିଲା । ପଦ୍ମା ସେତେବେଳକୁ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ସାରି ଉତ୍କଳ ୟୁନିଭର୍‌ସିଟିରେ ଏମ୍.ଏସ୍.ସି. କରୁଥାଏ । ଡିପାର୍ଟମେଣ୍ଟ ର ଏଚ୍.ଓ.ଡି. ପ୍ରଫେସର୍ ସିହ୍ନା ଡିପାର୍ଟମେଣ୍ଟର ପୂର୍ବତନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଦୁଇଦିନର ମିଟିଙ୍ଗ୍ ଆୟୋଜନ କରାଉଥାଆନ୍ତି । ପଦ୍ମା ତାଙ୍କୁ ସାହାଯ୍ୟ କରୁଥାଏ । ନିମନ୍ତ୍ରଣ ଲିଷ୍ଟରେ ରବିଙ୍କ ନାମ ବି ଥାଏ । ରବି ସେଇ ଡିପାର୍ଟମେଣ୍ଟରୁ ୫ ବର୍ଷ ତଳେ ପାସ୍ କରିଥାଆନ୍ତି । ପ୍ରାୟ

ପଚ୍ଚଶ ଜଣ ପୁରୁଣା ଛାତ୍ରଛାତ୍ରୀ ଆସିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଓଡିଶାର ବିଭିନ୍ନ କଲେଜର ଅଧ୍ୟାପକ, ଅଧ୍ୟାପିକା ଥିଲେ । ଓଡିଶା ବାହାରୁ ପ୍ରାୟତଃ ୧୦ ଜଣ ଆସିଥାନ୍ତି ଓ ଆମେରିକାରୁ କେବଳ ରବି । ସେଥିପାଇଁ ରବିଙ୍କୁ ସ୍ୱତନ୍ତ୍ର ମର୍ଯାଦା ଦିଆଯାଉଥାଏ ଓ ସମସ୍ତଙ୍କର ଧ୍ୟାନ ତାଙ୍କ ଉପରେ ଥାଏ । ଆଉ ରବିର ଧ୍ୟାନ ଥାଏ ପଦ୍ମା ଉପରେ ।

ପଦ୍ମା କେତେ ସୁନ୍ଦର ଭାବରେ ସେ ଦୁଇଦିନର କାର୍ଯ୍ୟକ୍ରମ ପରିଚାଳନା କରି ଚାଲିଥାଏ, ସେ ବିଷୟ ଭାବି ପଦ୍ମା ପ୍ରତି ରବିଙ୍କର ସମ୍ମାନ ଆହୁରି ବଢିଗଲା । ଏତେଗୁଡିଏ ଭଲ ଉପାଦାନ ଭଗବାନ କେମିତି ଜଣକୁ ଏକାସାଙ୍ଗରେ ଦେଇପାରିଲେ ? ରୂପ ଯେମିତି ସୁନ୍ଦର, ପାଠରେ ବି ସେମିତି ଧୁରନ୍ଧର ଓ ଦାୟିତ୍ୱ ନେଇ ସମ୍ଭାଳବାରେ ବି ସେମିତି ବିଚକ୍ଷଣ । ଏସବୁର ସମାହାରରେ ଫୁଟିଛି ପଦ୍ମା ଭଳି ପଦ୍ମଫୁଲଟିଏ, ବାରମ୍ବାର ସେ କେମିତି ଆକର୍ଷିତ କରୁଛି ରବିଙ୍କୁ, ସେଇ ପଦ୍ମଫୁଲଟିକୁ ନଜର କରି ରଖିବାକୁ, ପାଖରେ ପାଇବାକୁ, ଛୁଇଁବାକୁ, ଜନ୍ମଜନ୍ମାନ୍ତର ପାଇଁ ସ୍ନେହ, ପ୍ରେମରେ ବୁଡେଇରଖିବାକୁ କାହିଁକି କେଜାଣି ମନ ଚାହୁଁଛି ।

"ହେ, ଏ କଣ ମୁଁ ଭାବୁଛି ପଦ୍ମା ବିଷୟରେ । ମୋର ମୁଣ୍ଡ ବୋଧହୁଏ ଖରାପ ହୋଇଗଲାଣି କି କଣ ?"

ରବିଙ୍କୁ ଏମିତି ଭାବମଗ୍ନ ଦେଖି, ପଦ୍ମା ବିବ୍ରତ ହେଲା । କହିଲା, "ବୋଧହୁଏ ଆପଣ ଏତେ ସମୟ ଟ୍ରାଭଲ୍ କରି କ୍ଲାନ୍ତ ଅଛନ୍ତି, ସେଥିପାଇଁ ଭଲ ଲାଗୁନ । ଚାଲନ୍ତୁ, ମୁଁ ଆପଣଙ୍କ ପାଇଁ ସ୍ୱତନ୍ତ୍ର ଚାହା ମଗେଇ ଦେଉଛି, ଆପଣଙ୍କୁ ଭଲ ଲାଗିବ ।"

ସତକୁ ସତ ଡିପାର୍ଟମେଣ୍ଟର ପିଅନକୁ ପଠାଇ ପାଖ କ୍ୟାଣ୍ଟିନ୍‌ରୁ ପଦ୍ମା ଚାହା ମଗେଇଲା, କେବଳ ରବି ପାଇଁ ନୁହେଁ, ଅନ୍ୟ ସମସ୍ତଙ୍କ ପାଇଁ । ତାପରେ ସିଏ ମଗେଇଥିବା ସ୍ୱତନ୍ତ୍ର ବିସ୍କୁଟ୍ ସମସ୍ତଙ୍କୁ ଖୁଆଇଲା । ରବି ସତରେ ପଦ୍ମାପ୍ରତି ଆକୃଷ୍ଟ ହେଉଥିଲା । ସେଦିନ ମିଟିଙ୍ଗର ଶେଷଦିନ । ରାତ୍ରିଭୋଜନ ପାଇଁ ସେ ପଦ୍ମାକୁ ନିମନ୍ତ୍ରଣ କଲା ।

ପଦ୍ମା ପ୍ରଥମେ ସଙ୍କୋଚ ପ୍ରକାଶ କରୁଥିଲା । ତାପରେ ପଚାରିଲା, "ମୋ ରୁମ୍ ମେଟ୍ ମିଲିଅପାଙ୍କୁ ସାଙ୍ଗରେ ନେଇପାରିବି ?"

ରବି ଗ୍ରହିହେଲା । ଗ୍ରହିଭୋଜନ ସମୟରେ ସେମାନେ ଆମେରିକାର ୟୁନଭର୍ସିଟି ସିଷ୍ଟମ୍, ପରୀକ୍ଷା ପଦ୍ଧତି, ପାଠପଢା କାର୍ଯ୍ୟକ୍ରମ, ଗ୍ରେଡିଙ୍ଗ୍ ଇତ୍ୟାଦି ବିଷୟରେ କଥାହେଲେ । ପଦ୍ମାର ସାଙ୍ଗ ମିଲି ଗଣିତରେ ପିଜି କରୁଥାଏ, ତାର ଥାଏ ଦ୍ୱିତୀୟ ବର୍ଷ । ସିଏ ବି ଆମେରିକା ଯିବାର ସ୍ୱପ୍ନ ଦେଖୁଥାଏ, ହେଲେ ତାର ଭାବୀ ସ୍ୱାମୀର ସ୍ତ୍ରୀ ହୋଇ, ପଦ୍ମା ଭଳ ଉଚ୍ଚଶିକ୍ଷାର ମୋହରେ ନୁହେଁ । ତାର ଭାବୀ ସ୍ୱାମୀ ସେଠି ଏବେ ଟି.ସି.ଏସ୍. ତରଫରୁ ଯାଇ ଗ୍ରକରି କରୁଛନ୍ତି । ଆସନ୍ତା ଜୁଲାଇରେ ସେମାନଙ୍କର ବାହାଘର ହେବ । ସେ ମିଲି ଭାରି ଡବଡବୀ, ବହୁତ କଥା କହୁଥାଏ । ସିଏ ରବିଙ୍କୁ ପଗ୍ଚରିଲା, "ଆପଣ ସତରେ ପଦ୍ମା ପାଇଁ ପରଫେକ୍ଟ ବୟଫ୍ରେଣ୍ଡ୍ । ଆପଣଙ୍କ ସହିତ ତାର ବହୁତ ଭଲ ଜମିବ । ଆପଣ ଫିଜିକ୍ସ୍, ସିଏ ବି ଫିଜିକ୍ସ୍ । ତାପରେ ସିଏ ଯେମିତି ଭଲଝିଅ, ଆପଣ ବି ସେମିତି ଭଲ ମଣିଷ ।"

"ଇଏ କଣ ? ମିଲି ଏମିତି କଣ କହିଯାଉଛି ?

ରବି ଲକ୍ଷ୍ୟକଲା ସେତେବେଳକୁ ପଦ୍ମାର ମୁହଁ ଲାଜରେ ଲାଲ୍ ପଡିଗଲାଣି । ସିଏ ମିଲିର ହାତଧରି ଚୁପ୍‌ଚୁପ୍ କହୁଥିଲା, "ତମେ କଣ କହିଯାଉଛି ମିଲିଅପା । ସେମିତି କଛି ନୁହେଁ । ସିଏ ଆମ ଡିପାର୍ଟମେଣ୍ଟର ମିଟିଙ୍ଗ୍ ଆଟେଣ୍ଡ୍ କରିବାକୁ ଆସିଛନ୍ତି ।"

ରବିକୁ ତା' ଆଡକୁ ଏମିତି ବିସ୍ମୟରେ ଗ୍ରହିଁଥିବାର ଦେଖି ମିଲି ହସରେ ଫାଟିପଡି କହିଲା, "ଆପଣ ପଦ୍ମାକୁ ଡିନର୍ ପାଇଁ ନିମନ୍ତ୍ରଣ କଲେ ତ, ମୁଁ ଭାବିଲି ଆପଣ ତାର ବୟ୍‌ଫ୍ରେଣ୍ଡ୍ ବୋଲି । ନହେଲେ .... ।"

ରବି ବି କଣ କହିବ ବୁଝିପାରିଲାନି । ତାପରେ ମୁହଁ ଖୋଲିଲା, "ପୁଅ, ଝିଅ ଯେ ଭଲ ସାଙ୍ଗ ହୋଇପାରିବେ, ସେମିତି ସଂପର୍କ ଆମ ଓଡିଶାରେ ହୁଏତ ଗ୍ରହଣୀୟ ହୋଇନ । ମୁଁ ଆଉ ପଦ୍ମା ଏକା ଗାଁର, ଏକା ସ୍କୁଲ୍‌ରୁ ବି ପାସ୍ କରିଛୁ, ଯଦିଓ ଏକା ସମୟରେ ସ୍କୁଲେ୍ର ନଥିଲୁ । ଆଉ ସଂଯୋଗବଶତଃ ଏକା ୟୁନଭର୍ସିଟିର ଏକା ଡିପାର୍ଟମେଣ୍ଟ୍ ର ବି ଛାତ୍ର, ଛାତ୍ରୀ ।"

ସେମାନେ ସେଦିନ ଖାଇସାରି ଫେରିବା ପରେ ମିଲି ପଦ୍ମାକୁ ପ୍ରଶ୍ନ ପଗ୍ଚରିପଗ୍ଚରି କ୍ଳାନ୍ତ କରାଇଦେଲା । "ଜାଣିଲୁ ପଦ୍ମା, ଯଦିବି ତୁ ତାଙ୍କୁ ଏପର୍ଯ୍ୟନ୍ତ ବୟ୍‌ଫ୍ରେଣ୍ଡ୍ ବୋଲି ଭାବିନୁ, ତେବେ ବି ଏବେଠାରୁ ତାଙ୍କୁ ବୟ୍‌ଫ୍ରେଣ୍ଡ୍ କରିଦେ । ଏତେ ଭଲପିଲା ହାତଛଡା କରିବାର ନୁହେଁ ।"

ପଦ୍ମା ସେଇକଥା ଗ୍ତିସାଗ୍ ଭ୍ବିହେଲ୍ ।

ରବି ସେଇକଥା ଗ୍ତିସାଗ୍ ଭ୍ବିହେଲ୍ ।

ପରଦିନ ସକାଳୁ ରବିର ଗାଁକୁ ଯିବାର ଥିଲ୍ । ଯିବା ପୂର୍ବରୁ ସିଏ ପଦ୍ମାକୁ ଦେଖା କରିବାକୁ ଆସିଲ୍ । ଲ୍ଜରେ ପଦ୍ମା ରବି ମୁହଁକୁ ଗ୍ହିଁପାରିଲ୍ନ । ରବି ଥଟ୍ଟାରେ କହିଲ୍, "ମିଲିଙ୍କ କଥା ଖଗ୍ପ ଭ୍ବନ । ମୋର ତମ ବୟ୍ଫ୍ରେଣ୍ଡ୍ ହେବାର ଯୋଗ୍ୟତା ନଥାଇପାରେ, ତେବେ ମୁଁ ଭଲ ଫ୍ରେଣ୍ଡ୍ ହୋଇ ରହିବି । କଥାଦେଲି ।" ଏମିତି କହି ସେ ପଦ୍ମା ସହିତ ହ୍ୟାଣ୍ଡସେକ୍ କଲ୍ ।

ପଦ୍ମା ଦେହରେ ତରଙ୍ଗ ଖେଳଗଲ୍ । "ଏଇ ବୋଧହୁଏ ପ୍ରେମ । ରବିଙ୍କୁ ସିଏ ଭଲପାଏ । ଏଇଟା ସତକଥା । ରବି କଣ ତାକୁ ଭଲପାଆନ୍ତି **?"**

ସେକଥା ସିଏ ପଗ୍ଚରିଦେଲ୍, "ଆପଣ କଣ ମତେ ଭଲପାଆନ୍ତି **?"**

ପଦ୍ମାର ସ୍ପଷ୍ଟବାଦିତାକୁ ଧନ୍ୟ କହିବ । ରବିକୁ ଆଉ ଅଭିନୟ କରିବାକୁ ଇଚ୍ଛାହେଲ୍ନ । "ପଦ୍ମା, ତମେ ଏତେ ଭଲଝିଅ ଯେ, ତମକୁ ଯିଏ କେହି ଭଲପାଇବ । ହଁ, ମୁଁ ତମକୁ ଭଲପାଏ, ବହୁତ ଭଲପାଏ ।"

"ମାନେ, ମତେ ଦିନେ ବାହାହେବେ **?"** - ପଦ୍ମା ପଗ୍ଚରିଲ୍ ।

"ହଁ, କାହିଁକି ନୁହେଁ **?** ଯଦି ସୁଯୋଗ ମିଳେ ଓ ତମ ତରଫରୁ କୌଣସି ଆପତ୍ତି ନଥାଏ ତ..... ।"

ସେଦିନର କଥା ଆଜି ବି ମନେମନେ ଗୁଣିହୁଏ ପଦ୍ମା । ମନଦୁଃଖ ବେଳେ, ସେହିକଥା ମନେପକାଇ ସେ ନିଜକୁ ଖୁସି କରେ । ସିଏ ରବିଙ୍କର ପ୍ରେମିକା ଓ ଦିନେ ତାଙ୍କର ପତ୍ନୀ ହେବ, ସେକଥା ଭ୍ବିଦେଲେ, ତାର ଆକାଶରେ ଉଡିଯିବାକୁ ମନହୁଏ । ତେଣା ଏମିତି ଲ୍ଗିଯାଏ ଯେ, ସେଠି ନିଜ ଆତ୍ମୀୟସ୍ୱଜନଙ୍କ ସ୍ନେହ, ପ୍ରେମ, ସଂପର୍କର ସବୁ ସୂତା ଛିଡିଯାଏ । ସେଠି କେବଳ ବାନ୍ଧିହୋଇଯାଏ ରବିଙ୍କର ସ୍ନେହ, ତାଙ୍କର ଭଲପାଇବା, ତାଙ୍କ ସହିତ ସୁଦୂର ଆମେରିକା ଦେଶରେ ଘରକରଣାର ଏକ ଆକର୍ଷଣୀୟ ଦୃଶ୍ୟ ।

ସେଇ କଥା ମନେପକାଇ ଆଜି ନିଜକୁ ଆଶ୍ୱସ୍ତ କଲା ପଦ୍ମା । ହଁ, ରବି ନିଶ୍ଚୟ ବୁଝିବେ । ଏବେ ନହେଲା ନାହିଁ ଦିନେନା ଦିନେ ସିଏ ରବିଙ୍କର ହେବ । ପ୍ରଥମେ ପରୀକ୍ଷା ସରୁ ।

ସେଦିନ ସ୍କୁଲ୍‌ରୁ ଫେରି ସିଏ ଭାଇକୁ ଏମିତି କହି ବୁଝେଇଦେଲା, "ଜାଣିଲୁ ଭାଇ, ମଣିଷ ସ୍ୱାଧୀନ ହେଇ ଯଦି କିଛି କାମ ନକରେ ନା, ସେ କାମ କେବେ ଭଲରେ ହୁଏନାହିଁ । ବାହାଘର ନହୋଇ, ଯଦିବି ନିର୍ବନ୍ଧ ହୋଇଯାଏ, ସେଇଟା ମୋ ମନଭିତରେ ରହିବ କି ନାହିଁ? ମୁଁ ଯେମିତି ସ୍ୱାଧୀନ ଭାବେ ଚିନ୍ତା କରି ମୋ ପାଠପଢା ପ୍ରତି ଧ୍ୟାନ ଦେଉଛି, ସାଙ୍ଗମାନଙ୍କ ସହିତ ମିଶୁଛି, ସେଥିରେ ଗୋଟିଏ ପ୍ରତିବନ୍ଧକ ଲାଗିଯିବ ନା ନାହିଁ ? ମୁଁ କୌଣସି ବି ପ୍ରତିବନ୍ଧକ ଚାହେଁ ।"

ପ୍ରମୋଦ ବୁଝୁଥିଲା, "ମୋର ଏ ଭଉଣୀ ଅସାମାନ୍ୟା । ନାଁ, ପରୀକ୍ଷା ପୂର୍ବରୁ ତାର ନିର୍ବନ୍ଧ କି ବାହାଘର କିଛି ବି କରାଯାଇପାରିବନି । ବାପା, ବୋଉଙ୍କୁ ସେଥିପାଇଁ ମୁଁ ବୁଝେଇବି ।"

ଏମିତି କହି ସେ ଭଉଣୀର ଶୁଖିଲା ମୁହଁରେ ହସ ଖେଳାଇବାକୁ କହିଲା, "ବୁଝିଲୁ ପଦ୍ମା, ଜମା ଚିନ୍ତା କରନା, ତୁ ନିଶ୍ଚୟ ମୁକ୍ତ ମନରେ ତୋ ପରୀକ୍ଷା ପାଇଁ ପ୍ରସ୍ତୁତି କରିବୁ । ମୁଁ ବାପା, ବୋଉଙ୍କୁ ବୁଝେଇବାର ଦାୟିତ୍ୱ ନେଲି ।"

ପଦ୍ମା ପୁଣି ସ୍ୱପ୍ନ ଦେଖିବାରେ ମଜ୍ଜିଗଲା । ଉଚ୍ଚଶିକ୍ଷା ସଂପୂର୍ଣ୍ଣ କରିବାର ସ୍ୱପ୍ନରେ ତାର ମନ ତ ଉଚ୍ଛୁଳିଉଠିଲା; ଆଉ ରବିଙ୍କ ସହିତ ଆମେରିକାରେ ଘର, ସଂସାର କରିବାର ସ୍ୱପ୍ନ ତା' ହୃଦୟରେ ଆନନ୍ଦର ଏମିତି ଏକ ବିଦ୍ୟୁତ୍ ଖେଳେଇଦେଲା ଯେ, ତାର ଶିରା, ପ୍ରଶିରାରେ ସେ ସବୁ ପ୍ରବାହିତ ହୋଇ ତାକୁ ଏକ ସୁଖଦ ଅନୁଭବରେ ଆଶକ୍ତ କରିବାକୁ ଲାଗିଲେ ।

ଅଗଣାରେ ପଡିଥିବା ଚେୟାର୍ ଉପରେ ସେ ବସୁବସୁ, ତା ଆଖି ବୁଜି ହୋଇଗଲା ଓ ସେ ସ୍ୱପ୍ନରେ ହଜିଗଲା ।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଜୀବନ: ଏକ ଅଲେଖା ଦଲିଲ୍



ନୃସିଂହ ଚରଣ ବେହେରା

ଜୀବନତ ଏକ ଅଲେଖା ଦଲିଲ
ଜନ୍ମରୁ ମୃତ୍ୟୁ ଯାଏ
ଏ ମର୍ତ୍ତ୍ୟ ମଣ୍ଡଳେ ଯିଏ ଜନମିଛି
ସିଏ ମରଣକୁ ବରିଥାଏ ।
ଦୁନଆର ଏହି ରଙ୍ଗମଞ୍ଚରେ
ଆମେ ସର୍ବେ କଳାକାର
ନଜ ନଜ ଅଭିନୟ ସାରି
ବାହୁଡିବା ସ୍ୱର୍ଗଦ୍ୱାର ।
ଜନମ ବେଳର କୁଆଁ କୁଆଁ ରାବ
ସ୍ନିଗ୍ଧ କୋମଳ ଶରୀର
ଚନ୍ଦ୍ରକଳା ପରି ବଢି ବଢି ଯାଏ
ଯେ ସନ ବାଳ ସୂରୁଜ ।
କୈଶୋର ସମୟ ଅତି ମନୋହର
ରହୁଁ ରହୁଁ ବିତିଯାଏ
ଯୌବନରେ ମନ ବେଗବତୀ ନଦୀ
ଅମଡା ବି ମାଡି ଯାଏ ।

ମଧ୍ୟାହ୍ନରୁ ଭରା କର୍ତ୍ତବ୍ୟରେ ଭରା
କାମନା ତ ସୀମାହୀନ
ଅସ୍ତଗାମୀ ସୂର୍ଯ୍ୟ ପରିକା ବାର୍ଦ୍ଧକ୍ୟ
ତନୁ ମନ କରେ କ୍ଷୀଣ ।
ସମୟର ରଥ ଗଡି ଗଡି ଚାଲେ
ପିଣ୍ଡୁ ଚାଲିଯାଏ ପ୍ରାଣ
ମଡା ବୋଲି କହି ନ ଛୁଇଁବେ କେହି
ଶରୀର ହୋଇବ ଲୀନ ।
ଜୀବନଟା ନୁହେଁ ନରାଶାର ବାଲି
ଭରିଅଛି ସମ୍ଭାବନା
ସୁଖ ଦୁଃଖ ମିଶା ଏଇତ ଜୀବନ
ମାୟା ବନ୍ଧନରେ ବନ୍ଧା ।

ଭୋଇନଗର, ଭୁବନେଶ୍ୱର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com

# ସତୀ



ଅନୁସୂୟା ମିଶ୍ର

"ସତ୍"ର ଆଶ୍ରିତା ହିଁ ସତୀ । ସତ୍ କହିଲେ ସତ୍ୟକୁ ବୁଝାଏ । ସମଗ୍ର ସୃଷ୍ଟି ମିଥ୍ୟା ବା ମାୟା କବଳିତ ହେଲେ ମଧ୍ୟ, ସୃଷ୍ଟି ମୂଳରେ ଥିବା ସୃଷ୍ଟିକାରିଣୀ ଶକ୍ତି ମାୟାର ଊର୍ଦ୍ଧ୍ୱରେ । କାରଣ ମାୟା ତାଙ୍କରି ଦ୍ୱାରା ସୃଷ୍ଟ । ସେଇ ଶକ୍ତି ହିଁ ଏକମାତ୍ର ସତ୍ୟ । ସାଧାରଣ ଭାବରେ ସେହି ଶକ୍ତିଙ୍କୁ ଆମେ ଭଗବାନ୍ ବୋଲି ବୁଝିଥାଉ । ତେଣୁ ଏକମାତ୍ର ଭଗବାନ୍ ହେଉଛନ୍ତି ସତ୍ ସ୍ୱରୂପ । ଯିଏ ଭଗବାନଙ୍କୁ ଆଶ୍ରୟ କରିଥାଏ ସିଏ ହିଁ ସତୀ । ପତି ତ ମାଧ୍ୟମଟିଏ । ପତିଙ୍କୁ ଅବଲମ୍ବନ କରି ନାରୀର ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ନିଷ୍ଠା ଯେତେବେଳେ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପିତ ହୁଏ, ସେହି ନାରୀ ସତୀ ପଦବାଚ୍ୟା ହୋଇଥାଏ । ବାହ୍ୟିକ ଭାବରେ ପତିଙ୍କ ସଂପର୍କିତ କାର୍ଯ୍ୟାଦନୀରେ ଲିପ୍ତ ରହୁଥିଲେ ମଧ୍ୟ ପ୍ରତି ମୁହୂର୍ତ୍ତରେ ସେ ଭଗବାନଙ୍କ ସାଙ୍ଗରେ ଯୋଡି ହୋଇ ରହିଥାଏ । ଆମେ ଯାହାର ଚିନ୍ତା କରୁ, ଅଥବା ଚେତନା ସ୍ତରରେ ଯାହା ସଙ୍ଗେ ସଂଯୁକ୍ତ ହୋଇ ରହୁ, ଅଲକ୍ଷ୍ୟରେ ତାଙ୍କ ଶକ୍ତି ଆମ ମଧ୍ୟରେ ସଞ୍ଚାରିତ ହୋଇଯାଏ । ବଣଜଙ୍ଗଲରେ ତପସ୍ୟା କରି ମୁନିଋଷିମାନେ ଅସାଧାରଣ ଶକ୍ତିର ଅଧିକାରୀ ହେବା ବିଷୟ ଆମେ ଜାଣିଛେ । ଏହି ତପସ୍ୟା ଏକନିଷ୍ଠ ଭାବେ ଭଗବାନଙ୍କ ଚିନ୍ତା ବ୍ୟତୀତ ଅନ୍ୟ କିଛି ନୁହେଁ । କୌଣସି କୁଚ୍ଛ୍ର ସାଧନା ବା ତପସ୍ୟା ନକରି, ଗୃହ ମଧ୍ୟରେ ରହି ସତୀନାରୀଙ୍କ ମଧ୍ୟରେ ମଧ୍ୟ ସେହିପରି ଅସାଧାରଣ ତେଜ, ତଥା ଶକ୍ତିର ସ୍ଫୁରଣ ହୋଇଥାଏ । କାରଣ ସ୍ୱାମୀଙ୍କ ମାଧ୍ୟମରେ ସେ ସର୍ବଦା ଭଗବାନଙ୍କ ଧ୍ୟାନରେ ଲିପ୍ତ ରହିଥାଆନ୍ତି ।

ଏହି ପରିପ୍ରେକ୍ଷୀରେ କେତେକ ପୌରାଣିକ କାହାଣୀର ଆଲୋଚନା କରାଯାଇପାରେ । ଏକଦା କୌଶିକ ନାମରେ ଜଣେ ବ୍ରାହ୍ମଣ ତପସ୍ୱୀ ଗୋଟିଏ ଗଛମୂଳରେ ବସି ତପସ୍ୟା କରୁଥିବା ସମୟରେ ଗଛ ଉପରେ ବସିଥିବା ବଗଟିଏ ତାଙ୍କ ଉପରେ ମଳତ୍ୟାଗ କରିଦେଲା । ବ୍ରାହ୍ମଣ ଅତ୍ୟନ୍ତ କ୍ରୋଧିତ ଦୃଷ୍ଟିରେ ଚାହିଁବା ମାତ୍ରକେ ବଗଟି ତତକ୍ଷଣାତ୍ ଧ୍ୱଂସୀଭୂତ ହୋଇଗଲା । ନିରୀହ ପକ୍ଷୀଟିର ଏତାଦୃଶ୍ୟ ମୃତ୍ୟୁରେ ଦୁଃଖିତ ହେଲେ ମଧ୍ୟ ବ୍ରାହ୍ମଣଙ୍କ ମନରେ ନିଜ ତପଃଶକ୍ତିକୁ ନେଇ ଗର୍ବ ଦେଖାଦେଲା । ଭିକ୍ଷା ଉଦ୍ଦେଶ୍ୟରେ ସେଠାରୁ ଯାଇ ସେ ଜଣେ ଗୃହସ୍ଥଙ୍କ ଦ୍ୱାରରେ ଉପସ୍ଥିତ ହେଲେ । ଠିକ୍ ସେହି ସମୟରେ ଗୃହସ୍ୱାମୀ ମଧ୍ୟ କ୍ଲାନ୍ତଶ୍ରାନ୍ତ

ଅବସ୍ଥାରେ ଆସି ପହଞ୍ଚିଲେ । ଗୃହିଣୀ ବ୍ରାହ୍ମଣଙ୍କୁ କିଛି ସମୟ ଅପେକ୍ଷା କରିବାକୁ ଅନୁରୋଧ କରି ସ୍ୱାମୀଙ୍କ ସେବା ପରିଚର୍ଯ୍ୟା କରିବା ପାଇଁ ଗୃହମଧ୍ୟକୁ ଗଲେ । ଗୃହିଣୀଙ୍କର ବିଳମ୍ବ ହେବା ଦେଖି ଅପେକ୍ଷାରତ ବ୍ରାହ୍ମଣ ନିଜକୁ ଅବହେଳିତ, ତଥା ଅପମାନିତ ମନେକଲେ । କିଛି ସମୟ ଉପରାନ୍ତେ ଗୃହିଣୀ ଭିକ୍ଷା ସାମଗ୍ରୀ ସହ ତାଙ୍କ ସମ୍ମୁଖରେ ଉପସ୍ଥିତ ହେବାରୁ ସେ କ୍ରୋଧପ୍ରକାଶ କଲେ । ସେତେବେଳେ ଗୃହିଣୀ ଜଣକ ଅତି ବିନୀତ ଭାବରେ ତାଙ୍କୁ ବୁଝାଇ କହିଥିଲେ ଯେ ବଗଟି ସିନା ଧ୍ୱଂସ ହୋଇଗଲା, ମାତ୍ର ତାଙ୍କ ଉପରେ ବ୍ରାହ୍ମଣଙ୍କ କ୍ରୋଧର କୌଣସି ପ୍ରଭାବ ପଡିବନି । କାରଣ ସେ କିଛି ଭୁଲ୍ ବା ଅସତ୍ କାମ କରିନାହାନ୍ତି । ବ୍ରାହ୍ମଣଙ୍କ ସେବା ଅପେକ୍ଷା ସେହି ସମୟରେ ସ୍ୱାମୀଙ୍କ ସେବାର ଗୁରୁତ୍ୱ ଅଧିକ ଥିବାରୁ ସେ ସ୍ୱାମୀଙ୍କୁ ପ୍ରାଧାନ୍ୟ ଦେଇଥିଲେ । ଗୃହିଣୀଙ୍କର ତ୍ରିକାଳଦର୍ଶିତାର ପରିଚୟ ପାଇ ବ୍ରାହ୍ମଣ ଆଶ୍ଚର୍ଯ୍ୟାନ୍ୱିତ ହେବାସଙ୍ଗେ ସଙ୍ଗେ ନିଜ ବ୍ୟବହାର ପାଇଁ ଲଜ୍ଜିତ ହୋଇଥିଲେ । କହିବା ବାହୁଲ୍ୟ, ଗୃହିଣୀ ଜଣଙ୍କ ଜଣେ ସତୀ ନାରୀ ଥିଲେ । ସ୍ୱାମୀଙ୍କ ସେବା ମାଧ୍ୟମରେ ଭଗବାନଙ୍କ ଉଦ୍ଦେଶ୍ୟରେ ତପସ୍ୟାଜନିତ ଶକ୍ତିଠାରୁ ଅଧିକ ଶକ୍ତିର ଅଧିକାରିଣୀ ହୋଇ ପାରିଥିଲେ । ସେହି ଶକ୍ତି ବଳରେ ସେ ଘରେ ଥାଇ ମଧ୍ୟ ବ୍ରାହ୍ମଣଙ୍କ କ୍ରୋଧାଗ୍ନିରେ ବଗଟିର ମୃତ୍ୟୁ ବୃତ୍ତାନ୍ତ ପ୍ରତ୍ୟକ୍ଷ କରି ପାରିଥିଲେ ।

ସାବିତ୍ରୀଙ୍କ ଉପାଖ୍ୟାନ କିଏ ବା ନ ଜାଣେ । ବିବାହ ପୂର୍ବରୁ ନାରଦ ମୁନୀଙ୍କଠାରୁ ସ୍ୱାମୀଙ୍କ ଅଳ୍ପାୟୁ ବିଷୟ ଅବଗତ ଥିଲେ ମଧ୍ୟ ସାବିତ୍ରୀ ନିଜର ସମସ୍ତ ସୁଖ, ସମସ୍ତ ଐଶ୍ୱର୍ଯ୍ୟକୁ ତ୍ୟାଗ କରି ଜଙ୍ଗଲ ମଧ୍ୟରେ ସ୍ୱାମୀ, ତଥା ଶାଶୁ ଶ୍ୱଶୁରଙ୍କୁ ନେଇ ସଂସାର କରିବାକୁ ଆଗେଇ ଯାଇଥିଲେ । ବିବାହର ଅଳ୍ପ କାଳ ପରେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା । ସତୀତ୍ୱର ଅସାଧାରଣ ଶକ୍ତି ବଳରେ, ତଙ୍କ ସ୍ୱାମୀଙ୍କ ଆତ୍ମାକୁ ନେଇ ଯିବା ସମୟରେ ଯମଙ୍କୁ ସେ ସ୍ୱଚକ୍ଷୁରେ ଦେଖି ପାରିଥିଲେ । ସ୍ୱାମୀଙ୍କୁ ଫେରାଇନେବା ଜିଦ୍ ରେ ସେ ଯମଙ୍କୁ ଅନୁସରଣ କରିଥିଲେ । ତାଙ୍କ ପତିନିଷ୍ଠା ତଥା ସତୀତ୍ୱ ନିକଟରେ ମୃତ୍ୟୁ ମଧ୍ୟ ହାର୍ ମାନିଥିଲା । ସ୍ୱାମୀଙ୍କ ଜୀବନ ଫେରାଇ ଦେବା ସହିତ ଯମ ତାଙ୍କୁ ଶତପୁତ୍ରର ଆଶିର୍ବାଦ ମଧ୍ୟ ଦେଇଥିଲେ ।

ସତୀ ଅନସୂୟାଙ୍କ ପ୍ରସଙ୍ଗ ମଧ୍ୟ ଏଠାରେ ଉଲ୍ଲେଖ୍ୟଯୋଗ୍ୟ । ଅନସୂୟାଙ୍କର ସ୍ୱାମୀ କୁଷ୍ଠରୋଗରେ ଆକ୍ରାନ୍ତ ଏବଂ ବେଶ୍ୟାସକ୍ତ ଥିଲେ । ମାତ୍ର ସେଥିପାଇଁ ଅନସୂୟାଙ୍କ ମନରେ ତିଳେମାତ୍ର ବିକାର ନଥିଲା । ସେ ନିଜ ବ୍ୟବହାର ଦ୍ୱାରା ବେଶ୍ୟା ଲକ୍ଷ୍ୟୋହୀରାକୁ ସନ୍ତୁଷ୍ଟ କରି ରାଜି କରାଇଥିଲେ ତାଙ୍କ ସ୍ୱାମୀଙ୍କ ସହ କିଛି ସମୟ ବିତାଇବା ପାଇଁ । ଏଥିରୁ ଲକ୍ଷ୍ୟ କରାଯାଇପାରେ ଯେ ସ୍ୱାମୀଙ୍କର ବାହ୍ୟରୂପ ବା ବାହ୍ୟିକ ଗ୍ଳାନିଚଳନର କୌଣସି ପ୍ରଭାବ

ନଥିଲା ଅନସୂୟାଙ୍କ ଉପରେ । ତାଙ୍କ ମନରେ ସମସ୍ତ ନିଷ୍ଠା ଥିଲା ସ୍ୱାମୀଙ୍କ ଆତ୍ମାରେ ପର୍ଯ୍ୟବେଶିତ ପରମାତ୍ମାଙ୍କ ସତ୍ତା ପ୍ରତି । ତେଣୁ ସେ ସତୀ ହିସାବରେ ପରିଚିତା । ଏକଦା ସ୍ୱାମୀଙ୍କ ଖୁସି ପାଇଁ କୁଷ୍ଠରୋଗରେ ବିଗଳିତ ତାଙ୍କ ଶରୀରକୁ କାନ୍ଧରେ ଉଠାଇ ଅନସୂୟା ବେଶ୍ୟାର ଦ୍ୱାରରେ ଯାଇ ଉପସ୍ଥିତ ହେଲେ । ତାଙ୍କର ପତିନିଷ୍ଠାରେ ପ୍ରଭାବିତ ହୋଇ ବେଶ୍ୟା ଲକ୍ଷ୍ୟହୀରା ହିଁ ତାଙ୍କ ସ୍ୱାମୀଙ୍କୁ ସତୀଙ୍କ ମାହାତ୍ମ୍ୟ ବୁଝାଇ ଫେରାଇ ଦେଇଥିଲେ । ଫେରିବା ପଥରେ ରାତ୍ରିର ଅନ୍ଧକାର ମଧ୍ୟରେ ଜଣେ ଋଷିଙ୍କ ଦେହରେ ତାଙ୍କ ସ୍ୱାମୀଙ୍କ ଗୋଡ ବାଜି ଯାଇଥିଲା । ଋଷି କ୍ରୋଧ ପରବଶ ହୋଇ ଅଭିଶାପ ଦେଇଥିଲେ ଯେ ରାତି ପାହିଲେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହେବ । ଦୁଃଖରେ ମ୍ରିୟମାଣ ଅନସୂୟା ସ୍ୱାମୀଙ୍କ ଜୀବନରକ୍ଷା ଉଦ୍ଦେଶ୍ୟରେ ରାତିକୁ ନ ପାହିବା ପାଇଁ ଆଦେଶ ଦେଇଥିଲେ । ସତୀଙ୍କ ବାକ୍ୟକୁ ଅତିକ୍ରମ କରିବାର ସାଧ ସୂର୍ଯ୍ୟଙ୍କର ନଥିଲା । ଫଳରେ ସୃଷ୍ଟିରେ ବିଶୃଙ୍ଖଳା ଦେଖାଦେଲା । ଅଗତ୍ୟା, ସ୍ୱୟଂ ଭଗବାନଙ୍କୁ ଅନସୂୟାଙ୍କ ସମ୍ମୁଖରେ ଆସି ଉପସ୍ଥିତ ହେବାକୁ ପଡିଲା । ସତୀଙ୍କୁ ଶାନ୍ତ କରିବା ଉଦ୍ଦେଶ୍ୟରେ ସେ ତାଙ୍କୁ ସ୍ୱଦେହରେ ସ୍ୱର୍ଗକୁ ନେଇଯାଇଥିଲେ । ସ୍ୱର୍ଗର ଐଶ୍ୱର୍ଯ୍ୟ ମଧ୍ୟରେ ବି ଅନସୂୟା ସର୍ବତ୍ର ଭଗବାନଙ୍କୁ ପ୍ରତ୍ୟକ୍ଷ କରିଥିଲେ । ଏଥିରୁ ସ୍ପଷ୍ଟ, ଅନ୍ତରରେ ସେ ସର୍ବଦା ଭଗବାନଙ୍କ ସହ ସଂଯୁକ୍ତ ରହୁଥିଲେ । ଅନସୂୟାଙ୍କର ଭଗବଦଗତ ପ୍ରାଣରେ ସନ୍ତୁଷ୍ଟ ହୋଇ ଭଗବାନ୍ ଋଷିଙ୍କ ଅଭିଶାପର ପ୍ରଭାବକୁ ଖଣ୍ଡନ କରିଥିଲେ । ଭଗବାନଙ୍କ ଅନୁରୋଧ କ୍ରମେ ସତୀ ନିଜ ବାକ୍ୟକୁ ଫେରାଇ ନେବା ପରେ ହିଁ ପୂର୍ବାକାଶରେ ଉଦୟ ହେବାକୁ ସମର୍ଥ ହୋଇଥିଲେ ସୂର୍ଯ୍ୟ ।

ଅନ୍ୟ ଜଣେ ମହାନ୍ ସତୀ ହେଉଛନ୍ତି ଅତ୍ରି ମୁନୀଙ୍କ ପତ୍ନୀ ଅନସୂୟା । ଏକଦା ଲକ୍ଷ୍ମୀ, ସରସ୍ୱତୀ ଓ ପାର୍ବତୀଙ୍କ ପ୍ରରୋଚନାରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତାଙ୍କ ସତୀତ୍ୱର ପରୀକ୍ଷା କରିବାକୁ ମନସ୍ଥ କରି ଅନସୂୟାଙ୍କ ନିକଟରେ ଉପସ୍ଥିତ ହେଲେ । ସତୀ ସେମାନଙ୍କ ମନୋଭାବକୁ ପଢିନେଇ ନିଜର ମନ୍ତ୍ରଶକ୍ତି ପ୍ରଭାବରେ ସେମାନଙ୍କୁ ତିନୋଟି ଶିଶୁରେ ପରିଣତ କରି ଦେଇଥିଲେ ଏବଂ ସେମାନଙ୍କ ଅଭିପ୍ରାୟ ମୁତାବକ ସେମାନଙ୍କୁ ନିଜର ସ୍ତନ୍ୟପାନ କରାଇଥିଲେ । ପରେ, ନିଜ ଆଚରଣରେ ଲଜ୍ଜିତ ତିନିଦେବୀ ଲକ୍ଷ୍ମୀ, ସରସ୍ୱତୀ ଓ ପାର୍ବତୀ ଅନସୂୟାଙ୍କର ଦ୍ୱାରସ୍ଥ ହେବାରୁ ସତୀ ନିଜ ଶକ୍ତିର ପ୍ରଭାବରୁ ମୁକ୍ତ କରି ତିନି ଦେବତାଙ୍କୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିଥିଲେ । ଏଥିରୁ ସ୍ପଷ୍ଟ ଯେ ଭଗବାନ୍ ମଧ୍ୟ ସତୀତ୍ୱର ଶକ୍ତିକୁ ଅତିକ୍ରମ କରିଯାଆନ୍ତି ନାହିଁ ।

**ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀସ୍ତଥା**
**ପଞ୍ଚକନ୍ୟା ସ୍ମରେ ନତ୍ୟଂ ମହାପାତକ ନାଶନଂ ।**

ଉପରୋକ୍ତ ଶ୍ଳୋକ ଅନୁଯାୟୀ ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ ଏବଂ ମନ୍ଦୋଦରୀ – ଏହି ପାଞ୍ଚଜଣ ନାରୀଙ୍କୁ ପ୍ରତ୍ୟହ ସ୍ମରଣ କଲେ ମହାପାପରୁ ମୁକ୍ତି ମିଳଥାଏ । ସାଧାରଣ ସାମାଜିକ ଚଳଣୀ ଅନୁଯାୟୀ ଏକାଧିକ ପୁରୁଷଙ୍କ ସାଙ୍ଗେ ସମ୍ପର୍କ ରଖିବାକୁ ପାପକାର୍ଯ୍ୟ ହିସାବରେ ବିବେଚନା କରାଯାଏ ଏବଂ ଯେଉଁ ନାରୀ ଏକାଧିକ ପୁରୁଷଙ୍କୁ ପତି ହିସାବରେ ଗ୍ରହଣ କରିଥାଏ, ତାକୁ ଅସତୀ ଆଖ୍ୟା ଦିଆଯାଇଥାଏ । ମାତ୍ର ଶ୍ଳୋକ ରେ ବର୍ଣ୍ଣିତ ପାଞ୍ଚଜଣ ନାରୀଙ୍କ ମଧ୍ୟରେ ପ୍ରତ୍ୟେକଙ୍କର ଏକାଧିକ ପୁରୁଷଙ୍କ ସଙ୍ଗେ ସଂପର୍କ ରହିଥିବାର ପୁରାଣରେ ଦେଖିବାକୁ ମିଳେ । ଅଜ୍ଞାତସାରରେ ହେଲେ ମଧ୍ୟ ଗୌତମଋଷିଙ୍କ ପତ୍ନୀ ଅହଲ୍ୟା ଛଦ୍ମବେଶୀ ଇନ୍ଦ୍ରଙ୍କୁ କଛିକ୍ଷଣ ପାଇଁ ପତି ହିସାବରେ ଗ୍ରହଣ କରିଥିଲେ । ଦ୍ୱାପର ଯୁଗରେ ଶ୍ରୀରାମଙ୍କ ଦ୍ୱାରା ଆଦିଷ୍ଟ ହୋଇ ରାବଣଙ୍କ ମୃତ୍ୟୁ ପରେ ମନ୍ଦୋଦରୀ ବିଭୀଷଣଙ୍କୁ ବିବାହ କରିଥିଲେ ଏବଂ ବାଳୀଙ୍କ ମୃତ୍ୟୁ ପରେ ତାରା ସୁଗ୍ରୀବଙ୍କୁ ପତି ହିସାବରେ ଗ୍ରହଣ କରିଥିଲେ । ଶାରୀରିକ ସମ୍ପର୍କ ନଥିଲେ ମଧ୍ୟ ପାଣ୍ଡୁଙ୍କୁ ବିବାହ କରିବା ପୂର୍ବରୁ କୁନ୍ତୀ ସୂର୍ଯ୍ୟଙ୍କ ଔରସରୁ ଏକ ସନ୍ତାନର ଜନନୀ ହୋଇଥିଲେ । ସେହିପରି ମାତା କୁନ୍ତୀ ଅଜ୍ଞାତତାବଶତଃ ଦେଇଥିବା ଆଦେଶକୁ ପାଳନ କରି ଦ୍ରୌପଦୀ ପାଞ୍ଚପତିଙ୍କୁ ବରଣ କରିଥିଲେ । ତଥାପି, ହିନ୍ଦୁ ପୁରାଣରେ ଏହି ପାଞ୍ଚଜଣଙ୍କୁ ସତୀର ଆଖ୍ୟା ଦିଆଯିବାର ତାତ୍ପର୍ଯ୍ୟ ଏତିକ ଯେ ସେମାନଙ୍କ ସମ୍ପର୍କ ସ୍ୱାମୀଙ୍କର ପାର୍ଥୀବ ଶରୀରରେ ସୀମାବଦ୍ଧ ନଥିଲା । ସେମାନଙ୍କର ଏକନଷ୍ଠ ଅନୁରକ୍ତି ସ୍ୱାମୀଙ୍କ ଅନ୍ତରସ୍ଥ ଭଗବତ୍ ସତ୍ତାଙ୍କଠାରେ ହିଁ ନହିତ ଥିଲା । ତେଣୁ ଶରୀର ଭିନ୍ନ ହେଲେ ମଧ୍ୟ ସେମାନଙ୍କ ମନରେ ଅକାଗ୍ରତା ପ୍ରତିଟି ଶରୀର ମଧ୍ୟରେ ସେହି ଜଣଙ୍କଠାରେ ପର୍ଯ୍ୟବେଶିତ ଥିଲା – ଭଗବାନ୍ । ମନ ମଧ୍ୟରେ ଜଣଙ୍କ ବ୍ୟତୀତ ଦ୍ୱିତୀୟ ପୁରୁଷଙ୍କର ଆଭାସ ଥିଲେ ସିନା ସେମାନଙ୍କୁ ଅସତ୍ ପଥଗାମୀ କୁହାଯାଇ ଥାଆନ୍ତା ବା ସେମାନେ ଅସତୀ ହୋଇଥାଆନ୍ତେ ।

ଉପରୋକ୍ତ ଆଲୋଚନାରୁ ଏହି ଭୁଲ୍ ଧାରଣା ନହେଉ ଯେ ଯେଉଁ ନାରୀ ସ୍ୱାମୀଙ୍କ ମଧ୍ୟରେ ଭଗବତ୍ ସତ୍ତାଙ୍କୁ ଅନୁଭବ କରିବାକୁ ଅସମର୍ଥ ହେଲେ ସେ ଅସତୀ ପଦବାଚ୍ୟା । କାୟମନୋବାକ୍ୟରେ, ପତିଙ୍କଠାରେ ଯିଏ ଏକାନ୍ତ ଭାବେ ଅନୁରକ୍ତା ତାଙ୍କୁ କୁହାଯାଏ ପତିବ୍ରତା । ସ୍ୱାମୀ ହିଁ ସେମାନଙ୍କର ବ୍ରତ, ସେମାନଙ୍କର ପୂଜା, ତଥା ସେମାନଙ୍କ ମାନସିକତାର ଏକମାତ୍ର ଅଧିପତି । ସାଧାରଣ ଭାବରେ ସତୀ ଓ ପତିବ୍ରତା, ଏହି ଶବ୍ଦ ଦୁଇଟିକୁ ଏକ ଅର୍ଥରେ ବ୍ୟବହାର କରାଯାଏ । ମାତ୍ର ଶବ୍ଦ ଦୁଇଟିରେ ଥିବା ମୌଳିକ ପାର୍ଥକ୍ୟ ଏତିକ ଯେ, ଯିଏ

ସ୍ୱାମୀଙ୍କ ମଧ୍ୟରେ ଭଗବାନ୍ ଙ୍କୁ ପ୍ରତ୍ୟକ୍ଷ୍ୟ କରନ୍ତି ସେ ସତୀ, ଏବଂ ଯିଏ ସ୍ୱାମୀଙ୍କୁ ହିଁ ଭଗବାନ୍ ବୋଲି ପ୍ରତ୍ୟକ୍ଷ କରନ୍ତି ସେ ହେଉଛନ୍ତି ପତିବ୍ରତା। ସତୀଙ୍କ ମନରେ ନିଷ୍ଠା ଭଗବାନଙ୍କଠାରେ ସମର୍ପିତ ହୁଏ, ମାତ୍ର ପତିବ୍ରତା ନାର୍ଙ୍କ ନିଷ୍ଠା ସ୍ୱାମୀଙ୍କଠାରେ ହିଁ ସୀମାବଦ୍ଧ ରହେ । ସତୀ ନାରୀ ଭଗବତ୍ ଶକ୍ତିରେ ଶକ୍ତିମତୀ ହୋଇଥାଆନ୍ତି, ଆଉ ପତିବ୍ରତା, ପତିଙ୍କ ଶକ୍ତିରେ । ତେଣୁ ପତିବ୍ରତା ନାରୀଙ୍କଠାରୁ ବହୁ ଉର୍ଦ୍ଧ୍ୱରେ ସତୀନାରୀଙ୍କ ସ୍ଥାନ ।

ଆଧୁନିକ ନାରୀମାନଙ୍କ କ୍ଷେତ୍ରରେ ଏହି ସତୀ, ତଥା ପତିବ୍ରତାର ଉପାଖ୍ୟାନ କିହାତି ଅବାନ୍ତର ମନେ ହେଉଥିଲେ ମଧ୍ୟ ସମ୍ପର୍କ ମଧ୍ୟରେ ସେହି ନିଷ୍ଠାର ଅଭାବ ଯୋଗୁଁ ଆଜିକାଲି, ସାମାଜିକ ଚଳଣୀରେ ଏତେ ବିଶୃଙ୍ଖଳା ଦେଖାଦେଉଛି। ସମୟର ପ୍ରଭାବରେ ପାରିପାର୍ଶ୍ୱିକ ପରିସ୍ଥିତି ବଦଳଗଲେ ମଧ୍ୟ ଆଜିବି ଆମମାନଙ୍କ ଚନ୍ତାଧାରାରେ, ଆମର ମାନସିକତାରେ ଭଗବାନ୍ ହିଁ ଏକମାତ୍ର ସତ୍ୟ। ଯିଏ ଯେଉଁ ରୂପରେ ତାଙ୍କ ପ୍ରତି ବିଶ୍ୱାସର ସ୍ଥାପନା କଲେ ମଧ୍ୟ ଆଜିବି ଆମର ଧାରଣା ଯେ ସିଏ ହିଁ ସମଗ୍ର ସୃଷ୍ଟିର ସବୁଠାରୁ ଶକ୍ତିଶାଳୀ ଏକ ସତ୍ତା। ଆଧୁନିକତାର ପ୍ରଭାବ ଥିଲେ ମଧ୍ୟ ଆଜିବି ଆମ ମନ ସେହି ଭଗବତ୍ ସତ୍ତା ପ୍ରତି ଭକ୍ତି ଓ ବିଶ୍ୱାସରେ ନଇଁଯାଏ । ପ୍ରତ୍ୟେକ ମଣିଷ ମଧ୍ୟରେ ସେହି ଭଗବାନଙ୍କର ଅଂଶଟିଏ ଆତ୍ମାରୂପରେ ଅଛନ୍ତି । ସ୍ୱାମୀଙ୍କ ମଧ୍ୟରେ ସେହି ଭଗବତ୍ ସତ୍ତାଙ୍କୁ ଅନୁଭବ କରିବାର ଅର୍ଥ ନୁହେଁ ଯେ ସ୍ୱାମୀଙ୍କୁ ମନ୍ଦିରରେ ବସାଇ ଘଣ୍ଟଘଣ୍ଟା ବାଡେଇ ପୂଜା କରିବା। ଭକ୍ତି, ବିଶ୍ୱାସ ତ ଅନ୍ତରର ଐଶ୍ୱର୍ଯ୍ୟ । ପରିପ୍ରକାଶର ଶୈଳୀ ଯାହା ହେଉନା କାହିଁକି, ଆଜିବି ଯେଉଁ ଆଧୁନିକା ନାରୀର ମନ ସ୍ୱାମୀଙ୍କ ପ୍ରତି ଭକ୍ତି, ବିଶ୍ୱାସ, ତଥା ଏକନିଷ୍ଠତାରେ ଭରି ରହିଥାଏ ସେ ପୁରାଣବର୍ଣ୍ଣିତ "ସତୀ"ଙ୍କଠାରୁ କୌଣସ୍ ହିସାବରେ କମ୍ ପୂଜ୍ୟାସ୍ପଦା ନୁହନ୍ତି ।

**(ଉପରେ ବର୍ଣ୍ଣିତ ସତୀତ୍ୱର ବ୍ୟାଖ୍ୟା ସଂପୂର୍ଣ୍ଣ ଭାବରେ ମୋର ବ୍ୟକ୍ତିଗତ ବିଚାର ଉପରେ ପର୍ଯ୍ୟବେଶିତ)**

ଶତାବ୍ଦୀ ନଗର, ୟୁନିଟ୍-୮, ଭୁବନେଶ୍ୱର

# ଆତ୍ମହତ୍ୟା ହୁଏ ସାର



ହିମାଂଶୁ ଶେଖର ବାରିକ୍

ଚାଷୀଟିଏ ମୁହିଁ     ଚାଷ ମୋ ବେଉସା
ଚଷି ପାଳେ ପରିବାର
ଚାଷ ଉଜୁଡିଲେ     ସଂସାର ଉଜୁଡେ
ଆତ୍ମହତ୍ୟା ହୁଏ ସାର ||

ଗଣତନ୍ତ୍ର ଦେଶେ     ଗଣମାନ ପାଇଁ
ହୋଇଛି ନାନା ବ୍ୟବସ୍ଥା
ମୁଁ ଅବା ନୁହଁଇ     ଗଣ ମଧ୍ୟେ ଗଣା
ନାହିଁ କାହାକୁ ମୋ ଚିନ୍ତା ||

ରାଜନେତା ଠାରୁ     ଅଭିନେତା ଯାଏ
କରନ୍ତି ରାଜସ୍ୱ ଭୋଗ
ଶ୍ରମିକ ସୈନିକ     କର୍ମଚାରୀ ପାଇଁ
ରାଜକୋଷ ଉପଯୋଗ ||

ମୋ ପାଇଁ ଯୋଜନା     କରି ପ୍ରଣୟନ
ଶାସକ ହୁଏ ଆଶ୍ୱସ୍ତ
ପଥବଣା ହୁଏ     ଯୋଜନାର ଫଳ
ତା ପାଇଁ ନୁହେଁ ଚିନ୍ତିତ ||

ବ୍ୟାଙ୍କ ପ୍ରବନ୍ଧକ     ଜିଲ୍ଲା ପ୍ରଶାସକ
ଲୁଟିଥାନ୍ତି ମିଳିମିଶି
ଋଣଭାର ସିନା     ମୋ ମୁଣ୍ଡରେ ପଡେ
ସେମାନେ ଥାଆନ୍ତି ଖୁସି ||

ଅନାବୃଷ୍ଟି ଆଜି     ଦେଇଅଛି ଭାଙ୍ଗି
ମୋ ଆର୍ଥିକ ମାନଦଣ୍ଡ
କେଉଁଠାରୁ ଆଣି     ଶୁଝିବି ମୁଁ ଋଣ
ଗୁମାସ୍ତା ଖାଇବେ ମୁଣ୍ଡ ||

କରି ଋଣ ଚିନ୍ତା     ହଜିଯାଏ ଚେତା
କରେ ପ୍ରାଣ ବିସର୍ଜନ
ରାଜନେତା ଗଣ     କରି ଆଗମନ
କରନ୍ତି ନକ୍ର କ୍ରନ୍ଦନ ||

ଯେତେବେଳେ ମୋର     ଶରୀରେ ଜୀବନ
ହେଉଥିଲା ସଂଚାଳିତ
ସେତେବେଳେ କେହି     ସାହା ହେଲେ ନାହିଁ
ଲୁହ ଢାଳେ ଦେଖି ମୃତ ||

ଧନ୍ୟ ଏ ସଂସାର     କପଟ ଆଚାର
ସର୍ବେ କରେ ଅଭିନୟ
ମାନବତା ଆଜି     ଯାଇଅଛି ହଜି
ସଂସାରଟା ବିଷମୟ ||

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର

# ପଥହର ପଥିକ



ଆଶା ସାହୁ

ଓଡିଆ ଭଜନ "କୋଠ ଭୋଗ ଖିଆ...."ର ରିଂ ଟୋନରେ ସୌମ୍ୟକାନ୍ତର ଦ୍ୱିପହରିଆ ସ୍ୱପ୍ନ ଭାଙ୍ଗିଗଲା ଛାଏଁ ଛାଏଁ। ହେଃ, ପୁଣି କିଏ ଫୋନକଲା। ଏବେ ତ ଶୋଇବା ଆଗରୁ ବାପା ସାଙ୍ଗରେ କଥା ହୋଇଥିଲା। ଏ ରିଂ ଟୋନଟାକୁ ବଦଳେଇବାକୁ କେତେଥର ଭାବି ଭାବି ପୁଣି ଥରେ ଓହରିଯାଏ। ତାର ଅଣଓଡିଆ ରୁମ୍ ମେଟ୍ ମାନେ ଏ ରିଂ ଟୋନ୍ ଶୁଣିଲେ କେମିତି ଅଷ୍ଟମ ସ୍ୱର ଶୁଣିଲା ପରି ଏକ ଆରେକକୁ ଅନାନ୍ତି ହସାହସି ହୋଇ। ସତେ ଯେପରି "କୋଇ ମିଲଗୟା" ର ଜାଦୁର ସ୍ୱର ଶୁଣୁଛନ୍ତି। ଭିତରେ ଭିତରେ ବିରକ୍ତ ଲାଗେ ତାକୁ, ପ୍ରଥମତଃ ତାର ରୁମ୍ ମେଟଙ୍କ ଉପରେ, "ଓଡିଆ" ଯେ ଏକ ପଞ୍ଜିକୃତ ଭାରତୀୟ ଭାଷା, ଏମାନେ ତାହା ଜାଣିନାହାନ୍ତି। ତାପରେ ଅହେତୁକ କ୍ଷଣିକ ବିରକ୍ତି ଆସେ ବାପାଙ୍କ ଉପରକୁ ମଧ୍ୟ।

"ଏଇ ରିଂ ଟୋନ୍ ଟା ରଖିଥିବୁ। ସଂସ୍କୃତିକୁ ଧରି ରଖିବାରେ ସାହାଯ୍ୟ କରିବ।"

ସେ ଦିଲ୍ଲୀ ଆସିଲା ଦିନ ବାପା ତା ପାଇଁ ଏଇ ସ୍ମାର୍ଟଫୋନଟି କିଣି ତା ହାତରେ ଦେଇଥିଲେ, ଏଇ ରିଂ ଟୋନଟା ସେଟ୍ କରି। ବାପା ବୋଧେ ଜାଣି ନାହାନ୍ତି, ଓଡିଶା ବାହାରେ ଓଡିଆମାନଙ୍କର ମହତ୍ତ୍ୱ ଆଉ ସମ୍ମାନ କେତେ। କଳାହାଣ୍ଡିର କାଳିଆ ଭୋକିଲା ପେଟ ଆଉ ଓଡିଆ କହିପାରୁନଥିବା ନବୀନ ପଟ୍ଟନାୟକ, ଏତିକି ତ ଓଡିଶାର ସର୍ବସାଧାରଣ ପରିଚୟ। ସେ ଓଡିଆ କହୁଥିବା ଶୁଣିଲେ ଦିଲ୍ଲୀ ଲୋକେ ପଚାରନ୍ତି, "ଆପ୍ ମଦ୍ରାସୀ ହୋ?" "ଆପ୍ ବଙ୍ଗାଲି ହୋ?"

ତାର କାନମୁଣ୍ଡ କ୍ରୋଧରେ ତାତିଯାଏ। ଇଚ୍ଛା ହୁଏ ସେ ସେଇ ଅଜ୍ଞାନ ଲୋକର ମୁହଁରୁ ବତିଶଟା ଯାକ ଦାନ୍ତ ଝାଡିଦେବ ଗୋଟିଏ ମୁଥରେ। ପରମୁହୂର୍ତ୍ତରେ ଧ୍ୟାନ ଆସେ ଯେ

ସାମନାବାଲା ଲୋକ ମହିଷୀ କ୍ଷୀର ପିଇଥିବା ଏକ ପୃଥୁଳକାୟ ମଜଭୂତ ମଣିଷ ଆଉ ସେ ଗାଁରେ ପଖାଳ ପାଣି ଖାଇ ବଢିଥିବା ଏକ ଦୁର୍ବଳ ଓଡିଆ ଟୋକା।

ଦିଲ୍ଲୀର ଡେସେମ୍ବର ମାସର ଦ୍ୱିପ୍ରହର। ପୁଣି ଗତ ରାତିରେ ଭୀଷଣ କୁଆପଥର ବର୍ଷା ହୋଇଛି। ମୁଖାର୍ଜି ନଗରର ଗୋଟିଏ ଶସ୍ତା ପିଜିର ଗୁରିଜଣିଆ ରୁମ୍ ର ଗୋଟିଏ ଫୋଲ୍ଡିଂ ଖଟରେ ରେଜେଇ ଘୋଡେଇ ହୋଇ ପଡିଛି ସେ। ସହଜେ ତ ଆଜି ସୂର୍ଯ୍ୟ ଭଗବାନଙ୍କ ରେନ ଡେ। ତା ପରେ ଏଇ ପିଜିରେ ଖରା କେବେ ପଡେ ଯେ**?** ଗୁରିପଟେ ଉଚ୍ଚ ଉଚ୍ଚ କୋଠା। ୟା ବାଲକୋନ କୁ ତା ବାଲକୋନ ଲାଗିଛି। ଖରା ପଡିବ ବା କେମିତି**?**

ବୋଉ ହାତ ସିଲେଇ ଗୁରିଟାଯାକ କନ୍ଥା ସେ ଫୋଲ୍ଡିଂ ଖଟରେ ପକେଇଛି। ତଥାପି କଡ ଲେଉଟାଇଲେ ଗୁଉଁକନା ହେମାଳ ଫୋଡି ହୋଇ ଯାଉଛି।

ଫୋନଟା ଉଠେଇବାକୁ ହାତଟା ଥାର୍ଡହେଣ୍ଡ ରେଜେଇରୁ କାଢିବାକୁ କଲିଜା ଥରିଯାଉଥାଏ। ଦିଲ୍ଲୀରେ ଯେ ଏତେ ଶୀତ ପଡେ ଏହା ନା ସେ ଜାଣିଥିଲା ନା ବୋଉ। ଏହେଲେ ଆଉ ଦୁଇ ତିନଟା କନ୍ଥା ଆଣିଥାନ୍ତା। ରେଜେଇଟା କଣିବା ପାଇଁ ପୂରା ମାସେ ଚୂଡା ଖାଇ କଟେଇଛି ସେ ମେସ୍ ଖର୍ଚ୍ଚ ବଞ୍ଚାଇବା ଉଦ୍ଦେଶ୍ୟରେ।

ଓଃ**!** କଣପାଇଁ କେଜାଣି ତା ମୁଣ୍ଡରେ ସିଭିଲ୍ ସର୍ଭିସ୍ ଭୂତ ଲାଗିଲା। ଲାଗିଲା ତ ଲାଗିଲା**,** ପୁଣି ଦିଲ୍ଲୀ ଆସି କୋଚିଂ ନେବା ଭଳ ଅଜବ ଖିଆଲଟି ମଧ୍ୟ ଢୁକଲା। ଓଡିଶାରେ ରହି କଣ କେହି ଆଇ.ଏ.ଏସ୍. ହେଉନାହାନ୍ତି**?** ହଃ**!** ନହେଲା ନାହିଁ ସେ ଓ.ଏ.ଏସ୍. ହୋଇଥାନ୍ତା। ନହେଲେ ଏସିସଟେଣ୍ଟ ଗ୍ରେଡଟା ତ ନଶ୍ଚୟ ବଜେଇ ଦିଅନ୍ତା।

ତା ପରେ କନ୍ତୁ ମନଟା ଭାବୁକ ହୋଇ ଓଜନଆ ଲାଗେ**,** ଅନ୍ତରରୁ କୋହ ହାବୁକା ମାରେ। ଗାଁ କଥା**,** ବାପା ବୋଉ କଥା**,** କଲେଜ୍ କଥା ସେ ହେଜି ହୁଏ। ତାର ଉଚ୍ଚ ମେଧା ଶକ୍ତି ଓ ଗ୍ରେଜୁଏସନ୍ ରେ କୃତିତ୍ୱ ଦେଖି କଲେଜର ଲେକଚର୍ ମାନେ ସ୍ୱୟଂ ତାଙ୍କ ଘରକୁ ଆସି ତାକୁ ଓ ତାର ବାପାଙ୍କୁ ପ୍ରବର୍ତ୍ତାଇଥିଲେ। ସୌମ୍ୟକାନ୍ତ ଆଇ.ଏ.ଏସ୍. ହୋଇ ତାଙ୍କ କଲେଜର ନାଁ ରଖିବ। ସେ ଯେତିକି ମାର୍କ ରଖିଛି ତାହା ଏକ ରେକର୍ଡ। ଆଗରୁ କଲେଜରେ କେହିହେଲେ ତାର ପାଖାପାଖି ମାର୍କ ସୁଦ୍ଧା ରଖିନଥିଲେ।

ସେ ଭଳି ଖୁସିଟାଏ ହୋଇଯାଇଥିଲା ପ୍ରସ୍ତାବରେ ନୁହେଁ, ସାରମାନେ ତାଙ୍କ ଘରକୁ ଆସିଛନ୍ତି ବୋଲି ।

ପ୍ରଥମିକ ସ୍କୁଲର ପାର୍ଟିରେ, ତାର ବାପାଙ୍କ ମୁହଁ ଉଜ୍ଜ୍ୱଳ ଉଠିଲା । ବାପାଙ୍କର ଉଚ୍ଚାଭିଳାଷି, ବିଶ୍ୱାସରେ ଭରା ଆଖି ଦୁଇଟି, ନରିମାଖି ବୋଉର ଦିନଗତି ଖଟଣି ଆଉ ସାନଭାଇ ଭଉଣୀ ଦୁହିଁଙ୍କର ଆଶା ପୂର୍ଣ୍ଣ ଆଖି ଦେଖି ସୌମ୍ୟକାନ୍ତ ମଧ୍ୟ ଉଲୁସି ଉଠୁଥିଲା । ଭିତରୁ କିଏ ତୁହାଇ ତୁହାଇ କହୁଥିଲା, ହଁ, ତୁ ଆଇ.ଏ.ଏସ୍. ହେବୁ ।

ରେଜେଇଟାକୁ ଫୋପାଡି ଦେଇ ସେ ଉଠିବସିଲା । ଫୋନ୍ ରିଂ ଆପଣାଛାଏଁ ବନ୍ଦ ହୋଇ ସାରିଥିଲା । ସେ ସଙ୍ଗେ ସଙ୍ଗେ ଫୋଲ୍ଡିଂ ବେଡ୍ ଡେସ୍କଟାକୁ ଖୋଲି World History material ଗୁଡାକୁ ଖେଳେଇ ପକାଇଲା । ତା ଦେହରୁ କାକର ସବୁ ଟୋପା ଟୋପା ହୋଇ ଝଡି ପଡୁଥିଲେ । ମନରେ ଦମ୍ଭ ଓ ସ୍ଫୁର୍ତ୍ତି ଭରି ଯାଉଥିଲା । ନା, ଆଜି ଯେମିତି ହେଲେ ଏଇ material ଗୁଡାକୁ କଣ୍ଠସ୍ଥ କରିବ, ତା ପରେ ଯାଇ ଯୋଉକଥା ।

କଲେଜରେ ସାଥିରେ ପଢୁଥିବା ତାର ଅନ୍ତରଙ୍ଗ ବାଲ୍ୟବନ୍ଧୁ ଲକ୍ଷ୍ମୀଧର ବାସ୍ତବିକ ଠିକ୍ କଥା ହିଁ କହିଥିଲା । ବାପା ଓ ଲକ୍ଷ୍ମୀଧର ତାକୁ ବାଟେଇ ଦେବାକୁ ଷ୍ଟେସନ୍ କୁ ଆସିଥିଲେ । ଟ୍ରେନ୍ କାଳେ ଛାଡିଦେବ ଓ ସେ ଓହ୍ଲେଇ ପାରିବେନ ଭାବି କଦାପି ଟ୍ରେନ ନ ଚଢିଥିବା ବାପା ତଳେ ପ୍ଲେଟଫର୍ମରେ ହିଁ ରହିଯାଇଥିଲେ ଓ ଝରକା ଦେଇ ତାର ହାତଟିକୁ ମୁଠେଇ ଧରିଥିଲେ । ତାକୁ ଲାଗୁଥିଲା, ତାର ହାତଟା ବାପାଙ୍କ ହାତମୁଠାରେ ଏମିତି ଅନନ୍ତକାଳ ଯାଏ ରହିଥାଉ । ସେ ଅନୁଭବ କରୁଥିଲା ଥଣ୍ଡା ଦିନ ହୋଇଥିଲେ ହେଁ ବାପାଙ୍କର ଉତ୍ସୁକତା ଓ ଆଶଙ୍କାର ସ୍ୱେଦବିନ୍ଦୁରେ ଘର୍ମାକ୍ତ ହୋଇ ତାର ହାତଟା ଧିରେ ଧିରେ ତରଳ ଯାଉଛି । କଲୁଜା ଭିତରେ କୁହୁଳୁଥିବା ବିଚ୍ଛେଦର ବାମ୍ପ ଆଖି ଦୁଇଟାକୁ ତାର ଝାପସା ଝାପସା କରି ଦେଉଥିଲା ।

ସେତିକବେଳେ ଲକ୍ଷ୍ମୀଧର ତା କାନରେ କାନ୍ଦୁରା ସ୍ୱରରେ ଥରି ଥରି କହୁଥିଲା – "ଯେତେବେଳେ ତୁ ବାଟ ବଣା ହେବୁ, ତୋର ବାପାଙ୍କୁ ମନେ ପକେଇବୁ । ତୋର ବୋଉକୁ ଓ ଆମକୁ ମନେ ପକେଇବୁ । ଦେଖିବୁ ଛାଏଁ ଛାଏଁ ସବୁ ବାଟ ସଫା ଦେଖାଯିବ । ଆଉ ତୁ ନଶ୍ଚିତ ଆଇ.ଏ.ଏସ୍. ହୋଇ ଗାଁକୁ ଫେରିବୁ ।"

ଟ୍ରେନ୍ ଗତି ଧରିଥିଲା । ଲକ୍ଷ୍ମୀଧର ତରତର ହୋଇ ବଗିରୁ ଓହ୍ଲେଇ ଯାଉଥିଲା । ବାପାଙ୍କର ହାତମୁଠାରୁ ତାର ହାତଟା ଖସି ଯାଉଥିଲା ଟ୍ରେନ୍ ର ଗତିର ବିପରୀତ ଦିଗକୁ । ସେ ଦୃଷ୍ଟି ଆଢୁଆଳ ହେଲା ପର୍ଯ୍ୟନ୍ତ ଦେଖିପାରୁଥିଲା ବାପା ହାତଟାକୁ ସେହିପରି ଟେକି ଠିଆ ହୋଇଛନ୍ତି ।

ସୌମ୍ୟକାନ୍ତର ନରୀହ ଶୁଦ୍ଧ ମସ୍ତିଷ୍କରେ କେଜାଣି କାହିଁକି ସେହି ଛବିଟି ବାରମ୍ବାର ଉଙ୍କି ମାରେ । ତାର ବାପା ସେହିଭଳି ହାତଟେକି ପ୍ଲେଟଫର୍ମରେ ଛିଡା ହୋଇଛନ୍ତି ଏବେ ବି । ବୋଉ ଏବେ ବି ଧଡା ପାଖରେ ବୁଢା ତଗ୍‌ଟ ଗଛକୁ ଆଉଜି ଠିଆହୋଇ କାନରେ ଲୁହ ପୋଛୁଛି । କବାଟ କୋଣରୁ ସାନ ଭଉଣୀର ନାଲି ଓଢଣୀଟି ଉଡି ଉଡି ତାକୁ ବିଦାୟ ଦେଉଛି । ଟିକି ଭାଇଟି ପେଟ ବାହାର କରି ହୁଗୁଳା ପେଣ୍ଟ୍ ଟାକୁ ହାତରେ ଟାଣି ଧରି ଅବୋଧ ଆଖିରେ ତାକୁ ଅନେଇ ରହିଛି ରାସ୍ତା ମଝିରେ ।

ତାର ରୁମମେଟ୍ ତିନିଜଣ କଣସବୁ ବାଜେ କଥା ଗପୁଥାନ୍ତି ଆଉ ବେଳେ ବେଳେ ଅଶ୍ଳୀଳତାର ସୀମା ଲଙ୍ଘିଯାଆନ୍ତି । ହିନ୍ଦୀ ଭଲ ନଆସୁଥିବାରୁ ସେ ଅଧା ବୁଝେ, ଅଧା ବୁଝେନି । ଭଲ, ସେ ବୁଝିବାକୁ ମଧ୍ୟ ଚାହେଁନି । କେବେ କେବେ କିନ୍ତୁ ଇଚ୍ଛା ହୁଏ କାନ ଦୁଇଟାକୁ ଯୋରରେ ଚାପି ଧରନ୍ତା । ଆଉ ମଧ୍ୟ ଯେବେ ତାଙ୍କର ପାଟିର ଉତ୍କଟ ଗନ୍ଧରେ ସେ ଅତିଷ୍ଠ ହୁଏ, ଏହା ମଧ୍ୟ ଇଚ୍ଛା ହୁଏ ଯେ ଯଦି ସେ ପିଜି ବଦଳେଇ ପାରନ୍ତା । ହେଲେ ତାର ସାହସ ହୁଏ ନାହିଁ । କାରଣ ଏତେ ଶସ୍ତା ପିଜି ଆଉ ମିଳିବ ନାହିଁ, ମିଳିଲେ ବି ହାଉସ୍ ଫୁଲ୍ । ତା ଛଡା ପିଜି ମାଲିକାଣୀ ଗଢବାଲି ଆଣ୍ଟି ତାକୁ ଭାରୀ ସ୍ନେହ କରନ୍ତି ତାର ଶାନ୍ତଶିଷ୍ଟ ଭଦ୍ର ଆଚରଣ ପାଇଁ । ବେଳେ ବେଳେ ତାକୁ ରିହାତି ମଧ୍ୟ ଦିଅନ୍ତି । ଖାଇବା ପିଇବାର ବିଶେଷ ଯତ୍ନ ନିଅନ୍ତି । ତାକୁ ଡାକନ୍ତି "ସୋମୁବେଟା" । ତାର ରୁମ୍ ମେଟ୍ ମାନେ ତାକୁ "ସୋମ୍" ବୋଲି ଡାକନ୍ତି । ଥରେଥରେ ତା ମନରେ ଏବସର୍ଡ ଧାରଣାଟିଏ ଜନ୍ମ ନିଏ । ଏଠାରେ ନାଁ କୁ ଛୋଟ କରି ବିକୃତ କରିବାର ଚଳଣୀ ରହିଛି ନୂଆ ଜେନେରେସନ୍ ର ପିଲାମାନଙ୍କର । ତପସ୍ୟାକୁ ଟେପ୍ସ, ଐଶ୍ୱର୍ଯ୍ୟକୁ ଏଶ୍, ତାର ନାମକୁ କିଏ ସସ୍ ନ ବନେଇ ଦେଉ । ମନେମନେ ଖୁବ୍ ହସେ ।

ତାର ବାପା, ବୋଉ ତାକୁ କେବେ ନାଁ ଧରି ଡାକବା ମନେ ପଡୁନାହିଁ । ବାପା ଡାକନ୍ତି "ବାବା" ଆଉ ବୋଉ ଡାକେ "ବୁଢା" । ସାଙ୍ଗମାନେ "ସୌମ୍ୟକାନ୍ତ" ନହେଲେ "ସୌମ୍ୟ" ବୋଲି ଡାକନ୍ତି । କେତେଦିନ ହେଲା ଏ ଡାକସବୁ କାନରେ ବାଜିନାହିଁ ।

ଅନୁଜର ଗୋଟିଏ ଅଶ୍ଲୀଳ ଜୋକରେ ସମସ୍ତେ ହସି ହସି ଗଡି ଯାଉଥାନ୍ତି ଆଉ ସେ ଭାବେ ଏମାନେ ମଧ୍ଯ ତ ତା ପରି ଗରୀବ ପରିବାରରୁ ଆସିଥିବେ, ନହେଲେ ଏ ଶସ୍ତା ପିଜିରେ କଦାପି ରହିନଥାନ୍ତେ । ତେବେ ସେମାନେ ପାଠ ନପଢି ଏମିତି ସମୟ କାହିଁକି ନଷ୍ଟ କରୁଛନ୍ତି, ତା ବ୍ୟତୀତ ଚରିତ୍ର ମଧ୍ୟ । ଝିଅ ମାନଙ୍କ ବିଷୟରେ ବାଜେ କଥା ଗପନ୍ତି । ଏପରିକି ନିଜର ଗାର୍ଲଫ୍ରେଣ୍ଡ ମାନଙ୍କ ବିଷୟରେ ମଧ୍ୟ ଅଭଦ୍ର ଟୀକା ଟିପ୍ପଣୀ କରନ୍ତି । ଏମାନଙ୍କ ବାପା, ମାଆ କେତେ ସ୍ୱପ୍ନ ଦେଖି ଏମାନଙ୍କୁ ପାଠ ପଢିବା ପାଇଁ ପଠାଇଥିବେ କେତେ କଷ୍ଟ ସହି । ସୌମ୍ୟକାନ୍ତ ସେମାନଙ୍କୁ କଛି କହିବା ପାଇଁ ଭୟ କରେ ।

ଯାହା ହେଉ, ଲକ୍ଷ୍ମୀଧର ଦେଇଥିବା ପ୍ରତିଷେଧକ ଉପଦେଶଟା ଭାରି କାଟୁକରେ ଏମିତି କୁସମୟରେ । ସେ ତାର ବାପାଙ୍କୁ ମନେ ପକାଏ । ସତକୁ ସତ ସେହି କୋଳାହଳ ଭିତରେ ମଧ୍ୟ ସେ ବହୁତ ପାଠ ଆତ୍ମସାତ୍ କରିପକାଏ । ଆଉ ତ ଅଳ୍ପ ପାଠ ରହିଲା । ଗତଥର ପ୍ରିଲିମ୍ସରେ ବହୁତ ଅଧିକ ନମ୍ବର ରଖିଥିଲା । ମେନ୍ସରେ ଅଳ୍ପକେ କଟିଗଲା । କୋଚିଂରେ ସାରମାନେ କହୁଥିଲେ ଓ ସେ ନିଜେ ମଧ୍ୟ ଜାଣିଥିଲା ଯେ ପ୍ରିଲିମ୍ ପାଇଁ ପଢିବା ଆବଶ୍ୟକ ନାହିଁ । ଏଥର ସେ ଆହୁରି ପରିଶ୍ରମ କରିବ ଓ ନିଶ୍ଚିତ ମେନ୍ସରେ ଉତ୍ତୀର୍ଣ୍ଣ ହେବ । ତାର ବାପାର, ତାର ଗାଁର ଆଉ କଲେଜର ଟେକ ରଖିବ । ନିଜର ସ୍ୱପ୍ନ ସାକାର କରିବ ।

ଗୌରବ ହଲେଇ ଦେଇ ପଚାରେ, "କ୍ୟା କିତାବୀ କୀଡେ, ତେରି କୋଇ ଗାର୍ଲଫ୍ରେଣ୍ଡ ନେହିଁ ହୈ?"

ଚାପା ହସର ଗୁଞ୍ଜରଣଟିଏ ଖେଳେଇ ହୋଇ ଯାଏ ରୁମ୍ ଭିତରେ ।

ଅର୍ଜୁନ କହେ, "ଅବେ, ଇସ୍ ଚମ୍ପୁ କୋ କୌନ ଲାଇକ୍ କରେଗା?"

ଦିଲଜୀତ୍ ସିଗାରେଟ୍ ଧୁଆଁର ଗୋଲ୍ ଉଡେଇ କହେ, "ଅବେ ୟାର, ୟେ ତୋ ଛୁପା ରୁସ୍ତମ୍ ହୈ, ହର୍ ସନଡେ ରାତ୍ କୋ କିସି ସେ ଲଂ....ବି.... ବାତ୍ କରତା ହେ । ହୈ କି ନହିଁ? ବୋଲ୍ ନା..... (ଗୋଟେ ଅଶ୍ଳୀଳ ଗାଳି) ।"

ଏମାନଙ୍କୁ କଣ ଜଣା ଯେ ରବିବାର ଦିନ ତା ବାପା ନଇପାରି ଗାଁ ରୁ ଛଅ ଦିନଆ ଗୁକରୀ ଓ ଟିଉସନ୍ ସାରି ଘରକୁ ଫେରନ୍ତି ରାତିକ ପାଇଁ, ଆଉ ସେ ତା ବୋଉ ସାଙ୍ଗରେ କଥା ହୁଏ । ବାତ୍ସଲ୍ୟ ବିଚ୍ଛେଦର ବିଳାପ ଶୁଣି ସେ ନିଜେ ମଧ୍ୟ ଭବୁକ ହୋଇ କାନ୍ଦ କାନ୍ଦ ହୋଇପଡେ । ଫୋନ୍ ରଖିବାକୁ ମନହୁଏନା ।

ଦିଲଜୀତ ପୁଣି କହେ, "ବତା ନା ୟାର୍, ଅକେଲେ ମେଁ ତୁ କ୍ୟା ସୋଚତା ରହତା ହେ?" ହମେଁ ତୋ ବଡେ ହସୀନ ସପନେ ଆତେ ହେଁ ।"

ସେ ଭାବେ, ସତରେ ତାର ମୁଣ୍ଡରେ ତ କୌଣସି ବାଜେ କଥା ଜନ୍ମ ନିଏ ନା । ପାଠ ସବୁ ମୁଣ୍ଡ ଭିତରେ ପେଲାପେଲି ହେଉଥାନ୍ତି । ଗାଁ ତୋଟା, ବୋଉ, ବାପା, ଭାଇ ଭଉଣୀମାନେ ମନେ ପଡନ୍ତି । ଛକରେ ଗୁଲି ଖଟି ମନେ ପଡେ । ନହେଲେ ଅଜବ୍ ଗଜବ୍ ଖିଆଲ ସବୁ ଭୁଲେ ବେଳେ ବେଳେ-

-ପୃଥିବୀଟା ଗୋଲ୍ ନହୋଇ ଯଦି ବର୍ଗାକାର ହୋଇଥାନ୍ତା । ସେ ପୃଥିବୀର କଡକୁ ଯାଇ ଡେଇଁ ପଡନ୍ତା, ଆଉ ଭାସି ବୁଲନ୍ତା, ଏଇ ଯେମିତି ଇଣ୍ଡିଆ ଗେଟ୍ ରେ ଗ୍ୟାସ ବେଲୁନ ଭାସୁ ଥାଆନ୍ତି ।

-ସୂର୍ଯ୍ୟରୁ ଯଦି ଶାଗୁଆ ରଙ୍ଗର ରଶ୍ମୀ ନିର୍ଗତ ହୁଅନ୍ତା । ତେବେ ଏ "ଗୋ ଗ୍ରୀନ୍" ର ସ୍ଲୋଗାନ୍ ନେଇ ମଣିଷ ଏତେ ହାଲ୍‌ପଟା ହୁଅନ୍ତା ନାହିଁ ।

-ମଣିଷର ଯଦି ପଛପଟେ ଦୁଇଟା ଆଖି ଥାଆନ୍ତା, ତେବେ କଦାଚତ୍ କୌଣସି ପ୍ରକାର ଅପରାଧ ଘଟନ୍ତା ନାହିଁ ।

ଏହିଭଳି କମ୍ଭୁତ କମାକାର ଉଦ୍ଭଟ ଧାରଣା ସବୁ । ସେଥିରେ ତାର ବି କ୍ଷତି ହୁଏନାହିଁ କି ଅନ୍ୟର ବି କ୍ଷତି ହୁଏ ନାହିଁ । ବରଂ ପାଠ ଲଦା ହୋଇଥିବା ମସ୍ତିଷ୍କକୁ ହାଲକା ହେବାପାଇଁ ଖୋରାକ ଯୋଗାଏ ।

ଆଣ୍ଟି ଡାକନ୍ତି ଖାଇବା ପାଇଁ । ଖାଇସାରି ରୁମକୁ ଆସି ପୁଣି ପୃଷ୍ଠା ଓଲଟାଉ ଓଲଟାଉ ଅନୁଜ୍ କହେ, "ତୁ ଭି କ୍ୟା ୟାଦ୍ କରେଗା ସାଲେ, ଚଲ୍ ତୁଝେ ଘୁମା କର୍ ଲାତେ ହେଁ ।?

"ନହିଁ, ମୁଝେ ପଢନା ହେ ।"

ତା କଥା କେହି ଶୁଣନ୍ତି ନ । ତାକୁ ଝିଙ୍କି ଝିଙ୍କି ବାହାରକୁ ନେଇ ଯାଆନ୍ତି । ସେ ଛାଟିପିଟି ହେଉଥାଏ । ଆଣ୍ଟି ତାଗଦା କରନ୍ତି । "ସାଡେ ଦସ ସେ ପହଲେ ଲୌଟଆନା, ଔର ଇସେ କହାଁ ଲେ ଜା ରହେ ହୋ?"

"ହାଁ ଜୀ, ଆଣ୍ଟି ।"

ପଛରେ କହନ୍ତି – "ବୁଢୀ ପୈସେ ଲେଗି, ଔର ହଜାର ଅଡଚନେ ଲଗାଏଗି ।"

ସୌମ୍ୟକାନ୍ତକୁ ଭଲ ଲାଗେନା, ଏ ଟିପ୍ପଣୀ । ତାକୁ ଟାଣି ଟାଣି ନେଇଯାଆନ୍ତି ଛକକୁ । ଉଜ୍ଜ୍ୱଳ ଏଲ୍.ଇ.ଡି ଲାଇଟ୍ ପଡିଥାଏ । ସେ କେବେ ବାହାରକୁ ଆସେ ନା । ରାତିରେ ତ କଦାପି ନୁହେଁ । ଦିନବେଳେ ଥରେ "ଇଣ୍ଡିଆ ଗେଟ୍ ଯାଇଥିଲା, ଆଉ ଥରେ ହୌଜ ଖାସ୍ ଜଗନ୍ନାଥ ମନ୍ଦିର ପ୍ରସାଦ ସେବନ କରିବାକୁ । ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । ବାପ୍ ରେ! ଏତେ ଓଡିଆ ଦିଲ୍ଲୀରେ ଅଛନ୍ତି ନା । ତାକୁ ଖୁସି ଲାଗିଲା । ଏକାକୀତ୍ୱକୁ ଟିକେ ଭୁଲିଗଲା ।

ଇସ୍! କଣ ପିନ୍ଧିଛନ୍ତି ଏ ଝିଅ ଦୁଇଟା । ଲାଜ ସରମ ଏତେ ଟିକେ ନାହିଁ । ଥଣ୍ଡା ଭି ଲାଗୁନ ଏମାନଙ୍କୁ । ସେ ନିଜ ଦେହକୁ ଅନାଇଲା । ସତେ କି ସେ ଗଞ୍ଜୀ ଚଡିରେ ବାହାରକୁ ପଳେଇ ଆସିଛି ।

କୌଣସି ଝିଅ ପ୍ରତି ତାର ଟିକେ ବି ଦୁର୍ବଳତା ନାହିଁ । ସେ ବୋଉ, ଓ ସାନଭଉଣୀ ମାନ ବ୍ୟତୀତ  ଅଲଗା କାହାରି ବିଷୟରେ କେବେ ହେଲେ ଭାବେ ନାହିଁ । ଝିଅମାନଙ୍କୁ ଦେଖିଲେ ତାର ମାନୀ କଥା ମନେ ପଡେ ।

ଇଚ୍ଛା ହେଲା, ସେ ଝିଅ ଗାଲରେ ଦୁଇଟା ଚଟକଣି ବଜେଇ ଦିଅନ୍ତା। ତାକୁ ଭାରି ଅପ୍ରସ୍ତୁତ ଲାଗିଲା।

ଆଇ-୨୦ ଗାଡିଟିଏ କୁଆଡୁ ଛୁଟି ଆସିଲା। ସେ ଝିଅମାନଙ୍କ ସହ ତାର ରୁମ୍ ମେଟ୍ ମାନେ ସେଥିରେ ପଶିଗଲେ। ତାକୁ ମଧ୍ୟ ବଳାତ୍ ତା ଭିତରେ ଭର୍ତ୍ତି କରିଦେଲେ। ଗାଡି ଚଲାଉଥାଏ ଗୋଟେ ବାଲୁଙ୍ଗା ଟୋକା। ନାଁ ଟା ସମୀର। ସେମାନେ ସବୁ ଖାଲି ଇଂରେଜୀରେ ଏଣୁତେଣୁ ଗପୁଥାନ୍ତି। ତାକୁ ଜବରଦସ୍ତି ପେପ୍ସି ପିଏଇଦେଲେ। ତାର ପାଟିଟା କଦର୍ଯ୍ୟ ଲାଗିଲା। ତାକୁ କୋଲ୍ଡଡ୍ରିଂକ୍ସ ଭଲ ଲାଗେନା। ଏଇ ଅଳ୍ପଦିନ ହେଲା, ବାପା ଭଗେଇବାକୁ ଫ୍ରିଜଟିଏ ଆଣି ରଖିଛି। ଢୋକେ ଢୋକେ ପିଏ, କାଳେ ସରିଯିବ। ପୂରା କୋଡିଏ ଟଙ୍କା ଦେଇ ସେ ଆଣିଛି।

ତା ଦେହଟା କଣ ପାଇଁ ଝିମ୍ ଝିମ୍ ହୋଇଗଲା। କିନ୍ତୁ ଚେତା ଥାଏ। ତାକୁ ଝାପସା ଝାପସା ଦେଖାଯାଉଥାଏ। ଏ ଟୋକା ଗୁଡା କଣ କରୁଛନ୍ତି ଏ ଝିଅମାନଙ୍କ ସାଥିରେ। କଣ ସବୁ ଯୋର ଜବରଜସ୍ତି ଚାଲିଛି। କାନମୁଣ୍ଡ ପାଚ ଲାଲ୍ ହୋଇଗଲା। ହାତ ଉଠେଇବାକୁ ଚାହୁଁଛି। ହାତ ଉଠୁନ। ପାଟିରୁ ଶବ୍ଦ ବାହାରୁନ। ଗାଡି ଭିତରେ ଏ କ ବିଭତ୍ସ ଖେଳ ଚାଲିଛି। ତାକୁ ମଧ୍ୟ ଚମୁଟା ଚାମୁଡା କରିସାରିଲେଣି। ଝିଅମାନେ ଆର୍ତ୍ତ ଚତ୍କାର କରୁଛନ୍ତି, ନାହିଁ, ଐସା ମତ୍ କରୋ", "ଭଗବାନ୍ କେଲିଏ ହମେ ଛୋଡ୍ ଦୋ।" "ତୁମ୍ ଲୋଗ୍ ଇତନେ ଗିରେ ହୁଏ ହୋ"। "ହମନେ ତୁମ ପର୍ ଭରୋସା କୟା।" "ବଚାଓ, ବଚାଓ"। ଟୋକାଙ୍କର ହୋସ୍ ନାହିଁ।

ଗାଡି ଚାଲିଛି ଫୁଲ୍ ସ୍ପିଡ୍ ରେ। ନିରୋଳା ଖାଁ ଖାଁ ରାସ୍ତା। କାଁ ଭାଁ ଗୋଟେ ଦିଟା ଗାଡି ଚାଲିଛି। ସେ ଜାଣେନା ସେ ରାସ୍ତାର ନାଁ କଣ। ତାର ଆରମ୍ଭ କେଉଁଠି ଆଉ ଶେଷ କେଉଁଠି। ସେ ଯେମିତି ଗୋରଖଧନ୍ଦା ଭିତରେ ପଶି ଯାଉଛି। ତାକୁ ରାସ୍ତା ମିଳୁନାହିଁ। ଆଖିରୁ ଜୁଳୁଜୁଳିଆ ପୋକ ବାହାରୁଛନ୍ତି। ମସ୍ତିଷ୍କ ଭିତରେ କଏ ହାତୁଡି ମାଡ କରିଚାଲିଛି। ହୃଦୟଟା ଧିରେ ଧିରେ ଶୂନ୍ୟତା ଭିତରକୁ ଚାଲିଯାଉଛି। ସେ ଆଉ କଛି ଦେଖିପାରୁନାହିଁ, କଛି ଶୁଣିପାରୁନାହିଁ। ମାନୀର ଚେହେରାରେ ସେ ମିଳେଇ ଯାଉଛି। ତାକୁ ଶୁଣାଯାଉଛି କେବଳ ମାନୀର ଆର୍ତ୍ତନାଦ.....।

ସୌମ୍ୟକାନ୍ତର ସମ୍ପୂର୍ଣ୍ଣ ଶରୀରଟାରେ ଲକ୍ଷେ କଙ୍କଡା ବିଛାର ଦଂଶନ। ମୁଣ୍ଡଟାରେ ଯେମିତି ମହଣେ ଭାର ଲଦା ହୋଇଛି। ହାତଟାକୁ ଉଠେଇବାକୁ ଗ୍ଭହିଁଲା। ଧସ୍ କନା ଛାତି ଭିତରେ କଣ ଗୋଟାଏ ଭାଙ୍ଗି ଚୁର୍ ମାର୍ ହୋଇଗଲା।

ତା ହାତରେ ହାତକଡି!! ତାର ଚେତନା ଫେରି ଆସିଲା। ସେ କେଉଁଠି? ଗ୍ଭରିଆଡେ ଆବୁର୍ ଜାବୁର୍ ଅନ୍ଧାର। କଛି ଗୋଟାଏ ସନ୍ତସନ୍ତିଆ ଉକ୍ଟ ଗନ୍ଧ। ତେବେ.... ସେ କଣ ଜେଲ୍ ରେ।

ଗତରାତିର କଥା ମନେପଡିଗଲା। ତା ମୁଣ୍ଡରେ ଚଡକ ପଡିଲା। ସେ ଚତ୍କାର କରି ଉଠିଲା। ଚତୁର୍ଦିଗ ଶୂନ୍ୟ ଦେଖାଗଲା। କୁଜଝଟ୍କାମୟ ଦୃଶ୍ୟଟିଏ ମାନସରେ ଉଦଭାଷିତ ହେଲା।

ତାର ବାପା ସେହିଭଳ ହାତଟି ଟେକ ଢଳ ପଡିଛନ୍ତି ଟ୍ରେନ୍ ଲାଇନ୍ ଉପରେ। ବୋଉର ନର୍ଜିବ ଶରୀରଟା ପଡିଛି ତରାଟ ମୂଳରେ। ମାନୀର ଓଢଣୀଟା ଉଡିଯାଉଛି ପବନରେ ଦିଗହରା ହୋଇ। କୁନଭାଇର ହୁଗୁଳା ପେଣ୍ଟ ଟା ତଳକୁ ଗଳ ପଡିଛି ଆଉ ସେ ନର୍ବୋଧ ଭଳ ମଝି ରାସ୍ତାରେ ଏପାଖ ସେପାଖ ଧାଉଁଛି ତ ଧାଉଁଛି।

ସୌମ୍ୟକାନ୍ତ ଆଉ ନଜ ଆୟତ୍ତରେ ରହିପାରିଲା ନାହିଁ। ଚଟାଣରେ ଆଣ୍ଠେଇ ପଡିଲା । ଜୀରୋ ପାୱାର ବଲ୍ବର ମହଳଣ ଆଲୁଅରେ ଦଉଣ୍ଡି ବୁଲିଲା –କୁଆଡେ ଗଲା ତା ସ୍ୱପ୍ନ, କୁଆଡେ ଗଲା ତା ଠିକଣା.....।

ସୌମ୍ୟକାନ୍ତ ଆଇ.ଏ.ଏସ୍. ହୋଇପାରିଲା ନା ନାହିଁ.....। ଆର ଥରକୁ।

ତେବେ ଆପଣମାନଙ୍କର ମତ କଣ?.....

ବସନ୍ତବିହାର, ନୂଆଦିଲ୍ଲୀ

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ମଇ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

# ଅବତରି ଆସ ଥରେ




ଅନାମ ଚରଣ ସାହୁ

ପୂଣ୍ୟ ଉତ୍କଳର ଦିବଂଗତ ବୀର
ଆମ ପ୍ରିୟ ମଧୁବାବୁ
ଘନାକରି ଆମ ଶୁଭେଚ୍ଛା ଅପାର
କୂଳବୃଦ୍ଧ ଦିଅ ବିଭୁ ।
ତୁମ ଚଲାପଥ ଯାଇଛୁ ପାସୋରି
ପାଶ୍ଚାତ୍ୟ ନଜର କରି
ଓଡିଆ ଭାଷାକୁ ଭୁଲି ଯାଇଅଛୁ
ଇଂରାଜୀ ତୁଣ୍ଡରେ ଧରି ।
ନିଜ ସ୍ୱାଭିମାନ ଦେଇଅଛୁ ବଳି
ବିଦେଶୀ ଅମଲ ପାଶେ
ଇଂରାଜୀ ଭାଷାରେ କରୁଛୁ ଶାସନ
ଦେଖି ମାଟି ମାଆ ହସେ ।
ଖଣ୍ଡ ବିଖଣ୍ଡିତ ଓଡିଶା ସାମ୍ରାଜ୍ୟ
ହୃଦୟୁ ହେଲାଣି ଦୂର
କୁଜି ଟାଉଟର ହେଲେଣି ପ୍ରବଳ
ଦେଖିଲେ ମାଡୁଛି ଡର ।
ଦୂର ଦେଶୁ ଥରେ ଫେରି ଦେଖ ଆସି
ଶାସକ ଜାଣେନ ଭାଷା
ମାଆ ମାତୃଭାଷା ହେବ କି ଉନ୍ନତ
କରିକି ପାରିବା ଆଶା ।

ଜାତିର ସଇନ ଯାଇଛନ୍ତି ଶୋଇ
ଜୀବନକୁ କରି ଭୟ
ଅକାଳେ ମରୁଡି ପଡେ ଏ ରାଇଜେ
ଚାଷୀ କୂଳ ନୁହେଁ ଥୟ ।
କୃଷି କର୍ମଣର ପୁରସ୍କାର ପାଏ
ଆମରି ଓଡିଆ ପୁଅ
ଆତ୍ମହତ୍ୟା କରେ କୁହ କି କାରଣେ
ଏଥିପାଇଁ କିଏ ଦାୟୀ ।
ନିଜ ମୁଖେ ଦାନା ଦେବାକୁ ଓଡିଆ
ହାତ ପାତେ ପର ପାଶେ
ତଥାପି କହୁଛେ ଆମେ ବୀର ଜାତି
ଆଗକୁ ଦୁର୍ଦିନ ଦିଶେ ।
ନେତା ଓ ନେତୃତ୍ୱ ଜାତି ନନ୍ଦିଘୋଷ
ଟାଣିବା ବାହାନା କରି
ଆର୍ଥିକ ଶୋଷଣ କରନ୍ତି ରାଇଜେ
ସ୍ୱାର୍ଥର ରଜ୍ଜୁକୁ ଧରି ।
ମାତା ପଦଚିହ୍ନ ଲୋଡା ନାହିଁ ଆଉ
ସମୟକୁ ନଷ୍ଟ କରି
କାହିଁକି ଖୋଜିବୁ ବଣ, ତୋଟା ମାଳ
ନୟନରେ ଅଶ୍ରୁ ଭରି ।

ଜଗତର ନାଥ କାଳିଆ ସାଆନ୍ତ
ନିଦ୍ରାରେ ଅଛନ୍ତି ଶୋଇ
ତାଙ୍କ ବ୍ରହ୍ମ ପୁଣି ଚହ୍ନି ନ ପାରନ୍ତି
ଆମରି ଓଡିଆ ଭାଇ ।
କୁମ୍ଭୀର କାନ୍ଦଣା କାନ୍ଦନ୍ତି ସଭିଏଁ
ପୁଷ୍ପ ଦେଇ ତୁମ ପାଦେ
ନେତା ଅଫିସର ନୀରବେ କୁହନ୍ତି
ବାଣ୍ଟି ନେବା ଅଧେ ଅଧେ ।
ଭଣ୍ଡ, ବେଇମାନ ଭଦ୍ର ମୁଖା ପିନ୍ଧି
ବୁଣି ତାଙ୍କ ମାୟା ଜାଲ
ସରଳ ବିଶ୍ୱାସୀ ଓଡିଶାବାସୀଙ୍କୁ
କରୁଛନ୍ତି କଲବଲ ।
ଦିନ ଦ୍ୱିପ୍ରହରେ ହୁଏ ହରିଲୁଟ
ଆଇନ୍ ବାନ୍ଧିଛି ଆଖି
କଳାବଜାରୀଙ୍କ ଅଟେ ଏ ଭୂସ୍ୱର୍ଗ
ସହି ହୁଏନାହିଁ ଦେଖି ।
ପେଟ ପାଇଁ ବିକେ ନିଜ ମାଆ ଶିଶୁ
କନ୍ୟା ଭ୍ରୁଣ ହୁଏ ହତ୍ୟା
ଦାଦନ ଖଟନ୍ତି ମୋ ଓ୍ୱଇଜ ଜନ
କହୁନାହୁଁ ଆମେ ମିଥ୍ୟା ।
ତେଣୁ ହେ ବିପ୍ଳବୀ ଜନ୍ମ ନାହିଁ ଥରି
ଅବତରି ଆସ ଥରେ
ଜଗାଇ ସକଳେ ଫେରିଆ ସ୍ୱକୁଳେ
ନିବେଦନ ଭକ୍ତି ଭରେ ।



ବିଭୁତିପୁର, କାକଟପୁର, ପୁରୀ

# ଝଡ



ସୁଲୋଚନା ପଟ୍ଟନାୟକ

ଏକୁଟିଆ ରହିବା ଗତରେ ପଡିଗଲାଣି ସରୋଜିନୀଙ୍କର । ପ୍ରଥମେ ପ୍ରଥମେ ଭାରି ଛାନିଆ ଲାଗୁଥିଲା । ଏକୁଟିଆ ନିଛାଟିଆ ରାତି ଲମ୍ବା ମନେ ହେଉଥିଲା । ଜୀବନ ପିତା ଲାଗୁଥିଲା । "କାହିଁକି ଓ କ'ଣ" ର ପ୍ରଶ୍ନ ନେଇ ନିରୋଳା ସମୟ ସବୁ ଅଶାନ୍ତିରେ ଭରିଯାଉଥିଲା । ଭଗବାନଙ୍କୁ ଗାଳି ଦେବା ନିତି ଦିନିଆ କାମ ପରି ମନେ ହେଉଥିଲା । ସରୋଜିନୀ ଗୋଟିଏ କୋକୁନ୍ ଭିତରେ ବନ୍ଦି ହୋଇ ରହି ଯାଇଥିଲା । ସବୁବେଳେ ନିଜକୁ ନିଜେ ଦୋଷି ବୋଲି ମଣୁଥିଲା । ଭାରତୀୟ ନାରୀର ସହଜାତ ଧର୍ମ ସହିବା । କିନ୍ତୁ ସରୋଜିନୀ ଭାବୁଥିଲା ଭଗବାନ ବୋଧେ ତାକୁ ଭୁଲରେ ନାରୀଟିଏ କରି ଜନ୍ମ ଦେଇଛନ୍ତି । ସହିବା ଯେମିତି ଅଚିହ୍ନା ଶବ୍ଦଟିଏ ତା ପାଇଁ । ସିଏ ଆଜିକାଲି କାହାର ଆକ୍ଷେପ ସହି ପାରୁନି । ଧକ୍କା ସହିବାର ଶକ୍ତି ତା'ଠୁ କିଏ ନେଇଯାଇଛି । ଧୀରେ ଧୀରେ ଧୂଆଁଳିଆ ଆକାଶରେ ସୂର୍ଯ୍ୟ ଉଇଁଲା । କୋକୁନ୍ ଭିତରୁ ସିଏ କଇଁଛଟିଏ ପରି ମୁହଁ ଟେକି ବାହାରକୁ ଚାହିଁଲା । ସୂର୍ଯ୍ୟର କଅଁଳିଆ କିରଣ ତାର ମନକୁ ଆନ୍ଦୋଳିତ କରିବାକୁ ଲାଗିଲା । ଦେହରେ ଏକ ନୂଆ ସ୍ଫୁର୍ତ୍ତି ସିଏ ଅନୁଭବ କଲା । ଅତୀତ ଉପରେ ଠିଆ ହୋଇ ବର୍ତ୍ତମାନକୁ ଦେଖିଲା । ଦୁଃଖ ସୁଖକୁ ନିଜ ମନର ନିକତିରେ ତଉଲିଲା । ଛୋଟ ଛୋଟ ସୁଖକୁ ନେଇ ସିଏ ଖୁସି ହୋଇ ପାରିଲା । ଜୀବନ ବଦଳିବାରେ ଲାଗିଲା । ବସନ୍ତ ପବନ, ଅଦିନିଆ ବର୍ଷା, ସକାଳ ସୂର୍ଯ୍ୟର ନରମ କିରଣ, ଶୀତ ଦିନର ପ୍ରଥମ ବରଫପାତ, ପୁଣି ଭଲ ଲାଗିବାକୁ ଲାଗିଲା ।

ସେଦିନ କାମରୁ ଫେରିବା ପରେ ଘରେ ବସି ଟିଭି ଦେଖୁଥିଲା "ଓପ୍ରା ଉଇନଫ୍ରିର ସୋ' । ଓପ୍ରା ସୋ ତାକୁ ଭଲଲାଗେ । ଗୋଟିଏ ଅସୁବିଧା ହେଉଛି ସୋ'ର ସମୟ । ଅପରାହ୍ନ ଚାରିଟାବେଳେ ସବୁଦିନ କାମରୁ ଫେରି ହୁଏନା । ଯେଉଁ ଦିନ ସକାଳ ସାତଟାରେ ଅଫିସ ଯାଇଥାଏ ସେଦିନ କେବଳ ତିନିଟାରେ ଫେରି ଟିଭି ଦେଖି ହୁଏ । ବେଳେବେଳେ ଏମିତି ହୁଏ

ଯେ ସେତିକି ବେଳକୁ ଅଫିସରୁ କଏ ସାଙ୍ଗ ଡାକନ୍ତି ଅବା ସିଏ ଜଳଖିଆ ଟିକଏ ଖାଇ ଦେଇ ସୋଫାରେ ପଡିଯାଏ । କିନ୍ତୁ ସେଦିନ କଥା ସିଏ ଭୁଲି ପାରିନି ଆଜି ଯାଏ । ହଠାତ ସିଏ ଗୋଟେ କଲ ପାଇଲା ଜୀବନ ବାବୁଙ୍କର ଜଣେ ବଂଧୁଙ୍କ ପାଖରୁ । ଯେହେତୁ ଜୀବନ ବାବୁଙ୍କର ସାଙ୍ଗ, ଖୋଲାଖୋଲି କଥା ହେବାକୁ ତାକୁ ଅଖାଡୁଆ ଲାଗିଲା । ଆସ୍ତେ ଆସ୍ତେ ଏମିତି ହେଲା ଯେ, ସିଏ ତା ଅଜାଣତରେ ତାଙ୍କ ଡାକକୁ ଅପେକ୍ଷା କରିଛି । ଯଦି ତାଙ୍କଠାରୁ ଫୋନକଲ ସେଇ ସମୟରେ ନ ଆସେ, ତା ମନ ମରିଯାଏ । ପ୍ରଥମରୁ କେବଳ ତାଙ୍କ କାମ ବିଷୟରେ ସେମାନେ କଥାବାର୍ତ୍ତା କରୁଥିଲେ । ଦୁହେଁ ଏକା କ୍ଷେତ୍ରରେ କାମ କରନ୍ତି । ତେଣୁ କାମରେ କେତେବେଳେ କଣ ହେଲା, କେଉଁଠି କେତେବେଳେ କାମ ଅଟକି ଯାଇଛି, ସେଇ କଥା ହୁଅନ୍ତି । ପରେ କଥାର ଗତି ବଦଳିଗଲା । ଏବେ କଥାର କୌଣସି ପ୍ରସଙ୍ଗ ନାହିଁ । ଢିଙ୍କିଶାଳରୁ ଢେଙ୍କାନାଳଯାଏ କଥାର ସୁଅ ଫିଟେ । କେତେବେଳେ ସମୟ କୁଆଡେ ଯାଏ ଜଣା ପଡେନି । ଅଳ୍ପ କଥା, ଅଳ୍ପ ପରିଚୟ ବର୍ତ୍ତମାନ ବଂଧୁତ୍ୱରେ ପହଞ୍ଚିସାରିଛି । ଆସ୍ତେ ମନେ ହେଉଛି ବଂଧୁତ୍ୱରେ ନିବିଡତା ଆସିଯାଇଛି ।

ସେଦିନ ଦି' ପ୍ରହର ଖରାବେଳେ ସରୋଜିନୀ ଟିକେ ଗଡପଡ ହେଉହେଉ ଆଖି ଲାଗି ଆସିଥିଲା । ହଠାତ କଲିଂବେଲ୍‌ର ଶବ୍ଦରେ ସିଏ ଉଠି ପଡିଲା । ପ୍ରାୟତଃ ଆଗରୁ ନ ଜଣାଇ ଆମେରିକାରେ କେହି କାହାଘରକୁ ଆସନ୍ତି ନାହିଁ । ଆଜି କିଏ ଡାକିଲା ବୋଲି ସିଏ ଟିକେ ଆଶ୍ଚର୍ଯ୍ୟ ହୋଇଗଲା । ପଡିଶା ଘରର ଗାର୍ଲ ସ୍କାଉଟର ଝିଅଟି କୁକି ବିକିବାକୁ ଆସିଥିବ ଭାବି ସିଏ କବାଟ ଖୋଲି ଦେଖିଲା ସାମନାରେ ଠିଆ ହୋଇଛନ୍ତି ଚିରାଗ ଦାଶ । କବାଟ ଅଧା ଖୋଲା ଥାଏ, ଘରକୁ ନ ଡାକି କ'ଣ ହେଲା ବୋଲି ସିଏ ପଚାରିଲା । ଭିତରକୁ ଆସିବାକୁ ସିଏ ଅନୁମତି ମାଗିଲେ । ଆସିସାରିଲା ପରେ ସରୋଜିନୀ ଦେଖିଲା ସତେକି ଝଡଟିଏ ବୋଲି ଯାଇଛି ତାଙ୍କ ଉପରେ । ଭାରିଭାଙ୍ଗି ପଡିଲା ପରିମନେ ହେଉଛନ୍ତି । ଆଖିରେ ଲୁହ ଛଳଛଳ । ଚିରାଗବାବୁ କହିଲେ, "ଆଜି କାହିଁକି ଭାରି ମନ ଖରାପ ଲାଗିଲା । କାହା ସହ କଥା ଦୁଇପଦ କହିଦେଲେ ମନ ହାଲୁକା ଲାଗିବ ଭାବି ତୁମ ଘରକୁ ଚାଲିଆସିଲି । କୁଆଡେ ଯିବି, କଣ କରିବି ଭାବୁଥିଲି, କିନ୍ତୁ ଗାଡିରେ ବସିବା ପରେ ଗାଡିର ମୋଡ ମତେ ଯେମିତି ତୁମଘରକୁ ଟାଣି ଆଣିଲା । କିଛି ଖରାପ ଭାବୁନ ତ ? ଯଦି ବ୍ୟସ୍ତ ଅଛ, ତାହେଲେ ମୁଁ ଫେରିଯିବି" । ସରୋଜିନୀ କହିଲା, "ଚିରାଗବାବୁ, ସେମିତି କିଛି ବ୍ୟସ୍ତ ନାହିଁ ଯେ ମୁଁ ଆପଣଙ୍କ କଥା ଶୁଣି

ପାରିବିନ । ବସନ୍ତ, ମୁଁ ଗୁହା ଦୁଇ କପ ଧରି ଆସିବି, ତା' ପରେ କଥା ହେବା" । ସରୋଜିନୀ ରୋଷେଇଘରକୁ ଯାଇ ଦୁଇ କପ ପାଣି ଗରମ କରିବାକୁ ବସାଇଲା । ଆଜି ଆଉ ମାଇକ୍ରୋୱେଭରେ ଟି ବ୍ୟାଗ ପକାଇ ଗୁହା କରିବାକୁ ଇଚ୍ଛା ସୁଦ୍ଧା କଲାନାହିଁ । ଅଦା ପକାଇ ଟାଟା ଗୁହା ଗୁଣ୍ଡ ଦୁଇ ଗୁମୁଚ ପକାଇ କଡା କରି ଗୁହାକଲା । ଅନେକ ଦିନୁ ବ୍ୟବହାର କରା ନ ହୋଇଥିବା ଟ୍ରେ ବାହାର କରି ଗୁହା ଦୁଇ କପ ଧରି ଲିଭିଂ ରୁମ୍‌କୁ ଆସିଲା । ଚରାଗବାବୁ ଖୁବ ଅନ୍ୟମନସ୍କ ଜଣା ପଡୁଥାନ୍ତି । ସରୋଜିନୀ ଗୁହା କପଟି ତାଙ୍କ ହାତକୁ ବଢାଇ ଦେଲା । ସରୋଜିନୀ ସ୍ୱରରେ ବ୍ୟସ୍ତତା ନେଇ ପଗୁରିଲା, "ଆପଣ ଖୁବ ଭାଙ୍ଗି ପଡିଛନ୍ତି, କ'ଣ ହେଲା"? ଚରାଗ ଗୁହା କପରୁ ସିପ୍‌ଟିଏ ନେଇ କପଟିକୁ ଟିପୟ ଉପରେ ରଖିଦେଲେ । ସରୋଜିନୀକୁ ଗୁହିଁଲା । ଆଖିରେ ଆଖି ମିଶାଇ କହିଲା, "ସରୋଜିନୀ, କହିଲାଭଳ କିଛି ନାହିଁ । କିନ୍ତୁ ମନରେ ଭାବ ପ୍ରବଣତା ବେଳେବେଳେ ଆସିଯାଏ । ହୃଦୟରୁ ଝଲସି ଆସୁଥିବା କୋହମାନେ ଶବ୍ଦରେ ସବୁବେଳେ ରୁପାନ୍ତରିତ ହୋଇ ପାରନ୍ତିନ । ପାଟି ପାଖରେ ଆସି ଲାଖି ଯାଆନ୍ତି, ଜିଭ ଶୁଖିଯାଏ, ମନ ମରିଯାଏ, ମୁଣ୍ଡ କୋଡି ହୋଇପଡେ । ଶବ୍ଦମାନେ ଚୁପଗୁପ ଶୋଇଯାଆନ୍ତି । ଆଖିରୁ ଲୁହ ବୋହି ଆସେ । ପାଟିରୁ ବାହାରି ନ ପାରିଥିବା ଶବ୍ଦମାନେ ନୀରବତା ଗ୍ରହଣ କରନ୍ତି ଆଉ ଲୁହ ହୋଇ ଝରିଯାଆନ୍ତି । ଲୁହ ପୋଛି ଦେବାକୁ ପାଖରେ କେହି ନ ଥାନ୍ତି । ଦୁଃଖରେ ଭାଗି ହେବାକୁ ଗୁରିକାନ୍ଥର ଆବଦ୍ଧ ପରିସର ଛଡା କଏ ନ ଥାଏ । କବାଟ ବାଡେଇ କଏ ଡାକେନା, ଚିଠିଟିଏ କଏ ଲେଖେନା, ଚରାଗ ବଞ୍ଚିଛି କି ମରିଛି ବୋଲି ଦେଖିବାକୁ ଗୁହେଁନା । ମନ ଭିତରେ ଝଡ ଉଠେ । ଆଜିର ଏ ଝଡକୁ ଅଟକାଇବାର ଶକ୍ତି ମୋର ନାହିଁ ସରୋଜିନୀ । ମୁଁ ନିଜେ ବି ଜାଣି ପାରୁନ କହିବି କଣ ? ଆସିଛି କାହିଁକି" ?

ସରୋଜିନୀ ବସିବା ଯାଗାରୁ ଉଠି ଆସିଲା । କୋଳାଗ୍ରତ କଲା ଚରାଗ ବାବୁଙ୍କୁ । ପୁଣି ଆସ୍ତେ ହାତ ହୁଗୁଳାଆସିଲା, ଦୁହେଁ କିଛି ସମୟ ନୀରବରେ ବସିଲେ । ସରୋଜିନୀ କଥା ଆରମ୍ଭ କଲା, "ଦେଖନ୍ତୁ ଚରାଗବାବୁ, ମତେ ଦେଖନ୍ତୁ । ସମୟ ମତେ ଅନେକ ପରୀକ୍ଷାର ସମ୍ମୁଖିନ କରାଇଛି । ମୁଁ ବାରବାର ଭାଙ୍ଗି ପଡିଛି । କେହି ଆସି ନାହାନ୍ତି ଆହା ପଦେ କହିବାକୁ । କିନ୍ତୁ ମନର ବଳରେ ମୁଁ ଆଜି ବି ବଞ୍ଚିଛି । ନିଜ ଶିଂଘରେ ମାଟି ତାଡି ଠିଆ ହେବାକୁ ଶିଖିଛି । କଏ କଣ କହିଲେ ଶୁଣିଛି । କିନ୍ତୁ ସେ ଚର୍ଚ୍ଚାରୁ ମୁଁ କଣ ଗ୍ରହଣ କରିବି ତା' କେବଳ ମୋ'

ଉପରେ ନିର୍ଭରକରେ । ମୁଁ ପ୍ରଶ୍ରୟ ଦେଲେ ହିଁ କିଏ ମୋତେ ଦୁର୍ବଳ କରିପାରିବ । ମୋ ଭିତରେ "ମୁଁ" କୁ ଖୋଜି ପାଇଛି । ଆଜି ମୁଁ ଏକ ଦାମ୍ଭିକା ନାରୀ, ଯିଏ ନିଜ ପାଇଁ ଯୁଦ୍ଧ କରିବାକୁ ସଦା ପ୍ରସ୍ତୁତ, ସଦା ଯାଗ୍ରତ । ମୁଁ ଏକ ଦୁଃର୍ବଳ ଲତାଟିଏ ପରି ଝାଉଁଳି ପଡିନି । ସରୋଜିନୀ କହିଲା, "ଲାଗୁଛି, ମୁଁ ଆପଣଙ୍କୁ ବହେ ବକ୍ତୃତା ଦେଲିଣି । ଆପଣ କହନ୍ତୁ, ମୁଁ ଆପଣଙ୍କୁ କ'ଣ ସାହଯ୍ୟ କରି ପାରିବି" ? ଚାରୁଗବାବୁ ହସିଲେ ସାମାନ୍ୟ । କହିଲେ, ମୁଁ ତ ସେଇଥିପାଇଁ ଆପଣଙ୍କ ପାଖକୁ ଆସିଛି । ଆପଣଙ୍କଠୁ ଶିଖିବି ଛୋଟ ଛୋଟ କଥାରେ କେମିତି ଖୁସି ହୋଇ ପାରିବି, ଯାହା ମୁଁ ଆଜି ଭୁଲିଯାଇଛି, ଯେଉଁ କଥାରେ ମୁଁ ଶାନ୍ତି ପାଉଥିଲି, ତାହା ଆଜି ସ୍ୱପ୍ନ ପରିଲାଗୁଛି । ଆଜି ଜୀବନ ମୂଲ୍ୟହୀନ ଲାଗୁଛି । ନିଜ ବଂଧୁ ପ୍ରିୟଜନଙ୍କ ସହ କଥା ହେବାକୁବି ଇଛା ହେଉନାହିଁ । ଏକୁଟିଆ ରହିବାକୁ ଭଲଲାଗୁଛି । ବେଳେବେଳେ ପାଗଳ ପ୍ରାୟ ହୋଇଯାଉଛି । ସରୋଜିନୀ କହିଲା, "ଏଇଟା କିଛି ନୂଆ କଥା ନୁହେଁ । ଏମିତିଆ ସମୟ ଆସେ, ଯେତେବେଳେ ସଂସାର, ଜୀବନ ତୁଛ ମନେ ହୁଏ । କିନ୍ତୁ ସବୁ ନିର୍ଭର କରେ ନିଜ ଉପରେ । ଆପଣଙ୍କୁ ଖୋଜିବାକୁ ପଡିବ, ଖୋଜି ପାଇବାକୁ ପଡିବ ସ୍ୱପ୍ନଟିଏ । ଛୋଟିଆ ସ୍ୱପ୍ନଟିଏ । ସେଥିପାଇଁ ଶୋଇବାର ଆବଶ୍ୟକତା ପଡିବନି । ରାତି ପାଇଁ ଅପେକ୍ଷା କରିବାକୁ ପଡିବନି । ଦିନବେଳେ, କେଉଁ ନିରୋଳା ମୁହୂର୍ତ୍ତଟିକୁ ବାଛିନେଇ ଆଖି ଖୋଲି ଦେଖିବାକୁ ହେବ ଆଗାମୀକୁ ।

ସ୍ୱପ୍ନିଳ ମୁହୂର୍ତ୍ତରେ ବିଭୋର ହୋଇ ଆନନ୍ଦକୁ ଉପଭୋଗ କରିବାକୁ ହେବ । ଅତୀତକୁ ଗୋଡରେ ଏଡାଇ ଦେଇ ହେବନି । କାର୍ପେଟ ତଳେ ଗୁଞ୍ଜି ଦେଇ ହେବନି । ସମୟ, ଅସମୟ ଦେଖି ଅତୀତ ସବୁବେଳେ ଉଙ୍କି ମାରିବ । ଚେତାଇ ଦେବ ପୁରୁଣା ଦିନ ମାନଙ୍କରେ ଘଟିଥିବା ଘଟଣାବଳୀକୁ । କୁଆଡେ ଚାଲିଯିବାକୁ ବାଟ ଖୋଜିଲେ ବି ବାଟ ମିଳିବନି । ଉପରେ ଦିଶୁଥିବା ମୁକ୍ତ ଆକାଶ, ଯାହା ଆଖି ନ ପାଇବାଯାଏଁ ବିସ୍ତାରି ଯାଇଛି, ପାଦ ତଳର ଧୂସର ଧରିତ୍ରୀ – କେତେବେଳେ ସବୁଜ ଘାସର ଗାଲିଚା ପକାଇ ଆମନ୍ତ୍ରଣ କରୁଛି ତ, କେତେବେଳେ ରଂଗବେରଂଗ ଫୁଲ ସଜାଇ ମୋହିତ କରୁଛି । ଯିବାକୁ ଚାହିଁଲେ ଆଖି ଆଗରେ ଅସରନ୍ତି ରାସ୍ତା ପଡିଛି । ସେଇ ଅଙ୍କା ବଙ୍କା ରାସ୍ତାରେ ଯାଉଯାଉ ନିଜର ଲକ୍ଷ୍ୟସ୍ଥଳ ବି ଭୁଲି ହୋଇଯାଉଛି, ଯାଣି ହେଉନି । ଏକ ରହସ୍ୟମୟ ଆବର୍ତ୍ତନରେ ଗୁଡେଇ ହୋଇ ପୁଣି ଆରମ୍ଭ କରିଥିବା ସ୍ଥାନକୁ ଫେରି ଆସୁଛି ଏ ମନ । ଜୀବନର ରହସ୍ୟ ଭେଦ କରିବା ଅସମ୍ଭବ ମନେ

ହେଉଛି । ଶାରୀରିକ ସୁସ୍ଥତା ଓ ମାନସିକ ଅସୁସ୍ଥତା ମିଶି ଏକାକାର ହୋଇ ଯାଉଛନ୍ତି । କିନ୍ତୁ ଭୁଲନ୍ତୁ ନାହିଁ ସେଇ ଛୋଟ ସ୍ୱପ୍ନଟିକୁ" ।

ଚରିଗ ନୀରବ ନିଶ୍ଚଳ ହୋଇ କାହାକୁ ଖୋଜୁଛି ମନ ଭିତରେ । ରାଗ, ହିଂସା, ଦ୍ୱେଷ, ଭଲ ପାଇବା ସବୁ ଏକାଠି ହୋଇ ମନ୍ତ୍ରଣାରେ ବ୍ୟସ୍ତ । ଝଡର ପୂର୍ବାଭାଷ ଦେଖା ଯାଉଛି । ଡରିଯାଉଛି ଚରିଗ । କାକୁସ୍ଥ ହୋଇ ମିନତି କରୁଛି ଭଗବାନଙ୍କୁ । ଭଗବାନଙ୍କୁ ଡାକିବ ଅବା ଭାଗ୍ୟକୁ ନିନ୍ଦି ଚୁପ ହୋଇରହିବ, କିଛି ବି ଜାଣି ପାରୁନି । ସରୋଜିନୀର କଥା ଆଉ ଶୁଣାଯାଉନି, ଯଦିଓ ସରୋଜିନୀଠାରୁ ଉପଦେଶ ଶୁଣିବା ପାଇଁ ସିଏ ଆସିଥିଲା । ସରୋଜିନୀର ଲିଭିଂ ରୁମ୍‌ର ଟିଭିରେ ଚାଲୁଥିବା ସମ୍ବାଦ ସେମିତି ଚାଲୁଛି, କିନ୍ତୁ କୌଣସି ଶବ୍ଦ ତା କାନକୁ ଶୁଣାଯାଉନି । ସେତେବେଳ କୁ ଚାହା କପ ଥଣ୍ଡା ହୋଇସାରିଛି । ଥଣ୍ଡା ଚାହା କପରୁ ଆଉ ଗୋଟିଏ ସିପ୍ ନେଇ ଚରିଗ ଉଠିଲା । "ତମକୁ ଅକାରଣେ ହଇରାଣ କଲି ସରୋଜିନୀ । ତୁମର ଅନେକ ସମୟ ନଷ୍ଟ କଲି । ନ ଡାକି, ନ କହି ତୁମ ଦୁଆରେ ଆସି ଠିଆ ହୋଇଗଲି ତୁମ କରୁଣାର ଭିକ ମାଗିବା ପାଇଁ । ତୁମକୁ ଧନ୍ୟବାଦ କହିବା ଛଡା ଆଉ କଣ କରିପାରିବି ? ଭଗବାନ ତୁମକୁ ସଦା ସୁଖୀ ରଖନ୍ତୁ" । ଚରିଗ ଉଠି ଚାଲିଗଲା । ସରୋଜିନୀ କବାଟ ବନ୍ଦ କରିବାକୁ ଉଠିଲା, ଦେଖିଲା ଯେମିତି ତା ଗୋଡରେ ବଳ ନାହିଁ । ପାଦ ଦୁଇଟି ଘୋଷାରି ହେଉଛି । କୁଆଡେ ଗଲା ତାର ଦମ୍ଭ ?

ଉପ-ସଭାପତି, ଦି ଓଡିଶାସୋସାଇଟି ଅଫ୍ ଆମେରିକାଜ୍
ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା



# କେବେ ଯିବ ତୁମେ
# ମିନେସୋଟା ର ଶୀତ ଋତୁ



ଶାନ୍ତିଲତା ମିଶ୍ର

ମନେ ପଡିଯାଏ, ଶୀତ ସକାଳରେ, କଅଁଳ ଖର୍‌ରେ ବସି ।
ପ୍ରେମ ଗଳ୍ପ ପଢା, ଅଳସ ଭ୍‌ଙ୍ଗିବା, ଲ୍‌ଗୁଥିଲ୍ କେତେ ଖୁସି ॥ ୧ ॥
ଗୋଲ୍‌ପ ଫୁଲର ଏମ୍ବ୍ରୋଡୋରି ବୁଣା, ରୁମାଲରେ ବସି ବସି ।
କେତେ କରୁଥିଲୁ ବଣ ଭୋଜି, ସବୁ ସାଙ୍ଗ ସାଥୀ ମିଳମିଶି ॥ ୨ ॥
ବନ୍ଧୁ ପରିଜନ, ପରିବାର ସଙ୍ଗେ, ନଆଁ ଗୃରିକଡେ ବସି ।
ଆଈ, ଜେଜେ ମା ଠାରୁ ଗପ ଶୁଣିଶୁଣି, ଗଡୁଥିଲୁ ହସି ହସି ॥ ୩ ॥
ଶୀତ ଋତୁ ସାର୍ କେତେ ଯେ ଆନନ୍ଦ, ପୂଜା ପରବରେ ଭର୍ ।
କୁଆଁର ପୂନେଇଁ, ଦୀପାବଳୀ ଆସେ, ଗଲ୍ ପରେ ଦଶହର୍ ॥ ୪ ॥
ପିଠା, ଖିରୀ, ପୁରି ମନେ ପଡିଗଲେ, ଏବେବି ପାଟିରୁ ଝରଇ ଲ୍‌ଳ ।
ଶୋଇବାକୁ ମଜ୍ଜା ଲ୍‌ଗୁଥିଲ୍, ଆଈ କୋଳେ, ଘୋଡେଇ ହୋଇ କମ୍ବଳ ॥ ୫ ॥
କନ୍ତୁ....ନଏସୋଟାର ଶୀତ ତୁମେ ଆସୁଅଛ, ବ୍ୟାଘ୍ର ସିଂହର ହିଂସ୍ରତା ନେଇ ।
ନଦାରୁଣ ନଷ୍କରୁଣ ମହିଷାସୂର ଓ ର୍‌ବଣର, କ୍ରୁର ଉଗ୍ରତା ନେଇ ॥ ୬ ॥
କୋଟ୍ ପରେ କୋଟ୍, ସ୍ୱେଟର, ଜ୍ୟାକେଟ୍ ଯେତେ ପିନ୍ଧିଲେ ବି କେହି ।
ହାତ ଭଙ୍ଗା, ମଜ୍ଜାଥର୍ ଶୀତ, ପ୍ରକୋପକୁ ଜମା ସହି ତ ନୁହଁଇ ॥ ୭ ॥
ନରବେ ଆକାଶୁ ଝରଇ ତୁଷାର, ଧଳା ଫୁଲର ଭ୍ରମ କରି ସୃଷ୍ଟି ।
ଖୁସିର ଆଭ୍‌ଷ, ଦେବାପାଇଁ ଇନ୍ଦ୍ର, ଅବା କରନ୍ତି ଏପରି ବୃଷ୍ଟି ॥ ୮ ॥
ଲ୍‌ଗଇ ସେମିତି, ନୁହେଁତ ଏମିତି ମୃଗ ତୃଷ୍ଣା ଖାଲି ତାହା ।
ତା ରୂପରେ ମୁଗ୍ଧ ହୋଇ ଛୁଇଁ ଦେଲେ, ବାଟୋଇ ନପାଏ ର୍‌ହା ॥ ୯ ॥
ବରଫ ଝଡର ସାମନା ହୋଇଗଲେ, କହିବାକୁ ବାକ୍ୟ କଛି ରହେ ନାହିଁ ।
କେବେ ନେବ ତୁମେ ବିଦାୟ ମେଲ୍‌ଣି, ଦିନ ଗଣି ଗୃଲି ମୁହିଁ ॥ ୧୦ ॥
ମନେ ମନେ କରେ କେତେ ଯେ ପ୍ରାର୍ଥନା, ପ୍ରଭୁ ପାଦ ତଳ ଗୃହିଁ ।
ଅଭିସଂପାତ ଦେଇ, କାମନା କରଇ, ତୁମ ନଫେରିବା ପାଇଁ ॥ ୧୧ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଶାଗୁଣା



କାଳକଙ୍କର

ଦୂର ଆକାଶ ଦେହରେ ଉଡୁଥିଲା ବେଳେ ଶାଗୁଣାଟିଏ ତାର ଆହାରକୁ ଭୂଇଁରେ ପଡିଥିବାର ଦେଖି ନଏ । ସଂଗେ ସଂଗେ ସେହି ଆକାଶରୁ ସେ ଚକ୍କର କରି ଅନ୍ୟ ଶାଗୁଣା ମାନଙ୍କୁ ଖବର ଦିଏ । ସମସ୍ତେ ଜଣେ ପରେ ଜଣେ ଆସି ମରି ପଡିଥିବା ଜୀବଟିକୁ ଝୁଣି ଖାଆନ୍ତି । ଏକତାରେ ସେମାନେ ବିଶ୍ୱାସ କରନ୍ତି । ପରଷ୍ପରର ହାନ ଲାଭରେ ସେମାନେ ଜୀବନ ଜିଅଁନ୍ତି। ସ୍ୱାର୍ଥପରତା ତାଙ୍କ ପାଖରେ ନାହିଁ । ସେମାନେ ଆହାରକୁ ମିଳମିଶି ଖାଆନ୍ତି । ପୃଥିବୀରେ ମୃତ ଜୀବର ଦେହକୁ ପଚ ସଢି ବିଶେଷ ଦୁର୍ଗନ୍ଧ ହେବା ପୂର୍ବରୁ ସେମାନେ ପରିସ୍କାର କରି ଦିଅନ୍ତି । ମନ ଆନନ୍ଦରେ ନୀଳ ଆକାଶ ତଳେ ଅବିରାମ ଘୁରି ବୁଲନ୍ତି । ସେମାନେ କେବେ ଥକନ୍ତି ନାହିଁ । ପବନ ଦେହରେ ଆପଣା ଦେହକୁ ମିଶାଇ ଉଡୁଥିବା ବେଳେ ସେମାନେ ଆପଣାର କ୍ଳାନ୍ତି ଦୂର କରନ୍ତି ।

କେବଳ ମୃତ୍ୟୁରେ ସେମାନେ ଶେଷ ବିଶ୍ରାମ ନଅନ୍ତି ।

ଶାଗୁଣା ମହାନ୍ତି ଦୂର ଆକାଶକୁ ଦେଖି ସେହି ଶାଗୁଣା ପକ୍ଷୀ ମାନଙ୍କୁ ଘଂଟା ଘଂଟା ଧରି ଦେଖନ୍ତି । ସେମାନେହିଁ ତାର ଆଦର୍ଶ । ଶାଗୁଣାଙ୍କ ପରି ଦୂର ଦୂରାନ୍ତରୁ ପରିତ୍ୟକ୍ତ ଜିନଷ ସାଉଁଟି ଆଣନ୍ତି । ଲୁହା, ପ୍ଲାଷ୍ଟିକ୍, ଟିଣ, କାଗଜ, କନା, ଅଖା ଯାହା ତା ଆଗରେ ପଡେ ସେ ତାକୁ ଆଣନ୍ତି ।

ତାର ଘର ବାଡିର ପରିସୀମା ପିତାଙ୍କ ଅମଳରୁ ଯଥେଷ୍ଟ । ତା ସହିତ ଘରକୁ ଲାଗି ବିସ୍ତୀର୍ଣ୍ଣ ସରକାରୀ ଜମି । ସେ ସବୁକୁ ଶାଗୁଣା ମହାନ୍ତି ବ୍ୟବହାର କରନ୍ତି । ବର୍ଷ ବର୍ଷ ଧରି ସେ ଏହି ସବୁ ଜିନଷ ସାଉଁଟନ୍ତି । ଗଦା କରନ୍ତି । ସେଥିପାଇଁ ଲୋକେ ତାକୁ ଡାକନ୍ତି ଶାଗୁଣା ମହାନ୍ତି । ଶାଗୁଣା ପରି ଯେମିତି ତାର ଦିଶା ଓ ଦଶା । ପଗ୍ଭ ସଢା ସେ କଛି ମାନନ୍ତି ନାହିଁ । କେହି ପଗ୍ଭରିଲେ କହନ୍ତି, ପୃଥିବୀରେ ସବୁ ଟିକ ଟିକ ଜିନଷର ମଧ୍ୟ ମହତ୍ୱ ରହିଛି । ଖଣ୍ଡ ଖଣ୍ଡ ଭଂଗା ଲୁହା, ଟିଣ, ଅଖା, କପଡା, କାଗଜ ସବୁ ଦିନେ ଦରକାରରେ ଲାଗିବ ।

ଲୋକେ କହନ୍ତି ସତରେ ଏ ଲୋକଟିର ନାମ ବିଚକ୍ଷ । ବାପ ମାଆ ତାର ନାମ ଦେଇଥିଲେ ଦଇନ ଅର୍ଥାତ୍ ଦାନବୀର କନ୍ତୁ କେଡେ କୃପଣ ସତେ ! ଲୋକେ ସତରେ ଯାହା ଶାଗୁଣା ନାମ ରଖିଛନ୍ତି ତାହା ସତ ।

ଶାଗୁଣା ମହାନ୍ତିର ତିନ ବିଘା ପୈତୃକ ଜମି । ପାଂଚ ବରଷରେ ସ୍ତ୍ରୀ ତାର ପାଂଚ ବିହାଣ ବେହି ସାରିଛି । ସେମାନେ ଖାଇବେ ପିନ୍ଧିବେ ତାପରେ ଔଷଧ ପତା । ଏଣୁ ସେ ସବୁ କଛିକୁ ସାଇତି ରଖେ । ଗୋଟିଏ ଜିନଷକୁ କେମିତି ବାରମ୍ବାର ବ୍ୟବହାର କରିହେବ ତାର ସେ ରିତିମତ ଗବେଷଣା କରେ ।

ଦୂର ଗ୍ରାଇଜକୁ ଯାଇ ବିକ୍ରୀ ମଧ୍ୟ କରେ । ତାର ଏ ସବୁ ଜିନଷର ଗ୍ରହିଦା ବା କ୍ରେତା ଏଠାରେ ନ ଥିଲେ କଣ ହେଲା ଦୂର ସ୍ଥାନରେ ଅଛନ୍ତି । ଭଂଗା ଟିଣ, ଲୁହା ଇତ୍ୟାଦି ଭଲ ଦାମରେ ବିକ୍ରୀ ହୁଏ । ଛିଣ୍ଡା କାଗଜ ମଧ୍ୟ କେଉଁ କାରଖାନା ସଂଗ୍ରହ କରି ଆଉ କଣ ତିଆରି କଲାଣି । ବିଜ୍ଞାନ ଯୁଗ ଏ, ଶାଗୁଣା ମହାନ୍ତିର ବ୍ୟବସାୟ ଭଲ ଗ୍ରଲିଥିବାର ଦେଖି ନନ୍ଦୁକେ ମଧ୍ୟ ଆଶ୍ଚର୍ଯ୍ୟ ହେଲେଣି ।

ଶାଗୁଣା ଭଳ ସେ କେବଳ ଦୂର ସ୍ଥାନରୁ ଅନାବନା ଜିନଷ ସାଉଁଟି ଆଣେ ତା ନୁହେଁ ତାକୁ ନେଇ ବିକ୍ରୀ ମଧ୍ୟ କରେ । ତେବେ ପରିବାରର ଭରଣ ପୋଷଣ ଏବେ ଠିକ୍ ଭାବରେ ହୋଇ ପାରୁନାହିଁ । ଆଉ କଛି କରିବାକୁ ପଡିବ । ଚନ୍ତା କଲା ଯେ କଣ କଲେ ତାର ପରିବାରର ସାତ କୁଟୁମ୍ବ ପ୍ରାଣୀ ଭଲରେ ଚଳବେ ।

ଶାଗୁଣା ଭଳ ସେ ଅନେଇଲା ଦୂରକୁ, ବହୁତ ଦୂରକୁ । ତାକୁ ଦୂର ଗ୍ରାଇଜର ଏକ ଅଦ୍ଭୁତ ନଗରୀ ଦର୍ଶନ ମିଳଲା । ନକଲି ବଜାର । ନକଲି ଜିନଷ । ଭେଜାଲ ମାଲ । ଯାହା ସାହାଯ୍ୟରେ ହାତରୁ ଭଲ ଦୁଇ ପଇସା ମିଳବ । ଶୁଖିଲା ପୋଟଳ, ଭେଣ୍ଡି ଆଦି ପରିବା ମାମୁଲି ପଇସାରେ କଣ, କେମିକେଲରେ ଭିଜାଇ ଦିଅ । ଦେଖିବ କଛି କ୍ଷଣରେ ସତେଜ୍ ! ବାଃ, ବିଜ୍ଞାନର କ କରାମତି ।

ଏଥର ବୁଝିବା ଉପପାଦ୍ୟର ସାମାନ୍ୟ କଥନ ।

ମଣିଷକୁ କଣ ଶାଗୁଣା କହିବା କେତେକାଂଶରେ ଯଥାର୍ଥ ? ଶାଗୁଣା ଧିରେ ଧିରେ ମରେ ଓ ଆଜି କହିବାକୁ ଗଲେ ସଂପୂର୍ଣ୍ଣ ନଶ୍ଚିହ୍ନ ହୋଇ ଗଲେଣି । ତେବେ ମଣିଷ ଅତ୍ୟନ୍ତ ବିଜ୍ଞାନୀ । ସେ କଣ ସତରେ ପୃଥିବୀରୁ ନଶ୍ଚିହ୍ନ ହୋଇ ଯିବେ ? ହଁ ହେବେ ।

ସାମାନ୍ୟ କଥନକୁ ଶାଗୁଣା ମହାନ୍ତି ସହ ପରିଚୟ କରାଇବା । ଶାଗୁଣା ମହାନ୍ତିଙ୍କର ସଂଖ୍ୟା ପୃଥିବୀରେ ବହୁତ ଅଧିକ । ଏ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ମଣିଷ ଯେନ ତେନ ପ୍ରକାରେଣରେ ଧନ, ଭୋଜନ, ମାନ ଓ ସିଂହାସନ ଭଳ ଗ୍ଭରି ବହୁମୂଲ୍ୟ ଉପାଦାନ ଆହରଣ କରିବାରେ ସଦା ସର୍ବଦା ଜୋର୍ ଲଗାଉଛି ।

ଇତିହାସରୁ ସାହିତ୍ୟ ସାଧାରଣ ଅବଧାରଣା ହାସଲ କରି ମଣିଷ ନଶ୍ଚିନ୍ତ ହୋଇ ବସି ଯାଇଥିଲା ଯେ ସେ ଯାହା ବୁଝିଛି ତାହା ଧ୍ରୁବସତ୍ୟ । ଜୋର୍ ଯାର୍, ମୂଲକ ତାର ।

କନ୍ତୁ ନା । ସେ ସଂଜ୍ଞା ବା ସିଦ୍ଧାନ୍ତକୁ ଆଜି ଧ୍ରୁବସତ୍ୟ କହି ହେବନାହିଁ । ପ୍ରଥମେ ମଣିଷ ବାହୁ ବଳରେ ଆପଣାର ସୁଖ ସ୍ୱାଚ୍ଛନ୍ଦ ଆହରଣ କରୁଥିଲେ । ତାପରେ ସେ ପଥର, ଡାଳ ଆଦିରୁ ଆରମ୍ଭ କରି ଆଜିର ଗୁଳଗୁଳା, ଅଣୁ ପରମାଣୁ ପର୍ଯ୍ୟନ୍ତ ବ୍ୟବହାର କଲା । ତାର କେବଳ ଆଖିରେ ନୁହେଁ, ବୁଦ୍ଧି ବିବେକରେ, ମନ ଚୈତନ୍ୟରେ ଶାଗୁଣା ବିରାଜମାନ ।

ସମଗ୍ର ପୃଥିବୀରେ ଆଜି କହିବାକୁ ଗଲେ ଶାଗୁଣାର ରାଜ୍ୟ ପରିବ୍ୟାପ୍ତ । ଦୂର ଦୂରାନ୍ତ ଯାଏଁ ପରିବ୍ୟାପ୍ତ ମଣିଷର ଶାଗୁଣା ଦୃଷ୍ଟି । ଏକ ଅଦ୍ଭୁତ ପ୍ରତିଯୋଗିତାରେ ମଣିଷ ଅବତୀର୍ଣ୍ଣ । ତାହା ଜୀବନର କ ମରଣର ତାହା କେବଳ ଶାଗୁଣାହିଁ ସଠିକ୍ କହିପାରିବ । କାରଣ କାହାର ମନ ଭିତରେ କଣ ଅଛି ତାହା ହୁଏତ ଦୂର ଦୂରାନ୍ତରୁ ଶାଗୁଣା ଜାଣିଥିବ ।

ଏମିତି ହେଲେ ତ ବୁଝିବାକୁ ପଡିବ ଯେ ଶାଗୁଣା ଆତ୍ମହତ୍ୟା କରିଛି । ସେ ଅବଶ୍ୟ ପକ୍ଷୀ । ତାର ଶାଗୁଣା ମହାନ୍ତିଙ୍କ ପରି ବୁଦ୍ଧି ନାହିଁ । ସେ ଭୋକ ନେଇ ବଂଚେ । ଭୋକର ଦାଉ ସହି ନ ପାରି ସେ ଦୂର ଦୂରାନ୍ତରୁ ପଗ୍ଭ ସଢା ସୁଆଦିଆ ଖାଦ୍ୟ ଖାଏ । ତାର ସେ ଭୋଜନ । ଆଧୁନକ ମଣିଷଙ୍କ ପରି ଶାଗୁଣା ମାଂସାଶୀ । ସେ ଗାଇ ଗୋରୁ, ମହିଷୀ, ବାଘ,ସିଂହ, ହାତୀ, ବିଲୁଆ, କୁକୁର ସମସ୍ତଙ୍କ ମାଂସ ଭକ୍ଷଣ କରେ । ମଣିଷ ଯେମିତି ଛେଳ ଗୋରୁ, ମହିଷୀ, କୁକୁଡା ବତକ ଖାଏ ସେ ସେମିତି । ପାର୍ଥକ୍ୟ ହେଲା ସେ କଂଚା ଓ ସଢା ଖାଏ କନ୍ତୁ ଶାଗୁଣା ମହାନ୍ତି କମ୍ବା ଅନ୍ୟ ମଣିଷମାନେ ତେଲ ମସଲା ଦେଇ ଶିଝାଇ ଖାଆନ୍ତି ।

ଏବେ ଏହି ଉପପାଦ୍ୟର ପ୍ରମାଣ ଆମେ ବାହାର କରିବା ।

ଶାଗୁଣା ମହାନ୍ତି ଏବେ ମସ୍ତବଡ ବ୍ୟାପାରୀ କହିଲେ ଭୁଲ୍ ହେବନାହିଁ । ସେ ଆଉ ଦୂର ଦୂରାନ୍ତରୁ ଭଂଗା ଟିଣ, ଲୁହା, ଛିଣ୍ଡା ଲୁଗା, କାଗଜ ଆଦି ସଂଗ୍ରହ କରି ଆଣେ ନାହିଁ । ସେ କାମ ସେ ଗାଁରେ ଆଉ କେତେଜଣ କରୁଛନ୍ତି । ତେବେ ପରିବାରର ଭରଣ ପୋଷଣ ପାଇଁ ସେ ପରିବା ବ୍ୟବସାୟ କରୁଛି । ସବୁଦିନ ମହଣ ମହଣ ପରିବାରେ ସେ ରାସାୟନିକ ପଦାର୍ଥ ମିଶାଇ ବିକୁଛି ।

ଏ ପୃଥିବୀରେ ମଣିଷର ଚରିତ୍ର ମଧ୍ୟ ବିଚିତ୍ର । ଗୋରା ତକ ତକ ମାଂସଳ ଦେହଥିବା ନାରୀ ମାନଙ୍କୁ ସୁନ୍ଦରୀ କୁହାଯାଏ । ପୁରାଣ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ନାରୀ ମାନଙ୍କର ରୂପ ବର୍ଣ୍ଣନା ଦେଖିଲେ  ବୁଝିହୁଏ କେମିତି ଏ ମଣିଷ ଚହଟ ତନୁ, ଚିକ୍କଣ ମାଂସଳ ବକ୍ଷୋଜ, ମୃଗର ତୀର୍ଯ୍ୟକ ଚକ୍ଷୁ ପରି ଚକ୍ଷୁ, ମୃଗ ନାଭିର ସୁବାସ ପରି ସୁବାସିନୀ ଯୌବନବୃତା ନାରୀଙ୍କୁ ସୁନ୍ଦରୀ କହେ, ସତୀ କହେ ।

ଅବଶ୍ୟ କୃଷ୍ଣବର୍ଣ୍ଣା ଓ ଗୌରବର୍ଣ୍ଣା ନାରୀ ମାନଙ୍କର ଶାରିରୀକ ଗଠନ ସଂପୂର୍ଣ୍ଣ ଏକ ତଥାପି ଏ ମଣିଷ ସମାଜରେ ରହିଛି ଏମିତି ଭେଦ ବିଭେଦ । ଗୌରବର୍ଣ୍ଣା ତଥାକଥିତ ସୁନ୍ଦରୀମାନେ ସୁଯୋଗକ୍ରମେ ଆପଣାର ଦେହକୁ ପୁରୁଷର ଦେହକୁ ଅନେକ ଥର ମିଶାଇ ମଧ୍ୟ ସତୀ ଓ ସୁନ୍ଦରୀ ବୋଲାଇବାର ଅନେକ ଉଦାହରଣ ରହିଛି ।

ସେମାନେ ସତୀତ୍ୱର ସଂଜ୍ଞା ଦିଅନ୍ତି ସୁଯୋଗ ଅଭାବର ସ୍ଥିତିହିଁ ସତୀ ବୋଲି । ପୃଥିବୀରେ ଯୌନ କ୍ରୀୟାର ସ୍ୱାଧିନତା ସଂପୂର୍ଣ୍ଣ ଭାବରେ କୁଆଡେ ନାହିଁ କିନ୍ତୁ  ଭାରତରେ ଅନ୍ୟ ପଶ୍ଚିମ ଦେଶଙ୍କ ଠାରୁ ସତୀତ୍ୱ ବୋଇଲେ ନାରୀର ଅସ୍ପର୍ଶ, ଅକ୍ଷତ ରୂପ ସଂଭାରକୁ କୁହାଯାଏ ।

ଏମିତି ନୀୟମରେ ତ ଦେଖିବାକୁ ଗଲେ ପୃଥିବୀରୁ ସତୀଙ୍କ ସନ୍ଧାନ ପାଇବା ଦୁରୂହ ବ୍ୟାପାର ।  ମଣିଷ ସତରେ ସବୁବେଳେ ସୌନ୍ଦର୍ଯ୍ୟ ପ୍ରତି ଆକର୍ଷିତ ହୁଏ । ଯେମିତି ଶାଗୁଣା ମହାନ୍ତିର ରାସାୟନ ମିଶା ବିଷାକ୍ତ ପରିବା ପ୍ରତି ।

ଅବଶ୍ୟ ପୃଥିବୀରେ ଆଜି ଏହି ମିଶାଣ ଫେଡାଣର ଗୋଲକ ଧନ୍ଦା ବେଶ୍ ଅଧିକ ।

ଶାଗୁଣା ମଧ୍ଯ ଦୂର ଦୂର୍‌ନ୍ତରୁ ଦେଖିଲା ଯେ ମରି ପଡିଛନ୍ତି ଅନେକ ଗୋରୁ ଗାଇ । ସେମାନଙ୍କୁ ସେ ଏକା କେମିତି ଖାଇବ ? ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବଙ୍କୁ ଧରି ଏ ଭୁରି ଭୋଜନ କଲା । କିନ୍ତୁ ସେ ଜାଣି ନ ଥିଲା ଯେ ସେ ଯେଉଁ ଖାଦ୍ୟ ଖାଉଛି ତାହା ବିଷାକ୍ତ ।

ମଣିଷ ଏହି ଗୋରୁ ଗାଇଙ୍କ ଦେହକୁ ରାସାୟନିକ ଔଷଧ ପ୍ରୟୋଗ କରି ବିଷାକ୍ତ କରି ଦେଇଛି। ଶାଗୁଣା ମହାନ୍ତିକୁ କ୍ଷୀର ଅଧିକ ଦରକାର । ତା ପିଲା ଖାଇବ, ତାର ପଡୋଶୀ ଖାଇବେ, ତାର ଦେଶ ଖାଇବ, ବିଦେଶକୁ ରପ୍ତାନୀ ହେବ । ତାକୁ କ୍ଷୀର ଅଧିକ ଦରକାର କାରଣ ସେ ତାକୁ ମାଖନ କରିବ, ଲବଣୀ କରିବ, ରାବିଡି କରିବ, ଘିଅ କରିବ, ଦହି କରିବ ଓ ଅନ୍ୟାନ୍ୟ ବହୁ ଅତ୍ୟାଧୁନିକ ସୁସ୍ୱାଦୁ ଖାଦ୍ୟ କରିବ ।

ସେ ଗାଇର ଦେହରେ ରାସାୟନିକ ଔଷଧ ପ୍ରୟୋଗ କଲା । ଇଂଜେକ୍ସନ ଫୋଡିଲା । ଗାଇର ଦେହ ଉତ୍ୟକ୍ତ ହେଲା । ସେ ଅସମ୍ଭାଳ ଯନ୍ତ୍ରଣା ଅନୁଭବ କଲା । ତାର ଥନ ଥରିଲା, ଫାଟିଲା ଓ ସେଥିରୁ ଅଣାୟତ ହୋଇ କ୍ଷୀର ନିଗାଡି ହୋଇ ଆସିଲା ।

ଶାଗୁଣା ମହାନ୍ତି ସ୍ତ୍ରୀ ପାଂଚ ବର୍ଷରେ ପାଂଚ ପୁହାଣି ହେଲା । ତା ବକ୍ଷୋଜର ଦମ୍ଭ କାଳେ ମଉଳ ଯିବ ଶାଗୁଣା ମହାନ୍ତି ଔଷଧ ଆଣି ଖୁଆଇଲା । ସ୍ତନ ସେମିତି ଉନ୍ନତ ଓ ବର୍ତ୍ତୁଳ ରହିଲା । ସେଥିରୁ ଶକୁନକୁ ତୃପ୍ତି ମିଳିଲା ଆଉ ତାର ପିଲାଏଁ ସେ କ୍ଷୀର ପିଇଲେ ।

ପିଲାମାନେ କିନ୍ତୁ ସେମିତି ସୁସ୍ଥ ସବଳ ହେଲେ ନାହିଁ । ବିଭିନ୍ନ ରୋଗ ପିଲା କାଳରୁ ଧରିଛି ଯେ ଛାଡୁନି । ସେମିତି ଦଶା ଶାଗୁଣିର ଅର୍ଥାତ୍ ଶାଗୁଣା ମହାନ୍ତିଙ୍କ ସ୍ତ୍ରୀଙ୍କର । ଦେହ ଡଉଲ ଡାଉଲ, ଉନ୍ନତ ବକ୍ଷୋଜରେ ଯେମିତି ଭରି ରହିଛି ରସ ସମ୍ଭାର କିନ୍ତୁ ସମଗ୍ର ଅଙ୍ଗ ପୋଲା ।

ଗାଇ ଓ ଶାଗୁଣା ମହାନ୍ତିଙ୍କର ସ୍ତ୍ରୀ ଏକ ଜାତିର । ଲିଙ୍ଗ ସମାନ । ଉଭୟଙ୍କ ଦେହରେ ବିଷ। ଗାଇର ବିଷାକ୍ତ ଦେହ ଶାଗୁଣା ଖାଇ ମଲେ ଆଉ ଶାଗୁଣା ମହାନ୍ତି ସ୍ତ୍ରୀଙ୍କର ସ୍ତନରୁ କ୍ଷୀର ପିଇ ତା ସନ୍ତାନ ମାନେ ଆଜି ଦୁର୍ବଳ, ପଙ୍ଗୁ, ମୃତପ୍ରାୟ । ଶାଗୁଣା ମହାନ୍ତି ଆଜି ଗଭୀର ଭାବରେ ଅନୁତପ୍ତ ।

ବଳଦଙ୍କୁ ଅଧିକ ଦୌଡାଇବା ପାଇଁ ମଧ୍ୟ ଚେଷ୍ଟା । କେତେ ପ୍ରକାରର ରାସାୟନିକ ଖାଦ୍ୟ ଖୁଆଇଲେ । ସେ ସବୁ ରାସାୟନିକ ଔଷଧର ପ୍ରଭାବରେ ବଳଦ ଦୌଡିଲା ସତ କିନ୍ତୁ

ଅବେଳରେ ଅବୟସ ହୋଇଗଲ୍ । ସେ ମଲ୍ ଯେ ତାର ମଲ୍ ଦେହ ହୋଇ ଗଲ୍ ସଂପୂର୍ଣ୍ଣ ବିଷମୟ । ତାକୁ ଖାଇ ଶାଗୁଣା ବଂଶ ହେଲେ ନପାତ ।

ଶାଗୁଣା ମହାନ୍ତି ଆପଣାର ବଳ ବୟସକୁ ସତେଜ ରଖିବା ପାଇଁ ଔଷଧ ଖାଇଲ୍ । ସେ ମଧ ଦୌଡିଲ୍ । ଯେମିତି ଏହି ଦୌଡରେ ସାମିଲ ଆଜି ଏ ସମଗ୍ର ମଣିଷ ଜାତି ।

ପଛକୁ ଗ୍ହିଁଲ୍ ଶାଗୁଣା ମହାନ୍ତି । ଏ ଆଡେ ସେ ଆଡେ ବିଛେଇ ହୋଇ ପଡିଛନ୍ତି ଭଂଗା ଟିଣ, ଭଂଗା ଲୁହା, ଭଂଗା ପ୍ଲାଷ୍ଟିକ୍, କେତେ ଛିଣ୍ଡା ଲୁଗା, ଛିର୍ ଟୁକୁର୍ କାଗଜ । ସେମାନେ ବହୁତ ସୁନ୍ଦର ଦିଶୁଥାନ୍ତି । ଆପଣାର ଲ୍ଗୁଥାନ୍ତି ।

ଗ୍ରିପାଖରେ ର୍ସାୟନକ ଔଷଧର ପ୍ରଭ୍ବରେ ସତେଜ ଦିଶୁଥିବା କୁଢ କୁଢ ପରିବା ର୍କ୍ଷସ ଭଳ ଦେଖା ଯାଉଥାନ୍ତି । ଯେମିତି ସେମାନେ ସଂପୂର୍ଣ୍ଣ ଗିଳ ପକାଇବେ ।

ଆକାଶରେ ସେ ଖୋଜି ହେଉଥିଲ୍ କୁଆଡେ ଗଲେ ଶାଗୁଣା ଦଳ ଦଳ ।

ଦୂର ଶ୍ମଶାନରୁ କଏ ଜଣେ ଖୁବ୍ ଉଚ୍ଚ ସ୍ୱରରେ ଅଟ୍ଟହାସ୍ୟ କରୁଥିଲ୍ । ଶାଗୁଣା ମହାନ୍ତି ଆଖିରେ ଲୁହ ।

ସୌଭଗିନୀ, ରଟିଲେ, ରେଂଚ,ପୁରୀ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ମନର କବାଟ



ବିନୟ ମହାପାତ୍ର

ମନର କବାଟ ଯେ ବନ୍ଦ ରଖିଛ ବନ୍ଧୁ,
ଆଶା ମାନଙ୍କୁ ମଧ୍ୟ ଲଗାଇ ରଖିଛ,
ବନ୍ଦ କବାଟ ସାମ୍ନା ରେ,
ଦରଓ୍ୱାନ କରି ।
ଆଉ, ଅପେକ୍ଷା କରିଛ, ଖୁସି ମାନଙ୍କ ର ।
ହେଲେ ଖୁସି ମାନେ କବାଟ ଠକ୍ ଠକ୍
କରୁଛନ୍ତି
ଏବଂ ତୁମ ଆଶା ଦରଓ୍ୱାନ ର,
ନାଲି ଆଖି ଦେଖି,
ବଡ କାକୁସ୍ଥ ଭାବେ ଫେରି ଯାଉଛନ୍ତି ।
ତୁମେ ତ ଅପେକ୍ଷା କରିଛ,
ଖୁସି ମାନେ ଆସିବେ,
ଖୁବ୍ ସୁନ୍ଦର ମହଙ୍ଗା ଗାଡିରେ ଚଢି,
ସନ୍ତାନ ର ଫାଷ୍ଟ କ୍ଲାସ ରେଜଲ୍ଟ ସିଟ ରେ,
ଅଥବା ଖୁବ୍ ସୁନ୍ଦର ଆଲିଶାନ,
ବଙ୍ଗଳା ର ତୋଫା ନେଇ ।
କ ବିଡମ୍ବନା ବନ୍ଧୁ,
ତୁମ ଖୁସି ତୁମର ନୁହେଁ,
ତୁମରି ସନ୍ତୋଷ ର ସନ୍ତାନ ନୁହେଁ,
ତୁମ ଖୁସି କେବଳ ଅନ୍ୟର ଦାନ ।

କେଉଁଠୁ ଆଣିବ ସେ ଦୁର୍ଲଭ ସମ୍ପଦ,
ଯାହା ଦେଇ କଣି ନେବ,
ଖୁସି ର ମୁହୁର୍ତ୍ତ କେତୋଟି?
ଖୁସି ଏତେ ମହଙ୍ଗା ବି ନୁହେଁ,
ଖୁସି ପାଇଁ କଠିନ ଶ୍ରମ ଲୋଡା ନାହିଁ,
ଖୁସି ବଡ ଦୁର୍ଲଭ ବି ନୁହେଁ,
ଥରେ ଆଖି ଖୋଲି ଦେଖ,
ଖୁସି ତୁମ ହୃଦୟ ରେ,
ଏଠି ସେଠି ବିଛାଡି ପଡିଛି ।
ମନ ର କବାଟ କୁ ଖୋଲ,
କଛି ତାଜା ପବନ ଓ ଆଲୋକ,
ମାନଙ୍କୁ ଆସିବାକୁ ଦିଅ,
ଖୁସି ମାନଙ୍କୁ ଅଙ୍କୁରିତ କର,
‘ଯାହା ଅଛି’ ସେଥିରେ,
ସନ୍ତୋଷ ର ଜଳ ବୃଷ୍ଟି କର ।
ଦେଖିବ, ଖୁସି କେତେ ସହଜଲଭ୍ୟ,
ହୃଦୟ ରେ ସନ୍ତୋଷ ର ପରମ ଆନନ୍ଦ,
ଏବଂ ପୁଲ୍କତ ମନ ଓ ଶରୀର ।

ସେକ୍ଟର-୯, ପକେଟ୍-୪,
ନରେଲା, ଦିଲ୍ଲୀ

# ଗ୍ରାଉଣ୍ଡ ଜିରୋ



ଦିଲ୍ଲୀପ କୁମାର ପରିଡା

ସକାଳୁ ସକାଳୁ ପିଲ୍‌ଟି ର୍ହାଧରି ଏମିତି କାନ୍ଦୁଛି ଯେ, ଯେତେ ବୁଝେଇଲେବି କାନ୍ଦ ବନ୍ଦ କରୁନ। ପୁଅର କାନ୍ଦ ଦେଖି ମା ଟା ବି ତରବର ହେଇ ଅଧା ଚର୍‌ ବସ୍ତା ଆଉ ଭଙ୍ଗା ଟିଣଡବାରେ ହାତ ପୁରେଇ ଲହୁଲୁହାଣ ହୋଇଗଲ୍‌ଣି। ଶେଷରେ କୋଉ ଅସିଆ କାଳର ମସିଆ ଲୁଗାରେ ବନ୍ଧା ହେଇ ପଡିଥିବା ଚାଉଳ ମୁଠାଏ ଦେଖି, ତା ଖୁସିର ସୀମା ରହିଲ୍‌ନ। ପୁଅକୁ ବୁଝେଇ ଦେଉ ଦେଉ ଚୁଲିରେ କାଠ ଦି ଖଣ୍ଡ ପକେଇ ଫୁଙ୍କିବାରେ ଲ୍‌ଗିଲ୍‌। ହଠାତ୍‌ କବାଟ ଖୋଲି ଅଣନଶ୍ୱାସୀ ହୋଇ ପଶିଆସିଲ୍‌ ତାର ସ୍ୱାମୀ। ଆଖିରୁ ଭୟ ଆଉ ଆଶଙ୍କାର ଚହ୍ନ ସ୍ୱଷ୍ଟ ବାରି ହୋଇ ପଡୁଥାଏ। “ଆଲେ୍‌ କଣ କରୁଛୁ? ଯାହା ପଇସା ପତ୍ର ରଖିଛୁ ସେତକ ଧରି ଶିଘ୍ର ବାହାରି ପଡ। ମୋତେ ଆଉ କଛି ପଚ୍ଚରେନା। ବାହାରେ ଦଙ୍ଗା ଆରମ୍ଭ ହେଇ ଗଲ୍‌ଣି।” ସ୍ତ୍ରୀ ଟି ଏସବୁ କଛି ବୁଝି ନପାରି ପଚ୍ଚରିଲ୍‌, “ହଉ ଦଙ୍ଗା, ଆମର ଏ କୁଡିଆକୁ କଏ ଆସିବ ଯେ? ଏଠି ଆମର କଣ ଅଛି?” “ଆଲେ୍‌ ସିମେଣ୍ଟ କଂକ୍ରିଟର ପକ୍କାଘର କେବେ ଜଳେନା ଲେ୍‌, ଜଳେ ଖାଲି ଆମର ଏ ଖର୍‌ରେ ଶୁଖି ଯାଇଥିବା ଛଣ ବିଡା ଗୁଡାକ। ତୁ ମୋ ସହ ଆଉ ଜୁଆଲ ସୁଆଲ କରନା, ଶିଘ୍ର ବାହାରି ପଡ, କେତେବେଳେ କଣହବ, କଏ ଜାଣିଛି?” ପୁଅ ମୁହଁକୁ ଅନେଇ ଦେଇ ସ୍ତ୍ରୀ ଟି କହିଲ୍‌, “ଦେଖୁଛଟି, ପିଲ୍‌ଟା ଖାଇବ ବୋଲି କେମିତି ର୍ହା ଧରି କାନ୍ଦୁଛି? ତା ପେଟରେ କ ଣ ଦିଟା ନପକେଇଲେ କେମିତି କୁଆଡେ ଯିବି?” “ଆଲେ୍‌ ଛୁଆକୁ ତୋ କ୍ଷୀର ଚୋପା ପିଆଇ ଦଉନ!” ସ୍ୱାମୀର ମୁହଁକୁ ଟିକେ ଅନେଇ ଦେଇ ସ୍ତ୍ରୀ ଟି ଜୋର ଜୋରରେ ଚୁଲିକୁ ଫୁଙ୍କି ଚ୍ଚଲିଲ୍‌। ସ୍ତ୍ରୀ ର ନୀରବତା, ବିବଶତା ଆଉ ଆଖିର ଲୁହକୁ ସ୍ୱାମୀ ଜଣକ ଠିକ୍‌ ପଢ୍‌ ପାରୁଥିଲ୍‌। ଦି ଦିନ ହେଲ୍‌ ଓଳଏ ଲେଖାଏଁ ଖାଉଥିବା ତା ସ୍ତ୍ରୀ ଯେ ଛୁଆ ପାଇଁ ଚୋପାଏ କ୍ଷୀର ଦେବାକୁ ଅସମର୍ଥ, ଏକଥା ବୁଝିବାକୁ ତାର ବାକ ରହିଲ୍‌ନ। ଆଉ କହି ନକହି ଚୁପଚ୍ଚପ୍‌ ଭଙ୍ଗା କାନ୍ଥକୁ ଆଉଜି ବସ୍‌ ପଡିଲ୍‌ ସେ। ମାଟି ହାଣ୍ଡିଟାରେ ଭ୍ତ ଗୁଡାକୁ ଟକ୍‌ ଟକ୍‌ ଫୁଟି ଚ୍ଚଲିଥାଏ। ସେଇ ଶବ୍ଦ ଶୁଣିଶୁଣି ପିଲ୍‌ଟାର ବି କାନ୍ଦ ବନ୍ଦ ହୋଇଯାଇଥାଏ। ହଠାତ୍‌ କାହିଁଏକ ବିର୍‌ତ ପଥର ଖଣ୍ଡଟା ଆସି ମାଟି ହାତ ହାଣ୍ଡିଟାକୁ ଚୁରମାର୍‌ କରିଦେଲ୍‌। ଏସବୁ ଦେଖି ମା ଟିର ହୃତସ୍ପନ୍ଦନ ଯେମିତି ବନ୍ଦ

ହୋଇ ଯାଉଥିଲା । ଆଉ ସମ୍ଭାଳି ନପାରି ସେ ଭେ ଭେ ହେଇ କାନ୍ଦି ଉଠିଲା । ପାଗେଳୀ ପରି ସେଇ ମୁଠାଏ ଗୁଉଳର ଭାତଗଣ୍ଡାକୁ ମାଟି ସହ ସାଉଁଟିବାରେ ଲାଗିଲା । ସେପଟେ ଆସନ୍ନ ବିପଦକୁ ପରଖିନେଇ, ବାପ ଜଣକ ଗୋଟିଏ ହାତରେ ଛୁଆକୁ କାଖେଇ ନେଇ ଆଉ ଗୋଟିଏ ହାତରେସ ସ୍ତ୍ରୀ କୁ ଭିଡି ନଉ ନଉ କହୁଥିଲା, "କହୁଚ ତତେ ଗ୍ଲ୍ ବୋଲି, ହେଇ ଦେଖେ ଏଆଡେ ବି ଦଙ୍ଗା ଆରମ୍ଭ ହେଇ ଗଲାଣି ।" ଆତଙ୍କର ଖୁଣୀ ଖେଳକୁ ବୁଝି, କୁଡିଆ ଭିତରୁ ବାହାରିଲା ବେଳକୁ କୁଡିଆଟା ହଠାତ୍ ହୁ ହୁ ହୋଇ ଜଳ ଉଠିଲା..... ।

ଏବେ ସବୁ ଶାନ୍ତ, ଗଳ କନ୍ଦିରେ ମିଡିଆ ବାଲା । ପାଉଁଶ ଭିତରେ ପଥର ସବୁ ଅଣ୍ଡାଳୁଥିବା ଲୋକଟିକୁ ଦେଖି ଜଣେ ସାମ୍ବାଦିକ ଦୌଡିଆସି ପଗ୍ଚରିଲେ, "ଭାଇ କଣ ଖୋଜୁଛ? ଏ ଦଙ୍ଗାରେ ଆପଣଙ୍କର କଛି କ୍ଷତି ହୋଇଛିକି? ଆପଣ ଆମକୁ କୁହନ୍ତୁ, ଆମେ ଆମ ଚ୍ୟାନେଲ୍ ମାଧ୍ୟମରେ ଆପଣଙ୍କୁ ନ୍ୟାୟ ଦେବୁ ।"

ଲୋକଟି ଲାଲ୍ ଲାଲ୍ ଆଖିରେ କଟମଟ କରି ଅନେଇ ଚତ୍କାର କରି କହିଲା, "ତମ ନ୍ୟାୟକୁ ନେଇ ମୁଁ କଣକରିବି? ପାରିବ ଯଦି ମୋ ସହ ସେ ପଥର ଖଣ୍ଡକ ଖୋଜ । ସେଦିନ ମୋ ଭାତ ହାଣ୍ଡିରେ ପଡିଥିବା ସେ ପଥର ଖଣ୍ଡିକ ମୋର ଦର୍କାର । ଦେଇ ପାରିବ ତମେ? ତିନଦିନ ହେଲା ଏଠି ବସି ମୁଁ ସେଇ ପଥରଟାକୁ ଖୋଜୁଛି । ସେଇଟାକୁ ପାଇଲେ ଦେଖିବି, ସେଇଟା "ଗ୍ମ, ଗ୍ମ" ଲେଖାହେଇ ଥିବା ସେତୁବନ୍ଧର ପଥର ନା ପାପୀ ସଇତାନକୁ ଫିଙ୍ଗା ହେଉଥିବା ମକା ମଦିନାର ପଥର । ଆଉ ସେଇଟାକୁ ଧରି ମୁଁ ସିଧା ଯିବି ତା ମାଲିକ ପାଖକୁ । ମୋ ସ୍ତ୍ରୀ, ଛୁଆ ଏବେ ପର୍ ସେଇଠି ଅଛନ୍ତି । ମୁଁ ଏଠି କାହିଁକି ରହିବି? ସେଇଥିପାଇଁ ଏଠି ବସିଛି । ସେ ପଥରଟା ପାଇଗଲେ ମୋତେ ତା ମାଲିକର ଠିକଣାଟା ଆପଣାଛାଏଁ ମିଳିଯିବ । ଯା, ଯା, ମୋତେ ଆଉ ବିରକ୍ତ କରନ୍ତି ।" ଆଉ କେଉଁଆଡେ ନଘା ନଦେଇ ସେ ଖୋଜି ଗ୍ଲିଲା ପାଉଁଶ ଭିତରୁ ପଥର ଖଣ୍ଡକୁ । ଆଉ ସେପଟେ ସାମ୍ବାଦିକ ଜଣକ ରିପୋର୍ଟ ଦେଉଥିଲେ, "ଏଇ ଦେଖନ୍ତୁ, ଗ୍ରାଉଣ୍ଡ ଜିରୋରୁ ଆମର ଏସକ୍ଲୁସିଭ୍ ରିପୋର୍ଟ..... ।"

ବାଲିପଡା, ଜଗତସିଂହପୁର, ଓଡିଶା



# ବିଧାତାଙ୍କ ବ୍ୟତିରେକ

ମୋହନ ଚନ୍ଦ୍ର ବିଷୋୟୀ

କ ବୋଲି ମାଗିବି ପ୍ରଭୁ ତୁମକୁ,
ତୁମେତ ଅଟ ଆଦି ଭିକ୍ଷୁ ।
କ ଅଭିଳାଷେ ଯିବି ତୁମ ପାଶେ,
କ ଦେଇଛ ବୋଲି କାହାକୁ ।

କୋକିଳ କଣ୍ଠରେ ଦେଇଛ,
ମନ ଲୋଭା ସୂରକୁ
କ ଅବା କରିଥିଲା ଦୋଷ ଯେ,
ଅଙ୍ଗେ ବୋଲିଦେଲ ତାର କଳାକୁ ॥



ଅପୂର୍ବ ସୌନ୍ଦର୍ଯ୍ୟ ଛବି ଆଙ୍କିଲ,
ଆକାଶେ କ ବିଭେବ ଦେଖିବାକୁ
ଚତ ରଞ୍ଜିତ ରୂପରେଖ ଦେଲ,
ବିକଟାଳେ ଗର୍ଜୁଥିବା ବିଜୁଳକୁ ।

କ ଶୋଭା ଦେଖିବାକୁ ସତେ,
ଶୋଭନୟ କରିଛ କାଶତଣ୍ଡୀ ଫୁଲକୁ
ଗନ୍ଧହୀନ କରି ବିତାଡିତ କରିଛ,
ନଇକୂଳେ ନାଚ ଘୁରିବାକୁ.

କ ଦୋଶେ କ୍ଷଣସ୍ଥାୟି କରିଛ,
ସୁମଧୁର ମହୁ ଦେଉଥିବ ଫୁଲକୁ
କ ଦରବ ଦେଲାଯେ ତୁମକୁ,
ଚୀର ସ୍ଥାୟୀ କରିଛ ନିଷ୍ଠୁର ପଥରକୁ ।

ଖରଖରିଆ, ବଣଶୋଳା, ଚକଟି, ଗଞ୍ଜାମ

# ଭଡା

## ମୂଳ ରଚନା (ହିନ୍ଦୀ):
## ରତନ ଚ “ରତ୍ନେଶ”



ସନାତନ ମହାକୁଡ

ବସଷ୍ଟାଣ୍ଡରୁ ବାହାରକୁ ବାହାରୁ ବାହାରୁ ହିଁ ରିକସାବାଲ୍‌ମାନେ ତାକୁ ଘେରିଗଲେ ।

“କୁଆଡେ ଯିବେ ବାବୁ?”

ଗାନ୍ଧୀ ଗଳ ପର୍ଯ୍ୟନ୍ତ ।”

“ଗ୍ଭଲନ୍ତୁ ନେଇଯିବି ।” ଜଣେ ରିକସାବାଲ୍ ତାଙ୍କ ହାତରୁ ସୁଟକେସଟି ନେବାକୁ ଯତ୍ନ କଲ୍ ।

“ନାହିଁ, ନାହିଁ, କେତେ ନେବୁ ଆଗ ଠିକ୍ କର ।”

ସମୀର ତାକୁ ଆଗରୁ ଚଠି ଲେଖି ଚେତେଇ ଦେଇଥିଲ୍ ଯେ ପନ୍ଦର ଟଙ୍କାରୁ ଗୋଟିଏ ପଇସା ବି ଅଧିକ ଦେବୁନ । ବିଶେଷ କରି ଅଜଣା ଲୋକଙ୍କୁ ଠକ ନଅନ୍ତି ଏହି ରିକ୍ସାବାଲ୍‌ମାନେ ।



“କୋଡିଏ ଟଙ୍କା ଦେଇଦେବେ ବାବୁ ।”

“ନାହିଁ ଭାଇ, ଗାନ୍ଧୀ ଗଳ ପର୍ଯ୍ୟନ୍ତ ତ ଦାମ ପନ୍ଦର ଟଙ୍କା ।” ସେ କହିଲ୍ ।

ବାବୁ ମହଙ୍ଗା ଏତେ ବଢି ଗଲ୍ଣି ଯେ..... ଜଣେ ରିକ୍ସାବାଲ୍ କହିଲ୍ ।

ସେ ବି ସଫେଇ ହେଲା, "ମହଙ୍ଗା କେବଳ ତୁମ ମାନଙ୍କ ପାଇଁ ବଧିନ ।"

ବାବୁ, "ସେପଟେ ରାସ୍ତାର ଅବସ୍ଥା ଖୁବ୍ ଖରାପ ।" ଏଥିପାଇଁ....." ସମସ୍ତେ ଗୋଟିଏ ସ୍ୱରରେ କହିବାକୁ ଲାଗିଲେ ।

ଚାଲ୍, ନାହିଁ ତ ମୁଁ ବସ୍ ଧରି ଚାଲିଯିବି ।"

"ଯେବେ ମାନବେ ନ ତ ଚାଲନ୍ତୁ" । କହୁ କହୁ ଜଣେ ରିକ୍ସାବାଲା ତାଙ୍କ ହାତରୁ ସେ ସୁଟକେଶ୍ ଓ କାନ୍ଧରେ ଝୁଲୁଥିବା ବ୍ୟାଗ, ଦୁଇଟି ଯାକ ନେଇଗଲା । ସେ ତା ପଛେ ପଛେ ଷ୍ଟାଣ୍ଡ ବାହାରେ ଛିଡା ହୋଇଥିବା ରିକ୍ସା ପର୍ଯ୍ୟନ୍ତ ପହଞ୍ଚିଲା । ରାସ୍ତା ସତକୁ ସତ ଲମ୍ବା, ଆବଡା ଖାବଡା ଥିଲା ।



ଏଣୁ ରିକ୍ସା ବାଲାକୁ କେତେଥର ରିକ୍ସାରୁ ଓହ୍ଲାଇ ରିକ୍ସା ଟାଣିବାକୁ ପଡିଲା । ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପରେ ସେ ରିକ୍ସାବାଲାକୁ ଦଶଟଙ୍କିଆ ଦୁଇଟି ନୋଟ ପଢାଇ ଦେଉ ଦେଉ କହିଲା – "ପାଞ୍ଚଟଙ୍କା ଫେରାଇବାର ଆବଶ୍ୟକତା ନାହିଁ । ସବୁ ରଖି ଦେ ।"

**(ସୌଜନ୍ୟ: ଦୈନିକ "ସନ୍ମାର୍ଗ", ରବିବାରୀୟ, ପୃ-୩, ତା: ୯.୪.୨୦୧୭)**

**ବେରୁଆଁବାରୀ, ନୟାଗଡ, ଓଡିଶା**

# ତୁମ ବାଟକୁ ଅଛି ଗୃହିଁ



ଶଶଧର ମହାପାତ୍ର

ମନ୍ଦିରରେ ବସିଅଛ ହେ ସୃଷ୍ଟି କରତା
ପଥହୁଡା ପଥିକକୁ ଦେଖାଅ ରାସ୍ତା
ଜଗତର ନାଥ ବୋଲି ସଂସାରରେ ଜଣା
ଦୂର କର ରୋଗ, ବ୍ୟାଧି, ଦୁଃଖ ଓ ଯନ୍ତ୍ରଣା
ମନରେ, ଧ୍ୟାନରେ ସଦା ଚେତନାରେ ଥାଅ
ଦୁଃସ୍ୱପ୍ନ ଦେଖିଲା ବେଳେ ବାଟ ଜଗିରୁହ
କାମ, କ୍ରୋଧ, ଲୋଭ, ମୋହ ମୋ ଘୂରି ପାଖରେ
ବାଉଳା କରୁଛି ମନ ସଂସାର ମାୟାରେ
ଏ ସଂସାର ସାରା ବାଟ ଅନେକ ଖସରା
ଗୋଡ ଖସି ଗଲେ ଥରେ ଦାଗ ମୁହଁ ସାରା
ଅନ୍ଧାର ଘେରିଛି ପ୍ରଭୁ ଘରେ ଓ ବାହାରେ
ଆଲୋକ ବିଛୁଡି ପଡୁ ତୁମରି ଦୟାରେ
ମାଗୁନାହିଁ ହୁଅ ତୁମେ ମୋର ଗଳାମାଳ
ନହୋଇଲେ ତୁମକୁ ମୁଁ ଦେବି ବଡ ଗାଳ
ମାଗୁନାହିଁ ଦିଅ ଅର୍ଥ ପ୍ରଚୁର ସମ୍ପତ୍ତି
ପ୍ରୀୟା, ପ୍ରୀତି ତୋଷଣରେ ନରହୁ ମୋ ମତି

ମାଗୁନାହିଁ ଦିଅ ମୋତେ କିଛି କଳା ଧନ
କଷ୍ଟେମଷ୍ଟେ ମେଣ୍ଟିଯାଉ ଭରଣ ପୋଷଣ
ନକରୁ ପାଗଳ ମୋତେ ଚଉକୀର ମୋହ
ମଣିଷ ପଣିଆ ସଦା ପାଖେ ରଖିଥାଅ
ଝରିପଡୁ ଦୟା, କ୍ଷମା, ସ୍ନେହ ଓ ମମତା
ହେଉ ସଦାବେଳେ ମୋର ଗଳାରେ ମୁକୁତା
ନିଜ ସ୍ୱାର୍ଥ ଲୋଡା ନାହିଁ ଏ ଅନ୍ତିମ ଇଚ୍ଛା
ଜନ ସ୍ୱାର୍ଥପାଇଁ ମିଳୁ ତୁମରି ଶୁଭେଚ୍ଛା
ତର୍କ, ବିତର୍କରୁ ଦୂରେ ନିଅ ମୋର ମନ
ନଘଟୁ କନ୍ଦଳ କାହା ସଙ୍ଗେ ହେଉ ପଣ
ଭେଟିବାକୁ ଆସୁଥିବି ଯେବେ ହେବ ଇଚ୍ଛା
ପୂରଣକର ହେ ପ୍ରଭୁ ଏ ମୋ ମନବାଞ୍ଛା
ହୃଦୟ ଦ୍ୱାର ମୁକୁଳା ଅଛି ତୁମ ପାଇଁ
କେବେ ଦେଖାଦେବ ପ୍ରଭୁ ବାଟ ଅଛି ଗୃହିଁ ।

ହିଡେନ୍ ଭଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଅନ୍ତରାଗିଣୀ

## (ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## (ଭାଗ ୧୪)

ଆରଣ୍ୟକଙ୍କୁ ବହୁତ କମ୍ ଛୁଟୀ ମିଳେ। ତେଣୁ ଛୁଟି ଦିନଟା ସେ ସଂପୂର୍ଣ୍ଣ ଭାବେ ନିବେଦିତାଙ୍କ ସହ ବିତାଇଥାନ୍ତି । କାହିଁକି କେଜାଣି ସେଦିନ ଗଣତନ୍ତ୍ର ଦିବସର ରଙ୍ଗାରଙ୍ଗ ଟିଭି କାର୍ଯ୍ୟକ୍ରମ ଦେଖୁ ଦେଖୁ ତାଙ୍କୁ ନିଦ ହୋଇ ଯାଇଥିଲା । ନିଦରେ ବ୍ୟାଘାତ ନ ଆଣିବା ପାଇଁ ଟିଭି, ଲାଇଟ୍ ସବୁ ବନ୍ଦ କରି ଆସି ବାହାର ଲବିରେ ବସିଲେ ନିବେଦିତା । ଦେଶରେ ଅଗଣିତ ସୈନିକ, ଯେଉଁମାନେ କି ଦେଶ ପାଇଁ ନିଜ ନିଜ ର ପ୍ରାଣ ଉତ୍ସର୍ଗ କରିଛନ୍ତି ସେଇମାନଙ୍କ ପାଇଁ ଗଢି ଉଠିଛି ଇଣ୍ଡିଆ ଗେଟରେ ଏଇ ଅମର ଜ୍ୟୋତି । ସେଇମାନଙ୍କ ସାମ୍ନାରେ ଦେଶର ରାଷ୍ଟ୍ରପତି ପୁଷ୍ପମାଳା ଅର୍ପଣ କରନ୍ତି । ପରେ ପରେ ଦୁଇମିନଟ୍ ମୌନତା। ଦେଶର ସ୍ୱାଧୀନତା ଆଣିବା ପାଇଁ ଏମାନେ କେତେ କଷ୍ଟ ନ କରିଛନ୍ତି ସତେ। ଦେଶପାଇଁ, ସମାଜ ପାଇଁ କିଛି ବି ନ କରି ସେ ଯେ ତାଙ୍କର ଈଶ୍ୱରଗତ ସମୟ ଗୁଡିକ ନଷ୍ଟ କରି ଦେଉଛନ୍ତି । ନାଁ, ଆଜି ସେ ଯେମିତି ହେଲେ ଆରଣ୍ୟକଙ୍କୁ ହୃଦ୍‌ବୋଧ କରାଇବେ। ସମାଜ ପାଇଁ ତାଙ୍କ ର କିଛିଟା କରିବା ଉଚିତ୍ ।

ଗରମା ଗରମ ଚା କପେ ମିଳି ପାରେ କି ? ଏ ବର୍ଷର ଥଣ୍ଡା ଦେଶଟାକୁ ପୁରା ଥରାଇ ଦେଲାଣି ।

ଆଣୁଛି କହି ନିବେଦିତା ଉଠିଗଲେ ।

ପେପରଟା ହାତରେ ଧରି ଡ୍ରଇଁ ରୁମ୍ ସୋଫା ଉପରେ ଗୋଟାଏ ରେଜେଇ ଘୋଡି ହୋଇ ଚା କପର ପ୍ରତୀକ୍ଷା କଲେ ଆରଣ୍ୟକ ।

ଚା କପଟା ପାଖରେ ରଖି ଅଳ୍ପଦୂରରେ ବସିଲେ ନିବେଦିତା । କଥା ଆରମ୍ଭ କରିବାର ପ୍ରୟାସ କଲେ । ଓଠରେ ଚା କପ୍‌ର ଉଷ୍ମତା । ଦୁଇ ଆଖି ନିଉଜ୍ ପେପର ଉପରେ ନିବିଷ୍ଟ ରଖି ଚମକିଲା ଭଳି କହିଲେ ଆରଣ୍ୟକ, ଉଁ କଣ କହିଲ ?

ହଁ ମୁଁ କହୁଥିଲି---

ତୁମେ ଦୁନଆରେ ପ୍ରଥମ ସ୍ୱାମୀ, ତୁମେ ମୋ ପାଇଁ ଭଗବାନଙ୍କର ଦ୍ୱିତୀୟ ରୂପ ---ଏଇମିତି ସବୁକଥା ଛାଡି ଆଉ କଛି କୁହ । ନବେଦିତାଙ୍କ କଥା କାଟି କହିଲେ ଆରଣ୍ୟକ ।

ଓ କେ ଡିଅର୍ ।

ଆରେ ହଁ ନୀବି, ଏ ଡିଅର ଶବ୍ଦ ଶୁଣି ମୋର ମନେ ପଡିଲା, ଆମ ଅଫିସ୍ ତରଫରୁ ଆସନ୍ତା ମାସରେ ଗୋଟିଏ ସ୍ପେଶିୟାଲ୍ ପିକ୍‌ନକ୍ ଡିଅର ପାର୍କରେ ରଖିଛନ୍ତି ।

ସ୍ପେଶିୟାଲ୍ ପିକ୍‌ନକ୍ ଆଉ ଡିଅର ପାର୍କ । ହ୍ୱାଟ ଏ ଜୋକ୍ ? ଦିଲ୍ଲୀ ଆଉ ଏନ୍ ସି ଆର ରେ ଏତେ ସୁନ୍ଦର ସୁନ୍ଦର ପିକ୍‌ନକ୍ ସ୍ପଟ୍ ଥାଉ ଥାଉ ପୁଣି ସେଇ ଡିଅର ପାର୍କରେ ସ୍ପେଶିୟାଲ୍ ପିକନକ୍ । ଯାହା ଆଜି ଦିଲ୍ଲୀର "ହାଇଡ ପାର୍କ ' ରୂପେ ବ୍ୟବହୃତ ହେଉଛି! ସେ ଯୁବ ଗୋଷ୍ଠୀ ମାନଙ୍କ ମଧ୍ୟରେ ଆମମାନଙ୍କୁ ଟିକଏ ବି ଭଲ ଲାଗିବ ନାହିଁ । କେତେ ଦିନ ତଳେ ମୁଁ ମୋର ଜଣେ ବାନ୍ଧବୀଙ୍କର ଅପେକ୍ଷା କରି ଭିତରେ ପଶିଯାଇଥିଲି, ଅଣନଶ୍ୱାସୀ ହୋଇ ଆଖି ବନ୍ଦ କରି ରୀତିମତ ଦଉଡି ବାହାରକୁ ପଳାଇ ଆସିଲି ।


ଠିକ୍ କହିଛ ନୀବି । ପୁଣି ସେଇ ଡିଅର ପାର୍କ । ସେମାନଙ୍କର କହିବା କଥା ବହୁ ବର୍ଷ ତଳେ ସେମାନଙ୍କ ଆୟୋଜିତ ଫ୍ୟାମିଲି ପିକ୍‌ନକ୍ ରେ ସେ ଅରଜିନାଲ ନବେଦିତାଙ୍କୁ ଶେଷଥର ପାଇଁ ଦେଖି ବାକୁ ପାଇଥିଲେ । ବହୁବର୍ଷ ପରେ ସେଇ ନବେଦିତାଙ୍କ ଅଭ୍ୟର୍ଥନା ।

ଅର୍ଥାତ୍ ତୁମେ କେବଳ ନୀବି ପାଇଁ ନୁହଁ ଅଫିସ୍ କର୍ମଗ୍ଚରୀ ମାନଙ୍କ ମଧ୍ୟରେ ବି ଆଦୃତ । ସେଇଥିପାଇଁ ତ ତୁମକୁ ଏତେ ସମ୍ମାନ ---ପୁଣି ସେଦିନ କଥା ରହିଗଲା ।

**କ୍ରମଶଃ.....**

**ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ**

# ମନେପଡେ ଆଜି ମୋର ପିଲାବେଳ



ଦେବବ୍ରତ ଶତପଥୀ

ମନେପଡେ ଆଜି ମୋର ସେହି ପିଲାବେଳ
ଆମ ଗାଁ ଦାଣ୍ଡ ଦୁଲୁକଲା ଆଉ ସାଙ୍ଗସାଥି ମେଳ
ମନେପଡେ ଆଜି ମୋର ଗାଁ ଚାଟଶାଳ ଆଉ
ପୁନଆ ମାଷ୍ଟରଙ୍କ ବେତ ମାଡ ସାଥି ଚାଟଶାଳର ଖେଳଛୁଟି ବେଳ
ମନେପଡେ ମୋର ସେହି ପିଲାବେଳ ବହୁଚୋରି, କବାଡି
ଲୁଚକାଳି ଆଉ ଗିଲି ଡାଙ୍ଗ ଖେଳ
ବରଷାରେ ଭିଜି ଭିଜି କାଗଜ ଡଙ୍ଗା ଭସାଇବାର ମଜା ତ
ଆଉ କେବେ ଆମ ଗାଁ ପୋଖରୀରୁ ମାଛ ଧରିବାର
ପିଲାବେଳ ଖରାଦିନ ଛୁଟିରେ ଗୁଡି ଉଡାଇବାର ମଜା ତ
ଆଉ କେବେ ଚୋରିକରି ମୁଗ, ବିରିଚଣା ଖାଇବାର
ମାମୁଘର ବୁଲିଯିବା କେବେ ଅଜା ଆଈଙ୍କର ଆଦର ତ
ପୁଣି କେବେ ମାମୁଁଙ୍କର ଆକଟ,
କେବେ ଢେଲାମାରି ବରକୋଳି, ଆମ୍ବ ପାରିବାର ମଜା ତ
ପୁଣି କେବେ ଗଛରୁ ପାଚଲା ପିଜୁଳି ପାରି ଖାଇବାର ।
ମନେପଡେ ଆମ ଗାଁ ମନ୍ଦିରରେ ଭାଗବତ ସପ୍ତାହ ତ
ପୁଣି କେବେ ଭୋଜି ଭାତ ଖାଇବାର ।
ମନେପଡେ ଆଜି ମୋର ସେହି ପିଲାଦିନ
କେବେ ଜେଜେ ବାପାଙ୍କର ସାଥେ ଖେଳିବାର ତ ପୁଣି କେବେ
ପାଖ ଗାଁ ରେ ଚାଲୁଥିବା ମେଳାରେ ବୁଲିବାର ।
ଦୁର୍ଗାପୂଜା, କାଳିପୂଜା ତ ପୁଣି କେବେ ମକର ସଂକ୍ରାନ୍ତି ମେଳାରେ
ଚଟପଟି, ବିରିବରା ଆଉ କେବେ ଦୋଳି ଖେଳିବାର ।
ମନେପଡେ ଆଜି ମୋର ସେହି ପିଲାବେଳ
ମୋ ବୋଉ ସାଥେ ବାସି ପଖାଳ ଭାତ, ବଡିଚୁରା, ସାଗଭଜା ଖାଇବାର ମଜା
ତ ପୁଣି କେବେ ଅସୁସ୍ଥ ହୋଇ ପଡିବାର ସମୟ
ବୋଉର ବ୍ୟସ୍ତତା ସାଥେ ବାପାଙ୍କର ଚେଷ୍ଟା ମୋତେ ସୁସ୍ଥ କରିବାର ।
ମନେ ପଡେ ମୋର ଆଜି ସେହି ପିଲାବେଳ ।



ଜୁବେଲ୍, ସାଉଦି ଆରବ

# ପୁଅ ପାଇଁ ଗୀଟାର୍



ଦୀପକ ଷଡଙ୍ଗୀ

୨୦୦୯ ମସିହା ଅକ୍ଟୋବର ମାସ । କଟକରେ ଦଶହରା ସମୟ । ମା'ଙ୍କ ଆଗମନରେ ସାରା ସହର ଉତ୍ସବ ମୁଖର । ଯୁଆଡେ ଚାହିଁବ ରଙ୍ଗୀନ ଆଲୋକର ରୋଷଣୀ । ସେଦିନ ହୋଇଥାଏ ମହାଷ୍ଟମୀ ॥ ବିଡାନାସୀରୁ ଗୋଟେ ପ୍ରୋଗ୍ରାମ ସାରି ମୁଁ ମୋ ମୋଟରସାଇକେଲରେ ଘରକୁ ଫେରୁଥାଏ, ରାତି ପ୍ରାୟ ୧୧.୩୦ ହେବ, କାନ୍ଧରେ ପକେଇଥାଏ ମୋ ଗୀଟାର । ପ୍ରଶାସନର କଡା ନିୟମ ରାତି ଦଶଟା ପରେ ସବୁ ମେଲୋଡି କାର୍ଯ୍ୟକ୍ରମ ବନ୍ଦ । କାଠଯୋଡି ରିଂବନ୍ଧ ଦେଇ ଆସୁଥାଏ ମୁଁ ; ସନ୍ଧ୍ୟାବେଳେ ଟିକେ ବର୍ଷା ହୋଇଥିଲା, ଥଣ୍ଡା ପବନଟା ଦେହକୁ ଶୀତୁଆ ଲାଗୁଥାଏ । ରାସ୍ତାରେ ଲୋକ ଟିକେ କମି ଆସିଲେଣି; ମୁଁ ପ୍ରାୟ ବିଶ୍ୱନାଥ ପଣ୍ଡିତ ପାଠାଗାର ପାଖାପାଖି ହୋଇଗଲିଣି । ହଠାତ ମୋ ଗାଡିର ଷ୍ଟାର୍ଟ ବନ୍ଦ ହୋଇଗଲା । ଭାବିଲି ବୋଧେ ଗାଡି ରିଜର୍ଭରେ ପଡି ଯାଇଥିବ, କିନ୍ତୁ ନା ଆଜି ସକାଳେ ପରା ଦୁଇ ଲିଟର ପେଟ୍ରୋଲ ପକେଇଥିଲି ; ବୋଧେ ବର୍ଷା ଯୋଗୁଁ ଇଞ୍ଜିନ ରେ ପାଣି ପଶିଯାଇଥିବ । ଗାଡିରୁ ଓହ୍ଲେଇ ଚେକ୍ କଲି, ସବୁ ଠିକଠାକ୍ ଅଛି । ସେଲ୍ଫ ଷ୍ଟାର୍ଟରେ ବି ଚେଷ୍ଟା କଲି, ଚୋକ୍ ଅନ କରିକି ବି ଚେଷ୍ଟା କଲି ଗାଡି ଷ୍ଟାର୍ଟ ହବାର ନା ଧରୁ ନଥାଏ । କାନ୍ଧରୁ ଗିଟାରଟା ଓହ୍ଲେଇ ଦେଇ ପୁଣି ଗାଡି ଉପରେ ବସି କିକ୍ ଉପରେ କିକ୍ ମାରିବାକୁ ଲାଗିଲି । ମୋତେ ଲାଗୁ ଥିଲା ଯେ ମୋ ଗାଡି ଯିଏ କି କିଣା ହବା ଦିନ ଠାରୁ ଗୋଟାଏ କିକ୍ ରେ ଷ୍ଟାର୍ଟ ହଉଥିଲା, ଆଜି କିନ୍ତୁ ମୋତେ ଗୋଟେ ପାନେ ଦେବାର ବନ୍ଦୋବସ୍ତ କରିଥିଲା । ଆଖପାଖକୁ ଟିକେ ନଜର ପକେଇଲି । ସବୁ ଦୋକାନ ବଜାର ବନ୍ଦ ହୋଇଗଲାଣି । ରାତି ପ୍ରାୟ ୧୨ଟା ଉପରେ ହେଲାଣି । ଟିକେ ହୋତୋତ୍ସାହ ହୋଇ ପଡିଲି । ଚାରିପଟକୁ ନଜର ବୁଲେଇ ଦେଖେ ତ ମୁଁ କାଳୀ ମନ୍ଦିର ମଶାଣି ପାଖରେ ଛିଡା ହୋଇଛି । ରାସ୍ତାର ବାମ ପଟେ ମଶାଣି ଆଉ ଡାହାଣ ପାଖେ କାଳୀ ମନ୍ଦିର । ମୋ ଦେହରୁ ପରସ୍ତେ ଝାଳ ବାହାରିଗଲା । ଦେହକୁ ଶୀତୁଆ ଲାଗୁଥିବା ପବନଟା ମୋତେ ବୈଶାଖ ମାସର "ଲୁ" ଭଳି ଲାଗିଲା । ମନ୍ଦିରର ପହଡ ପଡିଛି । ରାସ୍ତାରେ ଆଉ ପ୍ରାୟ କେହି ନାହାନ୍ତି, ଯାହା କେବେଳ ସେଇ ଖାନନଗର ପୂଜା ମଣ୍ଡପର ଲାଇଟ ଗୁଡା ଧପ୍ ଧପ୍ ହେଉଥାଏ । କଣ କରିବି ବୋଲି ଭାବି ମୋତେ ବୁଦ୍ଧିବାଟ ଦିଶୁ ନଥାଏ । ମା କାଳୀଙ୍କୁ ମନେମନେ ସ୍ମରଣ କଲି । ମଶାଣିରୁ ଭାସି ଆସୁଥିବା ମଣିଷ ମାଂସ ପୋଡା ଘିଅର ବାସ୍ନା ମୋ ଅବସ୍ଥାକୁ ଆହୁରି ଖରାପ କରି ଦଉଥାଏ । ହଠାତ ଦେଖିଲି ପାଠାଗାର ଆଡୁ ଜଣେ କିଏ ଚାଲିଚାଲି ଆସୁଛି । କାଳୀ ମନ୍ଦିର ପଟ ରାସ୍ତାଟା

ଟିକେ ଅନ୍ଧାରିଆ ଥିବାରୁ ଠିକ ସେ ବୁଝା ପଡୁ ନଥାଏ । ଏତେ ରାତିରେ ମଶାଣି ପାଖରେ ତାକୁ ଦେଖି ମୋ ପିଳେହି ପାଣି । ମୁଣ୍ଡ ପୋତିକି ସେ ଆଡକୁ ଧ୍ୟାନ ନ ଦେଇ ଗୀଟାରଟାକୁ କାନ୍ଧରେ ପକେଇ ଦେଇ ଗାଡି ଉପରେ ବସି କକ୍ ଉପରେ କକ୍ ମାରି ଚାଲିଲି ।

ସେ ଲୋକଟା ଯେ କେତେବେଳେ ଆସି ମୋ ପାଖରେ ଛିଡା ହୋଇଗଲାଣି ମୁଁ ଜାଣିନ । ଶୁଣିଲି ଗୋଟେ ସ୍ୱର : "ଭାଇ କଣ ହେଲା କି"? ଚମକି ପଡିଲି, ମୁଣ୍ଡ ଉଠେଇ ଚାହିଁଲା ବେଳକୁ ମୋ ସାମନାରେ ଜଣେ ଧଳା ସାର୍ଟ ଆଉ ନୀଳ ଜୀନ୍ସ ପିନ୍ଧା ଜଣେ ବ୍ୟକ୍ତି । ବ୍ୟକ୍ତି ଜଣକ ଭଦ୍ର ଓ ମାର୍ଜିତ ଜଣା ପଡୁଥାନ୍ତି ଦେଖିବାକୁ ଗୋରା ଓ ନାକ ତଳେ ସରୁ ନିଶ । ବୟସ ପାଖାପାଖି ୪୦ ହେବ । ମୁଁ କହିଲି "ଗାଡିଟାର ଅଚାନକ ଷ୍ଟାର୍ଟ ବନ୍ଦ ହୋଇଗଲା ତ ସେଥିପାଇଁ ଚେଷ୍ଟା କରୁଛି କିନ୍ତୁ ହଉନି । ମୋ କାନ୍ଧରେ ପଡି ଥିବା ଗିଟାର ଦେଖି ଭଦ୍ରବ୍ୟକ୍ତି ଜଣକ ପଚାରିଲେ; "ଆପଣ କଣ ଗିଟାର ବଜାନ୍ତି"!! ମୁଁ କହିଲି "ହଁ" ବିଡାନାସୀରେ ଆଜି ଆମର ଗୋଟେ ପ୍ରୋଗ୍ରାମ ଥିଲା ତ ଯାଇଥିଲି, ଦେଖୁ ନାହାନ୍ତି ଫେରୁଫେରୁ ବାଟରେ ମୋର ଏ କି ଅବସ୍ଥା ?

ଭଦ୍ରବ୍ୟକ୍ତି ଜଣକ ଉତ୍ସାହିତ ହୋଇ ପଚାରିଲେ "ଆପଣ କଣ ଗିଟାର ଶିଖାନ୍ତି"? ମୁଁ କହିଲି "ହଁ ଶିଖାଏ" । ଭଦ୍ରବ୍ୟକ୍ତିଙ୍କ ଆଖିରେ ଗୋଟେ ସନ୍ତୋଷ ପରିଲକ୍ଷିତ ହେବା ପରି ଜଣା ପଡିଲା । ସେ ପୁଣି ପଚାରିଲେ; ଭାଇ! ଗୋଟେ ଅନୁରୋଧ କରିବି ରଖିବେ? ମୁଁ ତାଙ୍କୁ ଟିକେ ଆଶଙ୍କାପୂର୍ଣ ଚାହାଣିରେ ଅନେଇଲି । ମୋତେ ସହଜ କରିବାକୁ ଯାଇ ସେ କହିଲେ "ମୁଁ ଆପଣଙ୍କ ଗାଡି ଷ୍ଟାର୍ଟ କରି ଦେବି; କିନ୍ତୁ ଆପଣଙ୍କୁ ମୋର ଗୋଟେ ଛୋଟ ଅନୁରୋଧ ରକ୍ଷା କରି ବାକୁ ପଡିବ" । ମୁଁ ବ୍ୟସ୍ତ ଆଉ ବିରକ୍ତ ହୋଇ କହିଲି "ଆପଣ କଣ ମେକାନିକ" ଯେ ଗାଡି ଷ୍ଟାର୍ଟ କରି ଦେବେ ? ଭଦ୍ର ବ୍ୟକ୍ତି ଜଣକ ଟିକେ ହସି ଉତ୍ତର ଦେଲେ "ନା ମୁଁ ମୋଟରସାଇକେଲ ମେକାନିକ ନୁହେଁ, କିନ୍ତୁ ମୁଁ ପାରିବି" ।

ମୁଁ ବ୍ୟସ୍ତ ହୋଇ କହିଲି "କଣ କହିବା କଥା ଜଲଦି କହିଲେ" ? ଭଦ୍ରବ୍ୟକ୍ତି ଜଣକ ତାଙ୍କ ସାର୍ଟ ପକେଟରୁ ତାଙ୍କ କାର୍ଡଟି ବାହାର କରି ଦେଲେ ଓ କହିଲେ "ଭାଇ ମୋର ବାର ବର୍ଷର ଗୋଟେ ପୁଅ ଅଛି ତାର ଗିଟାର ଶିଖିବାକୁ ଖୁବ ଇଚ୍ଛା କିନ୍ତୁ ମୁଁ ଆଉ ମୋ ସ୍ତ୍ରୀର କାର୍ଯ୍ୟ ବ୍ୟସ୍ତତା ହେତୁ ତାକୁ ଗିଟାର ଶିଖିବାକୁ ଛାଡି ପାରୁନୁ, ଆଉ ମୁଁ ବି ଜାଣିନ ଏ କଟକରେ କିଏ କେଉଁଠି ଗିଟାର ଶିଖାଉଛି ? ତେଣୁ ଆପଣ ଯଦି ଟିକେ ଆଗ୍ରହ ଦିଅନ୍ତେ ମୁଁ ପୁଅକୁ ଛାଡନ୍ତି" । ସବୁ ଶୁଣି କି ନ ଶୁଣି ପାରିଲା ଭଳି କହିଲି "ହଉ ହଉ ଠିକ୍ ଅଛି ମୋ ସମୟ ହେଲେ ମୁଁ ଆପଣଙ୍କୁ ଫୋନ କରିବି ଆପଣ ଆଗ ମୋ ଗାଡିଟା ଷ୍ଟାର୍ଟ କରିଦେଲେ" ।

ମୋ ପାଟିରୁ କଥା ସରିଛି କି ନାହିଁ ଭଦ୍ରବ୍ୟକ୍ତି ଜଣକ ଗାଡି ଉପରେ ବସି ଗୋଟାଏ କକ୍ ମାରିଲେ ଯେ ଏକା ଥରକେ ଗାଡି ଷ୍ଟାର୍ଟ ହେଇଗଲା । ମୁଁ ଅବାକ ହୋଇ ତାଙ୍କୁ ଅନାଇ ଥାଏ । ଭଦ୍ରବ୍ୟକ୍ତି ଜଣକ ଟିକେ ହସି କହିଲେ "ହେଲା ତ ଆପଣଙ୍କ ପ୍ରୋବ୍ଲେମ ସଲ୍ଭ ? କନ୍ତୁ ପ୍ରୋମିଜ କରନ୍ତୁ ଆପଣ କାର୍ଡରେ ଥିବା ନମ୍ବରକୁ ଫୋନ କରି ନିଶ୍ଚୟ ଆସିବେ" । ମୁଁ ମୁଣ୍ଡଟା ଟୁଙ୍ଗାରି ଦେଇ ତାଙ୍କୁ ଟିକେ ଧନ୍ୟବାଦ ବି ନକହି ସଙ୍ଗେସଙ୍ଗେ ସେଠୁ ପଳେଇ ଆସିଲି । ଘରେ ପହଞ୍ଚୁ ପହଞ୍ଚୁ ରାତି ପ୍ରାୟ ୨ଟା । କାହାକୁ କଛି ନ କହି ସିଧା ଯାଇ ଖଟରେ ପଡିଗଲି ।

ଦଶହରା ସରି ଭସାଣି ସରି ଗୋଟେ ସପ୍ତାହ ହୋଇଗଲାଣି । ଦିନେ ବୋଉ ମୋର ମୋ ମଇଳା ସାର୍ଟ ପ୍ୟାଣ୍ଟ ଗୁଡା ସଫା କରି ବାକୁ ନେଉଥିଲା ବେଳେ ମୋ ସାର୍ଟ ପକେଟରୁ ଖସି ପଡିଲା ସେଇ କାର୍ଡଟି, ସେ ଆଣି ମୋତେ କାର୍ଡଟି ଧରେଇ ଦେଲା । କାର୍ଡଟା ଦେଖି ମହାଷ୍ଟମୀ ରାତି କଥା ମୋର ମନେ ପଡିଗଲା । ମୋତେ ଟିକେ କୃତଘ୍ନ ମନେ ହେଲା ପରି ଲାଗିଲା, ମୋ ମନ ଭିତରୁ ଜଣେ ସତେ ଯେପରି କହୁ ଥିଲା "ଆରେ ଯେଉଁ ଲୋକ ତୋତେ ରାତିରେ ଏତେ ବଡ ବିପଦରୁ ସାହାଯ୍ୟ କଲା ତୁ ତାକୁ ଏତେ ଶୀଘ୍ର ଭୁଲିଗଲୁ ? କାର୍ଯ୍ୟ ବ୍ୟସ୍ତତା ହେତୁ ମୁଁ ସମ୍ପୂର୍ଣ ଭାବେ ଭୁଲି ଯାଇଥିଲି ସେଦିନ ରାତି କଥା । କାର୍ଡଟିରେ ଲେଖା ଥିଲା ପ୍ରକାଶ ନିଳୟ, ପ୍ରକାଶ କୁମାର ମିଶ୍ର ସିନିୟର ମ୍ୟାନେଜର ମାର୍କେଟିଂଗ, ତାଙ୍କ ଘରର ଲ୍ୟାଣ୍ଡ ଫୋନ ଓ ଗୋଟେ ମୋବାଇଲ ନମ୍ବର । ମୁଁ ଆଉ ଡେରି ନକରି ସିଧା ମୋ ମୋବାଇଲରେ ଆଗ ମୋବାଇଲ ନମ୍ବର ଟାକୁ ଡାୟଲ କଲି, କନ୍ତୁ ସେମିତି କଛି ନମ୍ବର କୌଣସି ଉପଭୋକ୍ତାଙ୍କୁ ଦିଆଯାଇ ନାହିଁ ବୋଲି ଭିତରୁ ଶୁଣାଗଲା । ତା ପରେ ମୁଁ ଲ୍ୟାଣ୍ଡ ଫୋନକୁ ଡାୟଲ କଲି ତିନି ଚାରି ଥର ରିଂ ହେବା ପରେ ଜଣେ ମହିଳାଙ୍କ ସ୍ୱର ସେପଟୁ ଶୁଣାଗଲା । ମୁଁ କହିଲି "ଆଜ୍ଞା! ମୋତେ ପ୍ରକାଶ ବାବୁ ଏଇ ନମ୍ବର ଟି ଦେଇ କହିଥିଲେ ଯେ ତାଙ୍କ ପୁଅ ଗିଟାର ଶିଖିବ ବୋଲି ସେଥିପାଇଁ ଫୋନ କରି ଥିଲି" । ସେପଟୁ କଛି ଉତ୍ତର ନାହିଁ। ମୁଁ ହାଲୋ ହାଲୋ ହଉଥାଏ, ଭାବିଲି ବୋଧେ ଫୋନ ଟା କଟିଗଲା କଛି ସମୟ ପରେ ମହିଳା ଜଣକ ଉତ୍ତର ଦେଲେ ମୁଁ ଆପଣଙ୍କୁ ଘରର ଏଡ୍ରେସ କହୁଛି ଆପଣ ଆସନ୍ତୁ । ମୁଁ କହିଲି "ହଁ କୁହନ୍ତୁ" । ସେପଟୁ ମହିଳା ଜଣକ କହିଲେ "ମହାନଦୀ ବିହାର, ୪ ଲେନ, ହାଉସ ନମ୍ବର ସି/୨୧" । ମୁଁ ଧନ୍ୟବାଦ ଜଣାଇବା ପୂର୍ବରୁ ସେପଟୁ ମହିଳା ଜଣକ ଫୋନଟି କାଟି ଦେଲେ । ମୁଁ ସଙ୍ଗେ ସଙ୍ଗେ ଗାଡି ଧରି ବାହାରି ଗଲି ସେଇ ଠିକଣା ଆଡକୁ । ଆଉ ଠିକ୍ ୩୦ ମିନଟ ପରେ ମୁଁ ଥାଏ ପ୍ରକାଶ ନିଳୟର ଗେଟ୍ ସାମ୍ନାରେ । ଦେଖିଲି ଏକ ଦୁଇ ତଳ ମନୋରମ ଅଟ୍ଟାଳିକା । ମୁଖ୍ୟ ଫାଟକରେ ମାର୍ବଲରେ ଲେଖା ହୋଇଥାଏ ପ୍ରକାଶ ବାବୁଙ୍କ ନାଁ ଓ ଘରର ଠିକଣା । ମୁଁ ଗେଟ୍ ଖୋଲି ଭିତରକୁ ଗଲି । ବାହାରେ ଥିବା କଲିଂ ବେଲ୍ ଚପିଲି ଆଉ ଅପେକ୍ଷା କଲି । କଛି ସମୟ ପରେ ଜଣେ

୩୫/୩୬ ବର୍ଷୀୟ ଭଦ୍ର ମହିଳା ଆସି କବାଟ ଖୋଲିଲେ । ମୁଁ ମୋ ସଂକ୍ଷିପ୍ତ ପରିଚୟ ଦେଲି । ମୋତେ ମହିଳା ଜଣକ ନେଇ ତାଙ୍କ ବୈଠକଖାନାରେ ବସିବାକୁ କହିଲେ । ଚା କମ୍ବା କଫି ପଚାରିବାରୁ ମୁଁ ଚା ପାଇଁ କହିଲି। ମହିଳା ଜଣକ ଭିତରକୁ ଚାଲିଗଲେ । ମୁଁ ସୋଫା ଉପରେ ବସି ପାଖ ଟେବଲରେ ଥିବା ଖବରକାଗଜ ଲେଉଟାଉ ଥିବା ବେଳେ ମୋ ନଜର ପଡିଲା ବୈଠକଖାନାର କାନ୍ଥରେ ଟଙ୍ଗା ହୋଇଥବା ଫୁଲମାଳ ଦିଆ ହୋଇଥିବା ଫୋଟୋ ଉପରେ । ଫୋଟୋଟିକୁ ଟିକେ ପାଖରୁ ଦେଖିବା ପାଇଁ ସୋଫାରୁ ଉଠି ଫୋଟୋ ପାଖକୁ ଗଲି । ଫୋଟୋକୁ ଦେଖି ମୋ ପାଦ ତଳୁ ମାଟି ଖସି ଯିବା ଭଳି ମନେ ହେଲା । ମୁଁ ଦେଖିଲି ଏ ଫୋଟୋ ତା ସେଇ ଭଦ୍ର ଲୋକଙ୍କର ଯିଏ ମୋତେ ମହାଷ୍ଟମୀ ରାତିରେ ମୋ ଗାଡି ଷ୍ଟାର୍ଟ କରିବାରେ ସାହାଯ୍ୟ କରିଥିଲେ । ଘର ଏସି ର ଟେମ୍ପରେଚର ୨୪ ଥିଲେ ବି ଝାଳରେ ମୋ ସାର୍ଟ ଟା ପୁରା ଓଦା ହେଇ ଯାଇଥିଲା ।

"ଏ ମୋ ସ୍ୱାମୀ ପ୍ରକାଶ କୁମାର ମିଶ୍ର"। ଚମକ ପଡି ବୁଲିକି ଦେଖିଲା ବେଳକୁ ଭଦ୍ରମହିଳା ହାତରେ ଚା କପ ଧରି ଛିଡା ହୋଇଛନ୍ତି । ମାର୍କେଟିଂରର ସିନୟର ମ୍ୟାନେଜର ଥିଲେ ଦୁଇ ବର୍ଷ ତଳେ ଗୋଟେ କାର ଦୁର୍ଘଟଣାରେ.....ଆଉ କଛି କହିବା ପୂର୍ବରୁ ଗୋଟେ କଳା ହବନର ଗିଟାର ଧରି ପଶି ଆସିଲା ୧୨/୧୩ ବର୍ଷର ଗୋଟେ ପିଲା । ଭଦ୍ରମହିଳା କହିଲେ "ଅଙ୍କଲଙ୍କୁ ନମସ୍କାର କର" । ଏ ମୋ ପୁଅ ବଣ୍ଟି ଟିଭିରୁ ଦେଖି ଜିଦି ଧରିବାରୁ ବାପା ତା'ର ଦୁଇ ବର୍ଷ ତଳେ ତା ଜନ୍ମ ଦିନରେ ତାକୁ ଏଇ ଗିଟାର ଗିଫ୍ଟ ଦେଇଥିଲେ, ଆଉ ବଣ୍ଟିର ଜନ୍ମଦିନ ପରଦିନ ହିଁ ତା ବାପାଙ୍କର ..." ଅମାନଆ ଲୁହ ଗୁଡାକୁ ରୋକ ବାକୁ ଚାହୁଁଥିଲେ ବି ରୋକ ପାରି ନ ଥିଲେ ଭଦ୍ର ମହିଳା ଜଣକ ମୋ ସାମ୍ନାରେ ।

ମୁଁ ପରିବେଶକୁ ଟିକେ ହଲକା କରିବାକୁ ଯାଇ ବଣ୍ଟିକୁ ନେଇ କୋଳରେ ବସେଇ କହିଲି "ଆରେ ବଣ୍ଟିବାବା ଆମର ବହୁତ ଜଲଦି ରକ୍ ଷ୍ଟାର୍ ହେବେ" । ଭଦ୍ର ମହିଳା ଜଣକ ଚାଲି ଯାଇଥିଲେ ଘର ଭିତରକୁ । ଆଉ ବଣ୍ଟି ଗିଟାରରେ ବଜେଇ ବାକୁ ଚେଷ୍ଟା କରୁଥିଲା ସି ସ୍କେଲର ସାତଟି ଯାକ ଧୂନକୁ, କନ୍ତୁ ଠିକ୍ ସେ ବଜେଇ ପାରୁଥିଲା କେବଳ ପାଞ୍ଚଟି ଧୂନ । ତାହାଥିଲା "ସା" "ରେ" "ଗା" "ମା" ଆଉ ଟିକେ ଅଟକ ଯାଉଥିଲା "ପା"...........ପାଖରେ ।

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ପରିବର୍ତ୍ତନ



ସଚ୍ଚିଦା ନନ୍ଦ ବାରିକ

ଇଲେକ୍ସନ ପରେ
ପଦିଆ ମା ଛାତିରେ ଛନକା ପଶିଲା
ସତରେ ସେ ଗ୍ଧୁଆ ଟା ହାରି ଜୀବନ ତ!
କାନେ କାନେ କହି ଯାଇଥିଲା
ଅମୁକ ଚହ୍ନରେ ଭୋଟ ଦେବାକୁ
ହେଲେ ମୁଁ କଣ କରି ଥାଆନ୍ତି ଯେ
ଆମ ଭଳ ଗରିବ ପାଇଁ ପଇସା ଲୋଭ
ସେଇ ଲୋଭରେ ଭୋଟ ଟି ଦେଇ ଆସିଛି ସେଇ ଚହ୍ନକୁ
ଗ୍ଧୁଆ ଟା ଭଦ୍ରଲୋକ
ମୋ ଭଳ ଖଟିଖିଆ କଥା ସେ ବରାବର ବୁଝୁଥିଲା
ଏବେ ପଚାରିଲେ କଣ କହିବି ଯେ
କଣ ପାଇଁ ଏତେ ଦିନର ସମ୍ପର୍କକୁ ଭୁଲି ଯାଇ
ଭୋଟ ଦେଇ ଆସିଛି ଦିନେ ନାଇଁ କାଳେ ନାଇଁ
ସେଇ ଚହ୍ନରେ ଠିଆ ହୋଇଥିବା ସେ ଲୋକ ଟା କୁ ।
ସ୍ୱାଗତ ର ମା ଭାବୁଥିଲା
ଠିକ୍ କରିଛି ତା ଭୋଟଟି ସେଇ ଚହ୍ନକୁ ଦେଇ
ଚାକରିଆଙ୍କୁ ଶାସକ ବାଲାଏ



ଠକାମି ଛଡା କଣଟା ଦେଇ ପକାଇଛନ୍ତି ଯେ**!!**

ଏବେ କନ୍ତୁ ପରିବର୍ତ୍ତନ ଦରକାର

ଆମକୁ ବି ପକ୍କା ଘର ଆଉ ଗ୍ୟାସ୍ ଦର୍କାର

ସେଇଥି ପାଇଁ ଟଙ୍କା ନେଇ

ଦେଇ ଆସିଛି ଟିପ ଚହ୍ନ ସେଇ ଚହ୍ନକୁ ॥

କୋଟିପତି ଘର ବୋହୁ ନେହା କହୁଥିଲ୍

ଆମକୁ ସରକାର କଣ ଟା ଦେଉଛି ଯେ**!!**

ଓଲ୍ଡେଟି ଟାଙ୍କ ନା ରେ ନଦ ହଜାଇ

ଝୁଣି ନେଇ ଯାଇଛନ୍ତି କେବେ ଗୁନ୍ଦା ମାଗି ଆଉ କେବେ

ନଜ ପାରିଲ୍ ପଣ ର ତାଉ ଦେଖେଇ



ଝାଲ୍‌ଝିଣ୍ଟା ଧନ ସବୁ

ଏ ଭଲଆ ଦଗାଦିଆ ସର୍କାରକୁ

ମୂଲ୍ୟବାନ ଭୋଟ କାଇଁ ଦେବୁ**!!**

ଏଥର ଦେଇଛି ସେ କୋଟିପତି

ଥିଲ୍‌ବାଲ୍ ସ୍ୱାଧୀନ ପ୍ରାର୍ଥୀକୁ

ସେ ଆମ କଷ୍ଟ ବୁଝିବ

କଛି ନ ହେଲ୍ ନାଇଁ

ମୁକ୍ତି ମିଳଯିବ ଏ ଅତର୍କିତ ଚଢାଉ ର ॥

ବାପୁଜୀ ନଗର, ଭୁବନେଶ୍ୱର



ଶୁଭମ ନାୟକ

# ରଙ୍ଗମଞ୍ଚରେ ଖେଳ ସରିଲେ

ରଙ୍ଗମଞ୍ଚ ରେ ଖେଳ ସରିଲେ
ଝୁରିବେ ଦୁନଆଁ ସାର୍
ଆଜି ଅଛି ମୁଁ କାଲି ନ ଥିବି
ହୋଇ ଯିବି ମୁଁ ତ ତାର୍ ॥୧॥

ଅତିଥି ହୋଇ ଆସିଛି ଏଠି
କାନ୍ଦୁଅଛି ହସୁଅଛି
ବଞ୍ଚିଥିବା ଯାଏ ଚାଲୁଥିବି
ଦୁଃଖ ଅଶ୍ରୁ ପୋଛିପୋଛି
ଚାଲିଯିବି ଯେବେ ସାତପର କରି
ଝରିବ ଶ୍ରାବଣ ଧାର୍ ॥୨॥

ଅଚାନକ କେବେ କେଉଁ ଦିନେ
ପ୍ରାଣ ପକ୍ଷୀ ଉଡି ଯିବ
ମୁଁ ଶୋଇଥିବି ମୃତ୍ୟୁ ପଲଙ୍କେ
ତୁମେ ଅଶ୍ରୁ ଝର୍ାଇବ
ଶ୍ମଶାନ ରେ ମୋର ଚତାଅଗ୍ନି
ଗିଲି ଦେବ ସୂର୍ଯ୍ୟଖର୍ ॥୨॥

ଧୋଇଯିବି ସବୁ କର୍ତ୍ତିଫୁଲ
ମହକବ ମୋର ଧର୍
ପୁନ୍ୟ ପାଥୟେ ନଭେ ରହିବି
ଉଜ୍ୱଳ କରିବି ଧର୍
ଆଜି ଅଛି ମୁଁ କାଲି ନଥିବି
ହୋଇ ଯିବି ମୁଁ ତ ତାର୍ ॥୩॥

ତସଲ୍‌ଡିହି, ସୁନ୍ଦରଗଡ, ଓଡିଶା



# ବାପା

ନଚକେତା ସାହୁ

"ଜନନୀ ଜନ୍ମ ଭୂମିସଚ ସ୍ୱର୍ଗଦ୍ୱାପି ଗରୀୟସି
ପିତା ସ୍ୱର୍ଗ   ପିତା ଧର୍ମ ପିତାହିଁ ପରମତପ
ପିତରୀ ପ୍ରତିମା ପନ୍ନେ ପ୍ରିୟନ୍ତି ସର୍ବ ଦେବତା"

ତୁମରି ଆଶିଶେ   ଜନ୍ମ   ମୋହର
କର୍ମ ମୋର ତୁମ ଆଦର୍ଶ ଶିକ୍ଷା
ପ୍ରତିଟି ସୋପନେ ତୁମ ପ୍ରେରଣା
କରି ନାହଁ କେବେ ଉପେକ୍ଷା
ହୃଦୟ ସ୍ନେହକୁ ହୃଦୟେ ଲୁଚ୍ଚାଇ
କାଠରେ ସାଜ ତୁମେ ବାପା
ତୁମ ଅନୁଶାସନେ ପ୍ରେରିତ   ମୁଁ ଆଜି
କର୍ମ କରେ ମୋ ସମୀକ୍ଷା
ନୀତିଶିକ୍ଷା ତୁମ ଆଜି ମନେପଡେ
ସଂଘର୍ଷ ଯେବେ ପଥ ହୁଡେ ବାପା
ଖର୍ ବର୍ଷା ଶୀତ କାକର କୁ ଭ୍ରୁକ୍ଷେପ ନକରି
ଶ୍ରମ କରିଚ୍ଚଳଚ ଆଜିବି  ତୁମେ ଏକା ଏକା

ଜୀବନ ସୁଅରେ କେତେ ଯେ ଲହଡି ଭ୍ରଙ୍ଗି
ଚଲ୍ଇଛ ଜୀବନ ନୌକା
ଥକ ପଡି ନାହଁ ଭ୍ରଙ୍ଗି ପଡି ନାହଁ
ଗରବେ କହୁଛି ତୁମେ ମୋ ବାପା
ଦୁଃଖର ଯାତନା ମନେ  ଚ୍ଚପି ଧରି
ହସାଇଛ ସଭିଙ୍କୁ ତୁମେ ଏକା
ତୁମ ସେହି ଜସୁମତି ଜନନୀ ଗୋ
ମାର ନାହିଁ ଆଉ ଗୀତ
ମନେ ପଡେ ଆଜି ବାପା
ତୁମ ହାତ ଧରି ପଥ ମୁ ଚ୍ଚଲି ଶିଖିଚ
ଝୁଂଟି ପଡ଼ିବିନ ଆଉ ବାପା
ସୁକର୍ମ କରି ମାନ ମହତ ରଖିବି
ଆଦରି ତୁମ ଆଦର୍ଶ ନୀତି  ଶିକ୍ଷା
ଦୀର୍ଘାୟୁ ହେଉ ତୁମ ଜୀବନ
ଏତିକି ମୋର କାମନା
କୁସୁମିତ ହେଉ ତୁମ ଚଲ୍ ପଥ
ତୁମେ ସଦା ପୂଜନୀୟ ମୋ ବାପା ।



# ବୟସର କୃଷ୍ଣଚୂଡା



ସୁବ୍ରତ କୁମାର ମୁଦୁଲି

ହଳଦୀ ରଙ୍ଗର ଝିଅ ଦେଖିଲେ ନିଜ ଅଜାଣତରେ ମନ ଉଡିଯାଏ ଠିକ ତା'ରି ପାଖକୁ । ଲାଗେ ଯେମିତି ମୋ' ବୟସର କୃଷ୍ଣଚୂଡା ଆଜି ବି ସେମିତି ସତେଜ ଯେମିତି ପନ୍ଦର ବର୍ଷ ପୂର୍ବେ ଥିଲା । ଇଚ୍ଛାହୁଏ ଲୁଚଲୁଚ ତାକୁ ପଛରୁ ଦେଖିବାକୁ ଆଉ ମନକଥା ଖୋଲି କହିବାକୁ ଯାଇ ହଜାରେ ଚେଷ୍ଟା ସତ୍ତ୍ୱେ ଥରିଥରି ଆଶଙ୍କାର ବହଳଆ ଛେପକୁ ଢୋକଢୋକ ବିବେକର ଗ୍ରୁବୁକ ପାହାରରେ ପୁଣି ପଛକୁ ଫେରିବାକୁ । ସାଙ୍ଗମାନେ ସମସ୍ତେ କହନ୍ତି ମୁଁ କାଳେ ଗୋଟେ ବିଚିତ୍ର ପ୍ରେମିକ ଯିଏ ଆଜିଯାଏ ଶତ ଚେଷ୍ଟା ସତ୍ତ୍ୱେ ତାକୁ ଭୁଲି ପାରିନି ଯିଏ କେବଳ ମତେ ଦୁଃଖ ଦେଇଛି । ମୁଁ କିନ୍ତୁ ସେମାନଙ୍କ ସହ ଏକମତ ନୁହେଁ କାହିଁକି ନା ଜୀବନରେ ଯଦି ମୁଁ ତାକୁ ପାଇଥାଆନ୍ତି ହଳଦୀ ମଖା ଗୋରା ଦେହଟା ତା'ର ମଳିନ ପଡିବାପରେ ଏବେ ତା' ପାଇଁ ଝୁରି ହେଉନଥାନ୍ତି । ପ୍ରାୟ ଦଶ ବାର ବର୍ଷ ହେବ ତାକୁ ମୁଁ ଦେଖିନି, ଦେଖିବାକୁ ବି ଚାହୁଁନି ମୁଁ ଜାଣେ ସେ ମୋ' ସ୍ୱପ୍ନର ନାୟିକା ତା' ମୁହଁରେ ସମୟର ରଙ୍ଗଛଡା ଉପହାର ମୁଁ ସହିପାରିବିନି। ଏତ ମୋ' ଜୀବନ ଗପର ଗୋଟେ ଛୋଟିଆ ଅଂଶ ଯାହାକୁ ମୋ' ରୁମମେଟ ସାଗର କାଲି ପଢି ବହୁତ ହସିଲା ଆଉ ମୁଁ ବି ହସିଲି । ସମସ୍ତେ ଶୋଇଗଲା ପରେ ଆଉ ସମ୍ଭାଳି ପାରିଲିନି ଜାଣିଶୁଣି ମୋ' ଭାବନାକୁ କ୍ଷତାକ୍ତକଲି । ଅନ୍ଧାର କୋଠରୀରେ ଆଖିରେ ଆଖିଏ ଲୁହଧରି ତାକୁ ମୁଁ ଖୋଜୁଥିଲି ଏକାଏକା । ସମସ୍ତଙ୍କୁ ଲୁଚାଇ ରଖିଥିବା ତା'ର ସେଇ ଗୋଟିଏ କଥା ବାରମ୍ବାର ମୋ' କାନରେ ଶୁଭୁଥିଲା .........ତମର ଓକାତ କ'ଣ ମୁଁ ଜାଣିଛି। ତମେ ଯଦି ପ୍ରକୃତରେ ମତେ ଭଲ ପାଉଥାଅ ଜୀବନରେ ଆଉ କେବେ ବି ମୋ' ସାମ୍ନାକୁ ଆସିବନି ।

ଦେଉଳ,ଏରସମା,ଜଗତସିଂହପୁର

# ଫୁଲ ପାଇଁ ଗୀତ



ଆଶୁତୋଷ ମେହେର

||୧||

ଏତେ ସୁନ୍ଦର ଫୁଲର ରଙ୍ଗ
ଏତେ ସୁନ୍ଦର ଗଢଣି,
ଏତେ ସୁନ୍ଦର ସୁବାସ ବିତରେ
ପ୍ରସ୍ଫୁରେ ପ୍ରଭୁଙ୍କ ବାଣୀ ।।

||୨||

ଫୁଲରେ ଫୁଲରେ ରଙ୍ଗ ଛିଟା
ସୁବାସ ଭରା, ହସ ଲହରୀ
ପ୍ରଭୁଙ୍କ ଗଢଣି ସୁନ୍ଦର ସେ'
ଦେଉଥାଏ ମନେ ଆନନ୍ଦ ଭରି ।।

||୩||

ଡଉଲ ଡାଉଲ ଫୁଲର ଛେହେରା
ହସଇ ଚମକ ଶୋଭା
ମନ କିଣି ନିଏ ତା' ଦେହ ରଙ୍ଗ
ପ୍ରଭୁଙ୍କ ଆଶୀଷ ଆଭା ।।


||୪||

ଫୁଲ ହସେ ଯେବେ ସଂସାର ହସେ
ପ୍ରଭୁଙ୍କ ସୃଷ୍ଟିରେ ସୁନ୍ଦର ସିଏ
ଆମେ ବି କରିବା ଏ ଧରା ସୁନ୍ଦର
ଆଶୀଷ ମାଗିବା ତା' କାଣିଚୁଏ ।।

||୫||

ଫୁଲ ଯେବେ ହସେ ସଂସାର ହସେ
ପ୍ରଭୁଙ୍କର ସିଏ ଶ୍ରେଷ୍ଠ ଗଢଣି
ଫୁଲ ବାସନାରେ ସରଗ ମହକେ
ଗାଉଥାଏ ସତେ ପ୍ରଭୁଙ୍କ ବାଣୀ !!

ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର



# ଅବୁଝା ଆଁଖଲ



ଫିରୋଜ କୁମାର ପଟେଲ

ତୋର ମୋର ଜିଇଁତା ସମିଆଁ
ଏନ୍ତା ସରିଜିବା ବଲି
ତୋର ସଙ୍ଗେ କଟାଲ୍ ବେଲ
ଏନ୍ତା କଥାନୀ ହେବା ବଲି
ତୋର ଆଶର୍ ଥି ମୁଇଁ
ମୋର ନେ ମସଗୁଲ ଥିଲ୍ ବେଲେ
ତୁଇ ଏକଲ୍ କରବୁ ବଲି
ମୁଇଁ କାଏଁ ଜାନଥିଲି? (୧)

କେନ୍ତା କହେମି କାହାକେ
କେନ୍ତା ବଂଚୁଛେଁ ମୁଇଁ
କେନ୍ତା କହେମି ଲୋକ କେ
କେନ୍ତା ବାଟ ଗ୍ଲୁଛେଁ ମୁଇଁ
ସାତ ସପନର ସମୁଦ୍ରର
ତତଲ୍ ପାଏନ୍ ଥି
କେନ୍ତା ବତେଇ ପାରମି
କେନ୍ତା ଜଲୁଛେଁ ମୁଇଁ। (୨)

କେନେ ଅଛେ ଦେଉଲେ ଦେବତା
ଶୁନବା କାହାର ଗୁହାରୀ
କେନେ ଉସୋ କସା ଲଗାମି କହ
ମୋର ମନ ଥି ବାଜିଛେ ଛୁରୀ
ଫିରୋଜ ଜିତବାର ଜେନ
ଅଭ୍ୟାସ ଟା ଥିଲ୍
ଆଜି ହାରି ଯାଇଛେଁ ବଲି
ଗାଁ ଥି ପଡିଛେ ହୁରି? (୩)

ଆଁଖି ଭରିଛେ
ଆଏଁଖ ପୁରତୁନୁ ସପନ
ଗଦାଗଦା ସୁରତା ଥି
ଉଛଲି ପଡୁଛେ ମନ
ଆସବୁ ଦେଖବୁ ଥରେ
ତୋର ବିନେ କେନ୍ତା
ଅବୁଝା ଆଁଖଲ ନଦୀ
କାରଡିକ ଗାଧୁଛେ ଜୀବନ। (୪)

ଅନ୍ଧାରେ ଦରଦର ଦରଦଥି
କେତେ କବିତା ଲେଖସିଁ
ଜଲିଶିତଲି ବୁଡି ପହଁରି
ମନ କେ କେତେ ବୁଝାସିଁ
ଥରଥର ଭଙ୍ଗୀ
ଗଢି ହେବାର ଶିଖି
ଫିଙ୍ଗେ୍ଜ ମରି ଭି
ମୁଇଁକେନ୍ତା ଜିଇଁସିଁ? (୫)

ତୁଇ ଅଲ୍ବର କଲୁବଲି
ଅଧରଜିଆ ନାଇଁ ହଇଁ
ଦୁନଆଁ ମାର୍ କଲ୍ ବଲି
ଗୁଲଗୁଲ୍ ନାଇଁ ହଇଁ
ଝରି ସିନେ ଯାଏସି କେଭେ କେଭେ
ମୋର ପଥରୁ ଝରନା
କାଣା କରମି, ଅବୁଝା ଆଁଖଲ କେ
ଅଟକେଇ ନାଇ ହଇଁ। (୬)

ଅନ୍ଧରିଆ ଭ୍ଗ୍ୟ ଜେନ
ମତେ ଦଇବ ଦେଇଛେ
ଅଭ୍ଗା ଉଜଲ ସଙ୍ଗେ
କେତେ ମଜାକ ହଇଛେ
ଜଲ ମୋର ମନ ଜଲ
ଉଜଲ କର ମତେ
ମନ୍ତ୍ର ଜପୁଛେ ଜୀବନ
ଯେତକ ସମିଆଁ ପାଇଛେ। (୭)

ଦୁନଆଁ କେ ଭୁରତେଇ କେ
ମୁଇଁ ବି ଗାଏସିଁ ଗୀତା
ନଜର ବେଲେ ସବୁ ମୁସକଲ
ମତେ ଜୀବନ ଲ୍ଗୁଛେ ପିତା
ଅବୁଝା ଆଁଖଲ ମାନକୁ ବାନ୍ଧି
ମୁଇ ବି ମାତିଛେଁ ହଁସବାରଥି
ଦୁନଆଁ ଶେଷକେ କହେବା ନ
କାହାର ଅଭିନୟ କେତେ ଜିଇଁତା। (୮)

ଅବନକେଲ୍, ସୁନ୍ଦରଗଡ, ଓଡିଶା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭଙ୍ଗା ହୃଦୟର କାହାଣୀ



ପ୍ରଶାନ୍ତ କୁମାର ନାଥ

ନିଜଠୁଁ ଅଧିକା ଭଲ ପାଉଥିଲି
ଯାହାକୁ ଜୀବନେ ସିଏ
ହସି ହସି ଆଜି କହୁଅଛି ସିଏ
ତୁମେ ମୋର ଅଟ କିଏ ।
କେମିତି ସହିବ ଏମିତି ଯନ୍ତ୍ରଣା
ହୃଦୟ ଯାଉଛି ଜଳି
କୁହୁଳି କୁହୁଳି ଜାଳୁ ଅଛି ପର
ତାକୁତା ପ୍ରୀତି ଦିପାଳି ।
ହସିସେ ପାରେନା କାନ୍ଦିବି ପାରେନା
ଜୀବନଟା ଲାଗେ ବିଷ
ମରିଚକା ପଛେ ଧାଉଁଥିଲି ସିଏ
ମାରିବା ପାଇଁକି ଶୋଷ ।
ପ୍ରେମ କରିବାର ଅଭିନୟ କରି
ପ୍ରେମିକାଟେ ସାଜିଥିଲା
ନୂଆ ପ୍ରେମିକଟେ ପାଇଗଲା ପରେ
ଧୋକା ଦେଇ ଗ୍ଲଲିଗଲା
ଭାବିଲାନି ଥରେ ପ୍ରେମରେ ତାହାର
ଅନ୍ଧ ଯିଏ ହୋଇଥିଲା
ଜିଇଁ ଥାଉଁ ଥଉଁ ପ୍ରେମକୁ ତାହାର
କବରସେ ଦେଇଦେଲା ।



ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

# ଇମ୍ଫାଲ, ମଣିପୁର

## (ମିଛ ସହିଦଙ୍କ ସମାଧି)

**-ଧାରାବାହିକ ଭ୍ରମଣ କାହାଣୀ-**

ପ୍ରିୟବ୍ରତ ପାଢ଼ୀ

ସାରା ଭାରତରେ "ଇମ୍ଫାଲ" ଏପରି ଏକ ସହର, ଯେଉଁଠାରୁ ଭାରତର ସ୍ୱାଧୀନତା ସେନାନୀଙ୍କ ସଶସ୍ତ୍ର ସଂଗ୍ରାମ ଆରମ୍ଭ ହୋଇଥିଲା । ତାହା ପୁଣି ଏକ ଅସ୍ଥାୟୀ ଭାରତ ସରକାରଙ୍କ ସୁସଜ୍ଜିତ ସୈନିକମାନଙ୍କ ଦ୍ୱାରା । ଅସ୍ଥାୟୀ ସରକାରର ମୁଖ୍ୟ ଦରବାର ଥିଲା ରେଙ୍ଗୁନ୍, ଏହାର ରାଷ୍ଟ୍ରପତି ଥିଲେ ସୁଭାଷ ଚନ୍ଦ୍ର ବୋଷ । ସୈନ୍ୟବାହିନୀର ନାମ ଥିଲା ବା ହିନ୍ଦୁସ୍ଥାନୀ ଭାଷାରେ "ଆଜାଦ୍ ହିନ୍ଦ୍ ଫୌଜ" । INA ସହିତ ଯୋଗ ଦେଇଥିଲେ ଜାପାନର ପଦାତିକ **INDIAN NATIONAL ARMY (INA)** ବାହିନୀ । ଇମ୍ଫାଲରେ ତିଆରି ହୋଇଥିବା ଯୁଦ୍ଧ ସ୍ମାରକୀ ବା **WAR CEMETERY** ସେହି ଭୟଙ୍କର ଯୁଦ୍ଧକୁ ଆଜି ବି ମନେପକାଇ ଦିଏ ।

କୌଣସି ଚର୍ଚ୍ଚ ବା ପାରମ୍ପରିକ କବରଖାନାର ଅନ୍ତର୍ଭୁକ୍ତ ହୋଇ ନଥିବା ସ୍ଥାନରେ ଯେବେ ମୃତକଙ୍କୁ ସମାଧି ଦିଆଯାଏ, ତାହାକୁ **Cemetery** କୁହା ଯାଇଥାଏ । ଏକ ପ୍ରଚଣ୍ଡ ରୌଦ୍ରତପ୍ତ ତଥା ଗୁଳୁଗୁଳ ଦ୍ୱିପହରରେ ଏ ଲେଖକ ବିଷର୍ଣ୍ଣ ବଦନ ନେଇ ଇମ୍ଫାଲର ସେଇ ଯୁଦ୍ଧ ସ୍ମାରକୀ ଭିତରେ ଥରେ ଘୂରି ବୁଲୁଥିଲା । ଗୋଟିଏ ପରେ ଗୋଟିଏ ଫଳକରେ ଲେଖାଯାଇଥିବା ନାଁ ସବୁକୁ ପଢୁଥିଲା, ମୃତକଙ୍କ ସ୍ମରଣରେ ଲିଖିତ କେଇ ଧାଡ଼ିକୁ ବଡ ଆବେଗରେ ଛୋଟ ଖାତାଟିରେ ଟିପି ପକାଉଥିଲା । ସେମାନେ ସବୁ ଥିଲେ ବିଭିନ୍ନ ଜାତିରେ, ଧର୍ମର, ପ୍ରାନ୍ତରର ଜଣେ ଜଣେ ବିସ୍ମୃତ ବୀର । ସେମାନଙ୍କର ବୟସ ଥିଲା ୧୮ରୁ ୨୨ ବର୍ଷ ମଧ୍ୟରେ ।

ଇଂରେଜଙ୍କ ତରଫରୁ ଯୁଦ୍ଧ କରି ଏହି ତରୁଣମାନେ ମାଡି ଆସୁଥିବା ଜାପାନୀ ସୈନ୍ୟଙ୍କ ଗତିପଥକୁ ବ୍ରେକ ଦେଇ ପାରିଥିଲେ ଏବଂ ଶେଷରେ ଶହିଦ ହୋଇ ଯାଇଥିଲେ । ପ୍ରତି ସହିଦଙ୍କ ସ୍ମୃତିରେ ଗୋଟିଏ ଗୋଟିଏ ଦୁଇଫୁଟକୁ ଫୁଟେ ଆକୃତିର ତମ୍ବାଫଳକ, ତାହା ପୁଣି ଆଠଇଞ୍ଚ ଉଚ୍ଚା ଛୋଟିଆ ଚଉତରା ଉପରେ ଥାପି ଦିଆଯାଇଛି । ଏପରି ଫଳକର ସଂଖ୍ୟା ତିନିହଜାରରୁ ଊର୍ଦ୍ଧ୍ୱ । ତା ବାଦେ ଆଉ ଏକ ସହିଦ-ପ୍ରାଚୀର ଉପରେ ଆହୁରି ଅନେକ

ମୃତକଙ୍କ ନାମର ଏକ ଲମ୍ବା ତାଲିକା ଦେଖିବାକୁ ମିଳେ । ବିଦେଶୀମାନେ ତାଙ୍କ ଶାସନକାଳରେ ଏହାକୁ ତିଆରି କରିଥିଲେ ।

ମୁଁ ଶେଷରେ କ୍ଳାନ୍ତ ହୋଇ, ଫଳକମାନଙ୍କୁ ବକ୍ଷରେ ଧାରଣ କରିଥିବା ସବୁଜ ଲନ୍ ଉପରେ ବସିଗଲି । ମାଳି ଜଣେ ରବର ପାଇପ୍ ଯୋଗେ ଲନ୍ ଉପରେ ପାଣି ସିଞ୍ଚନ କରୁଥିଲେ । ଆଉ ଜଣେ ତମ୍ବାଫଳକ ଗୁଡିକୁ ପୋଛି ପକାଉଥିଲେ । ନାଲିରଙ୍ଗର ଟାଇଲ୍ ପକା ଅଣଓସାରିଆ ପାଦଚଲା ରାସ୍ତା ସବୁ ସାରା ଲନଟିକୁ ଅସଂଖ୍ୟ ଆୟତାକାରରେ ବିଭକ୍ତ କରୁଥିଲେ । ଏକ ସୂକ୍ଷ୍ମ ଅନ୍ୟମନସ୍କତାରେ ବୁଡିଯିବା ଛଡା ମୋ ପାଇଁ ଅନ୍ୟକିଛି ଗତ୍ୟନ୍ତର ନଥିଲା ।

ଜଣେ ସ୍ୱାଧୀନ ଭାରତର ନାଗରିକ ଭାବେ ସେଇ ମୃତକମାନେ ମୋ ପାଇଁ ସହିଦ ହୋଇ ପାରିବେ କି? ସେମାନେ ସମସ୍ତେ ଥିଲେ ଇଂରେଜ ଶାସନର ସ୍ଥାୟିତ୍ୱ ପାଇଁ ଲଢୁଥିବା ଜଣେ ଜଣେ କର୍ମୀ ବା ଖୁବ୍ ବେଶୀରେ ପେଟ ବିକଳରେ ଫୌଜରେ ଯୋଗଦେଇଥିବା ଜଣେ ଜଣେ ଭାରତୀୟ । ସହିଦ ଶବ୍ଦଟି ଏକ ଆପେକ୍ଷିକ ଶବ୍ଦ । ଗୋଟିଏ ଦେଶର ସହିଦ ଅନ୍ୟ ଦେଶ ପାଇଁ ଜଣେ ଆତଙ୍କବାଦୀ ବା ଲୁଣ୍ଠନକାରୀ ହୋଇପାରେ । ଆମ ଦେଶର ଅନେକ ସହିଦ, ପାକସ୍ତାନ ଆଖିରେ ଜଣେ ଜଣେ ଆତଙ୍କବାଦୀ । ଜେନେରାଲ୍ ଡାଏର୍ ଙ୍କ ହତ୍ୟାପରେ ଇଂଲଣ୍ଡରେ ବହୁ ସମ୍ବାଦପତ୍ର ତାଙ୍କୁ ସହିଦ ବୋଲି ଚିତ୍ରଣ କରିଥିଲେ । ଅଥଚ ସେ ଦୁର୍ଦ୍ଧର୍ଷ ବ୍ୟକ୍ତି ଜଣକ ତିନିହଜାର ନିରସ୍ତ୍ର ଭାରତୀୟଙ୍କୁ ଜାଲିଆନାୱାଲାବାଗରେ ହତ୍ୟା କରିଥିଲେ । ସେହି ଦୃଷ୍ଟିରୁ ଯୁଦ୍ଧ ସ୍ମାରକୀରେ ଘୋଷିତ ସହିଦମାନେ ସ୍ୱାଧୀନ ଭାରତର ନାଗରିକମାନଙ୍କ ପାଇଁ କେତେ ଦୂର ଗ୍ରହଣୀୟ । ମତେ ଲାଗିଲା, ସମଗ୍ର ପ୍ରାଙ୍ଗଣଟି ଯେମିତି ମିଛ ସହିଦମାନଙ୍କ ସମାଧିର ଏକ ବିଶାଳ ସମୁଦ୍ର ।

ତେବେ ସବୁଠୁ ବଡ କଥା ହେଲା, ସେମାନେ ସବୁ ଥିଲେ ଜଣେ ଜଣେ ମଣିଷ, ଅନେକ ଆଶା, ସ୍ୱପ୍ନ ଓ ସମ୍ଭାବନା ନେଇ ଜୀବନ ଆରମ୍ଭ କରିଥିବା ଜଣେ ଜଣେ ତରୁଣ । ସେମାନଙ୍କ ଅକାଳ ମୃତ୍ୟୁ, ଯେ କୌଣସି ବ୍ୟକ୍ତିଙ୍କୁ ଅନ୍ୟମନସ୍କ କରାଇବା ପାଇଁ ଯଥେଷ୍ଟ । ଖରାବେଳଟାରେ ବହୁ ପ୍ରେମୀ ଯୁଗଳଙ୍କୁ ସେଇ ସମୂହ ସମାଧି ସ୍ଥଳରେ ଟହଲ ମାରୁଥିବା

ଦେଖିଥିଲି । କୌଣସି ଏକ ଫଳକରେ ଲେଖାଥିବା ଦେଖିବାକୁ ମିଳିଲା, "ତୁମର ଜୀବନକୁ ପ୍ରେମମୟ କରିବା ପାଇଁ, ଆଜି ଆମେ ଉତ୍ସର୍ଗ କଲୁ ଆମର ଜୀବନ ।" ଏ କଥାଟି ଯଦି ସତ ହୋଇଥାଏ, ତେବେ ସେଇ ସମାଧିସ୍ଥ ଆତ୍ମାମାନେ ତ ନିଶ୍ଚୟ ଖୁସି ହେଉଥିବେ । କାରଣ ପ୍ରେମୀଯୁଗଳଙ୍କ ପରି ଆଉ କିଏ ପ୍ରେମମୟ ଅବସ୍ଥାରେ ଥାଇପାରେ କି? ଦର୍ଶକମାନେ ଯଦି ଅଶ୍ରୁତର୍ପଣ କରିବେ, ସେଇ ଆତ୍ମାମାନେ ନିଶ୍ଚିତ ରୂପେ ଦୁଃଖୀ ହୋଇଯିବେ ଏଇଥିପାଇଁ ଯେ ସେମାନଙ୍କ ବଳିଦାନ ବ୍ୟର୍ଥ ହୋଇଗଲା ।

ଲନ୍ ଭିତରେ ବୁଲୁଥିବା ବେଳେ, ମତେ ଲାଗୁଥିଲା ପ୍ରତି ଫଳକ ତଳେ ଜଣେ ଜଣେ ତରୁଣ ସୈନ୍ୟ ମରି ଶୋଇଛନ୍ତି । ପ୍ରତି ତରୁଣ ସୈନିକଙ୍କ ଶବ ସତେ ଯେମିତି ମତେ ପ୍ରଶ୍ନ ପଗ୍ଚରି ବ୍ୟସ୍ତ କରି ପକାଉଥିଲେ - "କେବେ ବନ୍ଦ୍ ହେବ ଏ ଯୁଦ୍ଧ? ତରୁଣମାନଙ୍କ ବଳିଦାନ? ତାହାପୁଣି ତୁଚ୍ଛ ଅହମିକାକୁ ସନ୍ତୁଷ୍ଟ କରିବା ପାଇଁ ।" ମୁଁ ନିରୁତ୍ତର ଥିଲି, ଅଣନିଃଶ୍ୱାସୀ ହୋଇ ପଡୁଥିଲି । ସତ କହିଲେ ଭାରି ଏକୁଟିଆ ଲାଗୁଥିଲା । ବୋଧେ ଠିକ୍ ଏମିତି ଏକ ପରିବେଶରେ, କୁଢକୁଢ ଶବ ଭିତରେ, ନିଶାର୍ଦ୍ଧରେ ଲଣ୍ଠନ ଧରି ବୃଦ୍ଧା ଜଣେ ନିଜର ନିଖୋଜ ଯୁଆନ୍ ପୁଅକୁ ଦୟାନଦୀ କୂଳରେ ଖୋଜୁଥିଲେ । ସେ ଦୃଶ୍ୟ ଚଣ୍ଡାଶୋକଙ୍କୁ ବିଚଳିତ କରି ପକାଇଥିଲା । କିନ୍ତୁ ଆଜି ଅସୁମାରୀ ଦର୍ଶକଙ୍କ ସ୍ୱଚ୍ଛନ୍ଦ ପଦଗ୍ଚରଣା ସେମିତି ଏକ ସମ୍ଭାବନାଠାରୁ କାହିଁ କେତେ ଦୂରରେ!

ଦ୍ୱିତୀୟ ବିଶ୍ୱଯୁଦ୍ଧ ମାନବ ଇତିହାସର ସମ୍ଭବତଃ ସବୁଠୁ କରୁଣତମ ବିପର୍ଯ୍ୟୟ । ଘୃଣା, ହିଂସା ଓ ହତ୍ୟାର ଦାନବପଣ ଏତେ ବ୍ୟାପକ ଭାବେ, ଏତେ କଦର୍ଯ୍ୟଭାବେ କେବେ ହେଲେ ମଣିଷ ସମାଜକୁ ଆକ୍ରାନ୍ତ କରି ନଥିଲା । ଯୁଦ୍ଧର ଶେଷ ପର୍ଯ୍ୟାୟ ବେଳକୁ ଯୁଦ୍ଧରତ ସମସ୍ତ ଦେଶ କ୍ଳାନ୍ତ ହୋଇ ପଡିଥିଲେ । ଇଉରୋପ, ଏସିଆ, ଆଫ୍ରିକା, ପ୍ରଶାନ୍ତ ମହାସାଗର, ଆରବର ମରୁଭୂମି ସବୁଠି ଗ୍ଚଲିଥିଲା ଯୁଦ୍ଧ । ଅଧିକରୁ ଅଧିକ ସୈନ୍ୟ ମରୁଥିଲେ । ଲୋଡା ପଡୁଥିଲେ ଆହୁରି ଅଧିକ ସୈନ୍ୟ । ଏ ସମୟରେ ଭାରତ-ବର୍ମା ସୀମାନ୍ତରେ ଜାପାନ INA ର ମିଳିତ ଆକ୍ରମଣ ଇଂଲଣ୍ଡକୁ ସ୍ତବ୍ଧ କରି ପକାଇଥିଲା । ମାଳୟ, ସିଙ୍ଗାପୁର, ଇଣ୍ଡୋନେସିଆ, ବର୍ମା

ଆଦିରେ ଶୋଚନୀୟ ପରାଜୟ ପରେ ଇଂଲଣ୍ଡର ଆଉ ଶକ୍ତି ନଥିଲା ଜାପାନ ସହ ଯୁଦ୍ଧ କରିବା ପାଇଁ। ତେଣୁ ପନ୍ଦର-ସତର ବର୍ଷର ତରୁଣମାନଙ୍କୁ ଇଂଲଣ୍ଡରୁ ଡକାଯାଇ, କଛି ଭାରତୀୟ ସୈନ୍ୟ ତଥା ଭଡାଟିଆ ନେପାଳ ସୈନ୍ୟଙ୍କୁ ନେଇ ମାଉଣ୍ଟବ୍ୟାଟେନ୍ ଆରମ୍ଭ କରିଥିଲେ ପ୍ରତିରୋଧର ପର୍ଯ୍ୟାୟ। ପୃଥିବୀର ଅନ୍ୟ ପ୍ରାନ୍ତରେ ଚାଲିଥିବା ଯୁଦ୍ଧ ତୁଳନାରେ ତାହା ଥିଲା ଉଭୟ ଇଂଲଣ୍ଡ ଓ ଜାପାନ ପାଇଁ ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷେ, ଏହା ଥିଲା ଭାରତର ସ୍ୱାଧୀନତା ପାଇଁ ତଥା INA ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ।

୧୯୪୪ ମେ ମାସରେ, ଓସଓରେନ୍ ହାଗି "୪୮ ବ୍ରିଏଡ ଅଫ୍ କ୍ୟାମରୁନ୍" (ଯାହାର ଅନ୍ୟ ନାମ ଥିଲା ରୟାଲ୍ ଗୁର୍ଖା ରାଇଫଲସ୍) କୁ ନେଇ ଇମ୍ଫାଲ୍ ସୁରକ୍ଷା ଦିଗେ ଆସିଥିଲେ। କାଳେ ଭାରତୀୟ ସୈନ୍ୟମାନେ, INA ସହ ମିଶି ଇଂରେଜ ସେନାଙ୍କୁ ଧୋକା ଦେବେ ଏହି ଭୟରେ ମାଉଣ୍ଟବ୍ୟାଟେନ୍ ଅଧିକ ନେପାଳଙ୍କୁ ଏହି ଆକ୍ରମଣରେ ସାମିଲ୍ କରିଥିଲେ।

ଜାପାନ ଓ INA ର ମିଳିତ ବାହିନୀ, ବର୍ମାର ଘନ ଜଙ୍ଗଲରେ ୧୧୦୦ ମାଇଲ୍ ରାସ୍ତା ପାଦରେ ଚାଲି ଚାଲି ଇମ୍ଫାଲ୍ ପର୍ଯ୍ୟନ୍ତ ଆସି ଯାଇଥିଲେ। ଉଭୟ ସେନାଙ୍କ ଉଦ୍ଦେଶ୍ୟ ଓ ଆଦର୍ଶ ଥିଲା ଅଲଗା ଅଲଗା। ସଦ୍ୟ କରଗତ ହୋଇଥିବା ବର୍ମାକୁ ସୁରକ୍ଷିତ କରିବା ପାଇଁ ଇମ୍ଫାଲ୍ ଭଳି ଗୁରୁତ୍ୱପୂର୍ଣ୍ଣ ଘାଟିରୁ ଇଂରେଜମାନଙ୍କୁ ତଡିଦେବା ଥିଲା ଜାପାନୀମାନଙ୍କ ଲକ୍ଷ୍ୟ। କିନ୍ତୁ INA ର ଲକ୍ଷ୍ୟ ଥିଲା ଇମ୍ଫାଲ୍ ପରେ ଧୀରେ ଧୀରେ ଭାରତର ଅନ୍ୟାନ୍ୟ ଭୂଖଣ୍ଡକୁ ଅଧିକାର କରି, ବ୍ୟାପକ ଜନ ସମର୍ଥନରେ ଦିଲ୍ଲୀ ଅଧିକାର।

ମାଉଣ୍ଟବ୍ୟାଟେନ୍ ଥିଲେ ଇଂରେଜମାନଙ୍କ ଆଡମିରାଲ୍। ସେପଟେ ମୋତାଗୁଚ ଥିଲେ ଜାପାନ-INA ମିଳିତ ବାହିନୀର ଜେନେରାଲ୍। ମଣିପୁର-ବର୍ମା ସୀମାରେ ଥିବା ଚନ୍ଦୱିନ୍ ଜଙ୍ଗଲରେ INA ମିଳିତ ସେନା ମୁତୟନ ଥିଲେ। ଇମ୍ଫାଲ୍ ଓ କୋହିମା ଅକ୍ତିଆର ପରେ ଆରକେନ୍ ରେଲୱେକୁ ଧ୍ୱଂସ କରିଦେବା ଥିଲା ଜପନର ଉଦ୍ଦେଶ୍ୟ। କାରଣ ଏହି ରେଲୱେ ଜରିଆରେ ଇଂଲଣ୍ଡ, ଚୀନକୁ ଖାଦ୍ୟ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଜାପାନ ପ୍ରତି ବିପଦ ସୃଷ୍ଟି କରୁଥିଲା। ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟାୟ ବେଳକୁ ଯୁଦ୍ଧର ଗତିପଥ ବଦଳି ଯାଇଥିଲା। ପ୍ରଶାନ୍ତ

ମହାସାଗରରେ ଆମେରିକାର ଆକ୍ରମଣରେ ଜାପାନ ଥିଲା ଥରହର । ତେଣୁ ଇମ୍ଫାଲ୍ ବିଜୟ ପାଇଁ ଜାପାନ ଆଉ ବିଶେଷ ଗୁରୁତ୍ୱ ଦେବା ଅବସ୍ଥାର ନଥିଲା ।

INAର ଅଫିସରମାନେ ଜାପାନ୍ ସେନାଙ୍କୁ ନଷ୍ଟାପରତାର ଅଭାବ ନେଇ ଦୋଷାରପ କରୁଥିଲେ । କନ୍ତୁ କେବେହେଲେ ପ୍ରତିବାଦ ବା କ୍ଷୋଭ ପ୍ରକାଶ କରି ନଥିଲେ ଯେ ଜାପାନ, ଭାରତୀୟ ଭୂଖଣ୍ଡକୁ ଅଧିକାର କରିବା ପାଇଁ ଲାଳାୟିତ । INA ଅକ୍ତିଆର କରି ନେଇଥିବା ଜାଗା ସବୁରେ ଜାପାନର ଅନୁପ୍ରବେଶ ନଥିଲା । ମଣିପୁର ସୀମାନ୍ତରେ ୫୦୦ ବର୍ଗ ମାଇଲ୍ ଜାଗାକୁ ଦୀର୍ଘ ଛ ମାସ ଧରି ନଜ ଆୟତ୍ତାଧୀନ କରି ରଖିଥିଲା । ସ୍ଥାନୀୟ ଲୋକେ ପ୍ରବଳ ଉନ୍ମାଦନାରେ କୁ ସମର୍ଥନ କରିଥିଲେ । ଏମ୍. କୋଇରେଙ୍ଗ୍ ସିଂଙ୍କ ନେତୃତ୍ୱରେ ନଖିଳ ମଣିପୁରୀ ମହାସଭା ରେ ଯୋଗ ଦେଇଥିଲା । ବର୍ମା-ମଣିପୁର ସୀମାନ୍ତରେ ଆରମ୍ଭ ହୋଇଥିଲା ସୁଭାଷ ବୋଷଙ୍କ ଅସ୍ଥାୟୀ ସରକାର । ଜାପାନ୍ ସମେତ ଆଉ ଆଠଟି ଅଲଗା ଅଲଗା ବର୍ଗରେ ଇଣ୍ଡୋ-ବର୍ମା ସୀମାନ୍ତରେ ଯୁଦ୍ଧରତ ଥିଲା । ସେମାନେ ଭାରତରେ ପ୍ରେବେଶ କରି "ମଇରାଙ୍ଗ୍"ଠାରେ ଭାରତର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେତେବେଳର ତ୍ରିରଙ୍ଗା ପତାକାର ମଝିରେ ଥିଲା ଗୋଟିଏ ଅରଟର ଛବି ।

INAର ନାମଗନ୍ଧ ନନେଇ ଇଂରେଜମାନେ ପ୍ରଚାର କଲେ ଯେ ଜାପାନ୍ ଭାରତ ଆକ୍ରମଣ ପାଇଁ ମାଡି ଆସୁଛି । ସେତେବେଳେ ଜାତୀୟ କଂଗ୍ରେସର ବୁଦ୍ଧିଜୀବୀମାନେ ଭୟ କରୁଥିଲେ ଯେ ଯଦି ଜାପାନ୍ ଭାରତରୁ ଇଂରେଜନୁ ବିତାଡନ କରେ, ତେବେ ଭାରତ ପୁଣି ଜାପାନର ଅଧୀନ ହୋଇ ରହିଯିବା ଫଳରେ ପରିସ୍ଥିତି ଆହୁରି ଉତ୍କଟ ହୋଇଯିବ । ସବୁ ସ୍ତରରେ, ଜାପାନର ଆକ୍ରମଣକୁ ପ୍ରତିହତ କରାଯାଉ ବୋଲି ସେମାନେ ମତ ଦେଇଥିଲେ । ସେତେବେଳେ ଶ୍ରୀ ଅରବିନ୍ଦଙ୍କ ଭଳ ଯୋଗଜନ୍ମା ସ୍ୱାଧୀନତା ସଂଗ୍ରାମୀ ମଧ୍ୟ କହିଥିଲେ – "ଇଂରେଜ ସରକାର ଗୋଟିଏ ବୁଢା ବରଗଛ । ଦଲକାଏ ପବନ ତାକୁ ଉତ୍ପାଟନ କରିଦେବ । କନ୍ତୁ ଜାପାନ୍ ହେଉଛି ଉଦୟ ସୂର୍ଯ୍ୟର ଦେଶ । ସେ ଯଦି ଭାରତକୁ ପରାଧୀନ କରେ, ତେବେ ଭାରତକୁ ସ୍ୱାଧୀନ ହେବା ପାଇଁ ଆଉ କେତେ ଦଶନ୍ଧି ଲାଗିଯିବ । ତେଣୁ ଜାପାନ ସେନାକୁ ବିରୋଧ କରାଯିବା ଉଚତ ।"

ଆକ୍ରମଣ ପୂର୍ବରୁ ସୁଭାଷ ବୋଷ ବୟାନ ଦେଇଥିଲେ – INAର ଅସଲ ଶକ୍ତି ବୃଦ୍ଧି ପାଇବ ଭାରତ ଭୂମିରେ, ଯେବେ ଭାରତୀୟମାନେ ସ୍ୱେଚ୍ଛାରେ ଆସି ଏଥିରେ ଯୋଗଦାନ କରିବେ । ଭାରତର ସ୍ୱାଧୀନତା ସହ କୌଣସି ସ୍ଥିତିରେ ସାଲିସ୍ କରାଯିବ ନାହିଁ । ଏପରିକି ଦରକାର ପଡିଲେ INA, ଜାପନ ସହ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଛେଇବ ନାହିଁ ।”

ଗୁର୍ଖାମାନେ, ବିଶେଷ କରି ପାର୍ବତ୍ୟାଞ୍ଚଳମାନଙ୍କରେ ନଜର ଅସୀମ ବୀରତ୍ୱ ଓ ସାହସିକତା ଦେଖାଇ ସାରା ବିଶ୍ୱକୁ ସ୍ତବ୍ଧକରି ଦେଉଥିଲେ । ଜାପାନ୍ – INA ମିଳତସେନାଙ୍କୁ ଗୁର୍ଖା-ଇଂରେଜ ମିଳତ ସେନା ଇମ୍ଫାଲରେ ସାମ୍ନା କରିଥିଲେ । ଗୁର୍ଖାମାନେ ରଡି କରି ଆକ୍ରମଣ କରୁଥିଲେ – “ଆୟୋ ଗୋର୍ଖାଲୀ” । ଏହି ରଣହୁଙ୍କାର ଶତ୍ରୁପକ୍ଷର ପିଳେହି ପାଣି କରିଦେଉଥିଲା । ଦେଢଫୁଟ୍ ଲମ୍ବର ନେପାଳୀ ଛୁରା ବା ଖୁକରୀ ଚଳାଇବାରେ ଗୁର୍ଖାମାନେ ଏପରି ଅଭ୍ୟସ୍ତ ଥିଲେ ଯେ ଏକା ଘ୍ୱେଟକେ ଶତ୍ରୁର ଗଣ୍ଡିମୁଣ୍ଡ ଅଲଗା କରି ଦେଉଥିଲେ । ବୁଦା ଭିତରେ, ଗଛ ଉପରେ ଲୁଚ ରହି ଚତାବାଘ ଭଳ ଆକ୍ରମଣ କରୁଥିଲେ । INA ସେନାନୀଙ୍କ କୁଢ କୁଢ ମସ୍ତକହୀନ ଶରୀର ଇମ୍ଫାଲର ରାସ୍ତାଘାଟ ଓ ଜଙ୍ଗଲରେ ପଡି ରହୁଥିଲା ।

ଇମ୍ଫାଲ୍ ନକଟସ୍ଥ ଏକ ପର୍ବତଚୂଡା ଯୁଦ୍ଧ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ଯାହାକ ଜାପାନୀଙ୍କ ଅକ୍ତିୟାରରେ ଥିଲା । ଗଜ ଘାଲେ ନାମକ ଜଣେ ଗୁର୍ଖା ତରୁଣ ଅଦମ୍ୟ ସାହସର ସହ, ଜୀବନକୁ ବିପନ୍ନ କରି ଏକୁଟିଆ ଶତ୍ରୁ ଶିବିରକୁ ପଶି ଯାଇଥିଲେ ଏବଂ ଘାଟୀ ଅକ୍ତିଆର ପାଇଁ ବାଟ ଫିଟେଇ ଦେଇଥିଲେ । ଗଞ୍ଜୁଲାମା ନାମକ ଆଉ ଜଣେ ନେପାଳୀ ଏକ ଏକା ଜାପାନର ତିନଟି ଲଢୁଆ ଟ୍ୟାଙ୍କ୍ କୁ ଧୂଳସାତ୍ କରିବା ସାତେସାଥେ ସତୁରି ଜଣ ଜାପାନ୍-INA ସେନାଙ୍କୁ ହତ୍ୟା କରିଥିଲେ । ଏହି ଦୁଇଜଣଙ୍କ ରଣ-ଔଶଳ ସାରା ବିଶ୍ୱରେ ଥିଲା ଅତୁଳନୀୟ । ତେଣୁ ସେମାନଙ୍କୁ ମୁଳଥିଲା ଦୁର୍ଲ୍ଲଭ ଭିକ୍ଟୋରିଆ-କ୍ରସ୍ ଉପାଧି । ବିଶ୍ୱଯୁଦ୍ଧରେ ମିଳଥିବା ସମୁଦାୟ ୧୮୨ଟି ଏ ରକମର ଉପାଧି ମଧ୍ୟରୁ କେବଳ ଗୁର୍ଖାମାନେ ଅକ୍ତିଆର କରି ନେଇଥିଲ୍ ୧୪ଟି ଉପାଧି । କହିବା ବାହୁଲ୍ୟ, କମନଓ୍ୱେଲଥ୍ ଦେଶ ସମୂହ ତରଫରୁ ଲଢୁଥିବା ସୈନ୍ୟଙ୍କ ଭିତରେ ସର୍ବଶ୍ରେଷ୍ଠ ବୀରତ୍ୱ ପ୍ରଦର୍ଶନକାରୀଙ୍କୁ, ଇଂଲଣ୍ଡ ତରଫରୁ ଏହି

ଉପାଧି ଦିଆଯାଉଥିଲା । ଆଜି ସମୟରେ ମଧ୍ଧ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ପରି ଦେଶରେ ଗୁର୍ଖା ସୈନ୍ୟଙ୍କ ପ୍ରବଳ ଗୁହିଦା ରହିଛି ।

ଇଂମ୍ଫାଲ୍ ର ସେଇ ଯୁଦ୍ଧ ସ୍ମାରକୀ ଘାସ ଗାଲିଗ୍ଷ ଉପରେ ବସି ମୁଁ ଭାବୁଥିଲି ସେଇ ଦୁର୍ଦ୍ଧର୍ଷ ଗୁର୍ଖାମାନଙ୍କ କଥା । ସେମାନଙ୍କ ପାଇଁ ଯୁଦ୍ଧର ମାନେ କଣ ଥିଲା? ସେମାନେ ତ ପେଟ ପୋଷିବା ପାଇଁ ମୁଣ୍ଡ ବିକଥିବା ଜଣେ ଜଣେ ଗ୍ଷକରୀଆ ଥିଲେ । ନିଜ ଦେଶପାଇଁ ଲଢ଼ିବାରେ ହୁଏତ କଛି ସ୍ୱାଭାବିକତା ଥାଇପାରେ ।  ଗୋଟିଏ ବିଦେଶ ଭୂଇଁରେ, ଆଉ ଗୋଟେ ଅଜଣା ସରକାରଙ୍କ ପାଇଁ ମରଣାନ୍ତକ ଲଢେଇରେ ସାମିଲ ହୋଇ ପ୍ରଚଣ୍ଡ ବୀରତ୍ୱ ପ୍ରଦର୍ଶନ କରୁଥିବା ଗୁର୍ଖାମାନଙ୍କ ମନସ୍ତାତ୍ତ୍ୱିକ ଅବସ୍ଥା କଣ ହୋଇପାରେ? ଜଣେ ଯଦି ଆବେଗ ଓ ବିବେକଶୂନ୍ୟ ହୋଇପାରିବ, ତେବେ ଯାଇ ଏପରି ଲଢ଼ିପାରିବ । କମ୍ବା ଜଣଙ୍କର ଜିନ୍ ରେ ଯୁଦ୍ଧତୃଷ୍ଣା ଯଦି ପ୍ରବଳ ପ୍ରଭାବଶାଳୀ ହୋଇଥାଏ, ତେବେ ଯାଇ ଏପରି ବୀରତ୍ୱ ସମ୍ଭବ ।

ମୋର ଅନ୍ୟମନସ୍କତା ଚରମ ସୀମାରେ ପହଞ୍ଚିଥିଲା । ମୋର ଗୋଟିଏ କାନରେ ରଣହୁଙ୍କାର ଶୁଭୁଥିଲା – "ଆୟୋ ଗୁର୍ଖାଲୀ" । ଅନ୍ୟ କାନକୁ ଶୁଭୁଥିଲା "ଜୟହିନ୍ଦ୍"ର ପ୍ରଚଣ୍ଡ ନିର୍ଘୋଷ । ଭାରି ବୁଟ୍ ର କଦମ୍ ତାଲ୍ ସାଙ୍ଗକୁ ସତେ ଯେପରି ଦୂରରୁ ଭାସି ଆସୁଥିଲା ଦେଶାତ୍ମବୋଧକ ସଙ୍ଗୀତ –

"କଦମ୍ କଦମ୍ ବଢାଏ ଯା,
ଖୁସି କା ଗୀତ୍ ଗାଏ ଯା ।
ୟହ ଜିନ୍ଦେଗୀ ହେ କୌମ୍ କ,
ତୁ କୌମ୍ ପେ ଲୁଟାଏ ଯା ।
ତୁ ଶେର୍ ହୀନ୍ଦ୍ ଆଗେ ବଢ୍,
ମରନେ ସେ ଫିରଭି ତୁ ନ ଡର୍ ।
ଉଡାକେ ଦୁସମନୋକା ଶର୍
ଜୋଶ୍ ଓ୍ୱତନ୍ ବଢାୟେ ଯା ।
ଚଲେ ଦିଲ୍ଲୀ ପୁକାର ତେ ହମ୍
ନିଶାନ୍ ସମ୍ଭାଲ୍ କେ ।
ଲାଲ୍ କଲ୍ଲେ ପେ ଗଡ୍ କେ

ଲେହେରାୟେ ଯା ଲେହେରାୟେ ଯା ।
କଦମ୍ କଦମ୍ ବଢାଏ ଯା,
ଖୁସି କେ ଗୀତ୍ ଗାଏ ଯା ।
ୟହ ଜିନ୍ଦେଗୀ ହେ କୌମ୍ କି,
ତୁ କୌମ୍ ପେ ଲୁଟାଏ ଯା ।"

ଶୁଣିଲେ ଲୋମ ଟାଙ୍କୁରି ଉଠିଥିବା ଏହି ଗୀତଟି ଲେଖିଥିଲେ, ଆଜାଦ୍ ହିନ୍ଦ୍ ଫୌଜ୍ ର ଜନୈକ ସୈନୀକ "ରାମ ସିଂହ ଠାକୁର ।" ଏହି ଗୀତରେ ଏତେ ଉଦ୍ଦାମତା ଭରି ରହିଛି ଯେ ଆଜି ବି ଭାରତୀୟ ସେନାରେ ଏହା ସବୁଠୁ ଲୋକପ୍ରିୟ ।

INA ବର୍ମାରେ ଥିବ ପର୍ଯ୍ୟନ୍ତ ସୁଭାଷ ବୋଷ୍ ସାଥିରେ ଥିଲେ । କିନ୍ତୁ ଇମ୍ଫାଲ୍ ଆକ୍ରମଣ ବେଳକୁ ସୁଭାଷ ବୋଷ୍ ବ୍ୟାଙ୍କକ୍ ଚାଲିଯାଇଥିଲେ । ଆଉ କେତେକ ମତ ଦିଅନ୍ତି ଯେ ଅଧିକ ସାହାଯ୍ୟର ଦାବି ପାଇଁ ସୁଭାଷ ତତକାଳୀନ ଜାପାନ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଚାଲି ଯାଇଥିଲେ । ଭାରତର ଦୁର୍ଭାଗ୍ୟ, ଆଉ ସାମାନ୍ୟ ସାମରିକ ସାହାଯ୍ୟ ମିଳିଥିଲେ, ଏହି ନିର୍ଣ୍ଣାୟକ ଯୁଦ୍ଧରେ INA ଜୟଲାଭ କରିଥାନ୍ତା ଏବଂ ଭାରତର ସ୍ୱାଧୀନତା ଅନ୍ୟ ପ୍ରକାରର ହୋଇଥାନ୍ତା ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ତଥାପି ଲାଗେ.....



ପ୍ରଦେଶ କୁମାର ପ୍ରଧାନ

ଗଢ଼ିଛି କେତେ
ଭାଙ୍ଗିଛି କେତେ
ହିସାବ ନକାଶ କରିନ କେବେମୁ,
ସୁଖ ଦୁଃଖ ଭୁଲି
ଏକା ଏକା ଚାଲି
କେତେ ସାଉଁଟିଛି ଶରୀର ନାବେ
ତଥାପି ଲାଗେ ସବୁ ଅଧା।
ପ୍ରତିକ୍ଷଣ ଭାବେ ତା'କୁ
ପ୍ରତିକ୍ଷଣ ଦେଖେ ତା'କୁ
ଲୁଚାଇ ରଖି କେତେ ଯେ କୋହ,
ତା' ହସ ଲାଗି ସବୁ ସ୍ୱୀକାର
ବହିଯାଉ ପଛେ ରୁଧିର ଧାର
ପୁତିଗନ୍ଧମୟ ହେଉ ମୋହରି ଦେହ
ତଥାପି ଲାଗେ ସବୁ ଅଧା।
ଏକ ରେ ଦେଖି ଅନେକ
ନଜର ଭାବି ସଂସାର ଯାକ
ପିଇଛି କେତେ ହଳାହଳ ବିଷ,
ନଜଠାରେ କରି ଭରଷା
ବାନ୍ଧିଛି ବାଇଆ ଚଢ଼େଇ ବସା
ଦ୍ୱାରେ କେହି ବସିଛି ଫୁଲାଇ ନଶ
ତଥାପି ଲାଗେ ସବୁ ଅଧା।
ଆଜି କାହିଁ ମେଣ୍ଟେନା ତୃଷ୍ଣା
ଆସୁଛି ଭାସି ତୁଳସୀ ବାସ୍ନା
ଝରକା ଦିଅ ଖୋଲି
ଦିଅନ ବାଧା,
ଭାଗ୍ୟ ହେଲା ମୋର ବାମ
କାଳ ନେଲାଣି ମୋର ନାମ
ପ୍ରାଣ ଲାଗେ ଯେପରି
କୃଷ୍ଣ ବିନା ରାଧା
ତଥାପି ଲାଗେ ସବୁ ଅଧା।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ଡ. ଲିପିକା ପାତ୍ର ଏବଂ ଡ. ସୌମ୍ୟ ରଞ୍ଜନ ମିଶ୍ରଙ୍କ "ଉପଶମ ଚିକିତ୍ସା": (ପୁସ୍ତକ ସମୀକ୍ଷା)

ଅରବିନ୍ଦ ମିଶ୍ର



ଡ. ଲିପିକା ପାତ୍ର



ଡ. ସୌମ୍ୟ ରଞ୍ଜନ ମିଶ୍ର




ପ୍ରକାଶକ – ସ୍ୱର୍ଣ୍ଣଶ୍ରୀ, ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା, ଓଡିଶା

ମୂଲ୍ୟ: ୭୦ ଟଙ୍କା

ଆଜିକାଲି ଓଡିଶାରେ ରୋଗିଙ୍କ ସଂଖ୍ୟା ବଢି ଗ୍ଲଲିଛି ଏବଂ ସେଥି ମଧ୍ୟରୁ କ୍ୟାନସର୍ ବା କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ । ମୁଁ ନଭୀ ମୁମ୍ବାଇ ସ୍ଥିତ ଓ୍ୱାସୀରେ ରହୁଥିବାରୁ (ବର୍ତ୍ତମାନ କଛି ମାସ ତଳେ ମୋର ବଦଳ ଲକ୍ଷ୍ନୌ ହୋଇଯାଇଛି) ଅନେକ ସମୟରେ ଓ୍ୱାସୀ ଷ୍ଟେସନ ପାଖରେ ଥିବା ଓଡିଶା ଭବନର ଓଡିଆ ଖାଦ୍ୟର ସ୍ୱାଦ ନେବାକୁ ପଛାଏ ନାହିଁ । ଆଉ ଏଠାରୁ ଜାଣିବାକୁ ମିଳଲ୍ ଯେ ଏଠାରେ ଓଡିଶାରୁ ଆସିଥିବା ଅନେକ କର୍କଟ ରୋଗୀ ଏବଂ ଅନ୍ୟ ପ୍ରକାରର ଅସାଧ ରୋଗୀ କଛିଦିନ ପାଇଁ ଏହିଠାରେ ହିଁ ରୁହନ୍ତି । ଆଉ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ମଧ ବଢିବାକୁ ଲ୍ଗିଛି । ଏହି ସବୁ ଜାଣିବାପରେ କଛିଦିନ ତଳେ ମୁଁ ପଢିବାକୁ ପାଇଥିଲି ଡା. ସୌମ୍ୟ ରଞ୍ଜନ ମିଶ୍ର ଏବଂ ଡା. ଲିପିକା ପାତ୍ରଙ୍କ ଲିଖିତ ପୁସ୍ତକ **"ଉପଶମ ଚକତ୍ସା"** । ଡା. ସୌମ୍ୟ ରଞ୍ଜନ ମିଶ୍ର ମୋତେ ଅନୁରୋଧ କରିଥିଲେ ଏହି ପୁସ୍ତକର ସମୀକ୍ଷା କରିବା ପାଇଁ। ମୁଁ ସିନା ହଁ ମାରିଦେଲି, ହେଲେ ମୁଁ ହେଲି ଏକ ବ୍ୟାଙ୍କର, ଆଉ ପୁସ୍ତକ ସମୀକ୍ଷା ମୋ ପାଇଁ ଏକ କଷ୍ଟସାଧ କାର୍ଯ୍ୟ । କନ୍ତୁ ପୁସ୍ତକଟି ପଢିବା ପରେ ଲ୍ଗିଲ୍ ଏହି ପୁସ୍ତକଟି ହେଉଛି ସମସ୍ତ ଓଡିଆଙ୍କ ପାଇଁ ଏକ "ନଶ୍ଚୟ ପଢିବା" ପୁସ୍ତକ ।

ପୁସ୍ତକଟି କେବଳ ରୋଗୀଙ୍କ ପାଇଁ ନୁହେଁ, ରୋଗୀଙ୍କ ପରିଜନମାନଙ୍କ ପାଇଁ ଏକ ରାମବାଣ । ପୁସ୍ତକଟିର ଲେଖିକା ଡ. ଲିପିକା ପାତ୍ରଙ୍କ ମା'ଙ୍କର ଡିମ୍ବାଶୟ କର୍କଟ ରୋଗରେ ଦେହାନ୍ତ ହୋଇଥିଲ୍ ଏବଂ ଲେଖକ ଡ. ସୌମ୍ୟ ରଞ୍ଜନ ମିଶ୍ରଙ୍କ ମାତା ମଧ ପିତ୍ତକୋଷର କର୍କଟ ରୋଗ ଯୋଗୁ ଶେଷ ନଶ୍ୱାସ ତ୍ୟାଗ କରିଥିଲେ। ତେଣୁ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଥିବା ସମସ୍ତ ଅଂଶ ଲେଖକ ଏବଂ ଲେଖିକାଙ୍କର ଏହି କ୍ଷେତ୍ରରେ ଅନୁଭବକୁ ଦର୍ଶାଉଛି। ଏହି ପୁସ୍ତକଟି ଅତି ସରଳ ଭାଷାରେ ଲେଖାଯାଇଅଛି । ଏହି ପୁସ୍ତକରେ ରୋଗର ଲକ୍ଷଣ ଏବଂ ଉପଚାର ସହ, ଉପଶମ ସେବାରେ ସାଧାରଣ ଲକ୍ଷଣ ଏବଂ ସମସ୍ୟା, ସେବା ପ୍ରଦାନକାରୀ ନଜର ଯତ୍ନ କପରି ଭାବରେ ନେଇପାରିବେ, ଶିଶୁ ଏବଂ ବୃଦ୍ଧାବସ୍ଥାରେ ଉପଶମ ଚକତ୍ସା, ମୃତ୍ୟୁ ଓ ମୃତ୍ୟୁର ପ୍ରକ୍ରିୟା ଇତ୍ୟାଦି ବିଷୟରେ ଅନେକ ତଥ୍ୟ ଦିଆ ଯାଇଛି ।

"ଉପଶମ ସେବା, ପୀଡାରୁ ମୁକ୍ତି ଦେଇ, ଅନ୍ୟାନ୍ୟ ଶାରୀରିକ ଲକ୍ଷଣରୁ ମୁକ୍ତି ଦେଇ ଏବଂ ମାନସିକ ଓ ସାମାଜିକ ଆବଶ୍ୟକତାକୁ ପୂରଣ କରି ଜୀବନହାରୀ ରୋଗ ଏବଂ ଦୁର୍ବଳତା ଭୋଗୁଥିବା ଲୋକଙ୍କର ଜୀବନର ଗୁଣବତ୍ତା ବଢାଇଥାଏ । ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳବା ସୁନଶ୍ଚିତ କରିବା ପାଇଁ ଉପଶମ ସେବା, ରୋଗ ଚହ୍ନଟ ହେବା ସହିତ ଆରମ୍ଭ ହୋଇଥାଏ, ଚକତ୍ସା ସରିବା ପର୍ଯ୍ୟନ୍ତ ଗ୍ଲଲିଥାଏ ଏବଂ ଏପରିକ ରୋଗୀର ମୃତ୍ୟୁ ପରେ ପରିବାରକୁ ସାନ୍ତ୍ୱନା ଦେବା ପର୍ଯ୍ୟନ୍ତ ମଧ ଗ୍ଲଲିଥାଏ। ଯଦି ଆରୋଗ୍ୟ ସମ୍ଭବ, ଉପଶମ

ସେବା ଅତ୍ୟାବଶ୍ୟକ ସେବା ଯୋଗାଇଥାଏ ଯେପରି ପୀଡା କମିବ, ଲକ୍ଷଣ ସବୁ ଆୟତ୍ତ କରିହେବ ଏବଂ ଯନ୍ତ୍ରଣା କମରୁ କମ କରାଯାଇ ପାରିବ ।"

ଉପରୋକ୍ତ ଏହି ଉକ୍ତି ହିଁ ହେଉଛି ଏହି ପୁସ୍ତକର ସାରାଂଶ । ଏହି ପୁସ୍ତକରେ ରହିଛି ଉପଶମ ସେବା ନୀତି, ଚିକିତ୍ସା ସମୟରେ ରୋଗୀକୁ ଯେପରି କୌଣସି କ୍ଷତି ନ ପହଞ୍ଚେ ସେଥିପରି ସଚେତନତା, ନ୍ୟାୟ (ପରିବାର ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସକ୍ଷମ କି ଅସକ୍ଷମ), ରୋଗୀ ସହିତ କିପରି ପ୍ରକାର ବାର୍ତ୍ତାଳାପ କରାଯିବା ଆବଶ୍ୟକ, ଉପଶମ ସେବାରେ ସାଧାରଣ ଲକ୍ଷଣ ଏବଂ ସମସ୍ୟା ସବୁର ପରିଚାଳନା ଇତ୍ୟାଦି । ଏହାସାଥିରେ ଏହି ପୁସ୍ତକଟିରେ ରହିଅଛି କେବଳ ବିଛଣାରେ ଶୋଇ ରହୁଥିବା ରୋଗୀର ଯତ୍ନ କିପରି ନେବା, ବୃଦ୍ଧାବସ୍ଥାରେ ଉପଶମ ଚିକିତ୍ସା କିପରି କରାଯିବା, ଶିଶୁମାନଙ୍କ ପାଇଁ ଉପଶମ ଚିକିତ୍ସା ଆଉ ମୃତ୍ୟୁର ପ୍ରକ୍ରିୟା । ଅନେକ ସମୟରେ ଅନେକ ପ୍ରକାରର ଚିକିତ୍ସା ସତ୍ତ୍ୱେ ରୋଗୀ ମୃତ୍ୟୁକୁ ଦୂରେଇ ପାରେନାହିଁ । ଆଉ ଏହି ପୁସ୍ତକଟିରେ ଏହି ବିଷୟରେ ଅନେକ କିଛି ରହିଅଛି ଯାହାକି ପ୍ରତ୍ୟେକ ପରିବାର ପାଇଁ ଅତ୍ୟନ୍ତ ଦରକାରୀ ।

ସରଳ ଭାଷାରେ କହିବାକୁ ଗଲେ ଏହି ପୁସ୍ତକଟି ଯେ ପ୍ରତ୍ୟେକ ରୋଗୀପାଇଁ ଏକ "ରାମବାଣ" ଏଥିରେ ସନ୍ଦେହର ଅବକାଶ ନାହିଁ । ମୋ ମତରେ ପୁସ୍ତକଟି ପ୍ରତ୍ୟେକ ଓଡିଆଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ।

ପୁସ୍ତକ ପାଇବା ଏବଂ ଲେଖକ/ଲେଖିକାଙ୍କ ସହ ସଂପର୍କ କରିବାର ଠିକଣା:

**Email: dr.srmishra@gmail.com,**

**ଦୂରଭାଷ: ୯୮୫୩୧୧୭୭୨୦**

***

ବେଦାନ୍ତୀର ହ୍ୱାସଟଆପ୍ (Whatsapp) ନମ୍ବର ହେଲା- 9594993733 ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।

# ମଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୫/୨୦୧୭ | ଶ୍ରମିକ ଦିବସ ଓ ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ |
| ୦୩/୦୫/୨୦୧୭ | ନଳାଦ୍ରୀ ମହୋଦୟାଷ୍ଟମୀ |
| ୦୪/୦୫/୨୦୧୭ | ସୀତା ନବମୀ |
| ୦୬/୦୫/୨୦୧୭ | ଶନଶ୍ଚର ଯଜ୍ଞ, ମୋହିନୀ ଏକାଦଶୀ ଓ ହଳ ନିଷେଧ |
| ୦୯/୦୫/୨୦୧୭<br>୧୦/୦୫/୨୦୧୭ | ନୃସିଂହ ଚତୁର୍ଦ୍ଦଶୀ ଓ ଜନ୍ମୋତ୍ସବ<br>ଚନ୍ଦନ ପୂର୍ଣ୍ଣିମା, ଗୌତମ ବୁଦ୍ଧଙ୍କ ଜୟନ୍ତୀ ଓ ବୈଶାଖ ବ୍ରତ ସମାପନ |
| ୧୨/୦୫/୨୦୧୭ | ସବେ-ବରାତ୍ (ପୂର୍ବରାତ୍ରି) |
| ୧୪/୦୫/୨୦୧୭ | ମାସନ୍ତ |
| ୧୫/୦୫/୨୦୧୭ | ବୃଷ ସଂକ୍ରାନ୍ତି ଓ ହଳ ନିଷେଧ |
| ୧୬/୦୫/୨୦୧୭ | ଶରଣ ଆରମ୍ଭ |
| ୧୮/୦୫/୨୦୧୭ | ଶ୍ରୀକ୍ଷେତ୍ରେ ଭଉଁରୀ |
| ୧୯/୦୫/୨୦୧୭ | ଉତ୍କଳେ ଭଉଁରୀ |
| ୨୨/୦୫/୨୦୧୭ | ଜଳକ୍ରୀଡା ଏକାଦଶୀ |
| ୨୪/୦୫/୨୦୧୭ | ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା |
| ୨୫/୦୫/୨୦୧୭ | ଅମାବାସ୍ୟା ଓ ସାବିତ୍ରୀ ବ୍ରତ |
| ୨୬/୦୫/୨୦୧୭ | ଚନ୍ଦ୍ର ଦର୍ଶନ ଓ ଉପବାସ |
| ୨୮/୦୫/୨୦୧୭ | ରମ୍ଭା ତୃତୀୟା, ଉମା ଚତୁର୍ଥୀ ଓ ରମଜାନ ମାସ ଆରମ୍ଭ |
| ୨୯/୦୫/୨୦୧୭ | ଶିବ ବିବାହୋତ୍ସବ |
| ୩୦/୦୫/୨୦୧୭ | ଶୀତଳ ଷଷ୍ଠୀ ଯାତ୍ରା |
| ୩୧/୦୫/୨୦୧୭ | ଶ୍ରୀମନ୍ଦିରେ ଶୀତଳ ଷଷ୍ଠୀ |

# ଟିକଏ ହସନ୍ତୁ

ଜଣେ ସ୍ତ୍ରୀ ତା ସ୍ୱାମୀକୁ ପିଟୁଥାଏ । ଲୋକେ କହିଲେ – ଆହାଃ, ସେ ବିଚରାକୁ ପିଟୁଚ କାହିଁକି?
ସ୍ତ୍ରୀ – ମୁଁ ତାଙ୍କୁ ପିଟିବିନ ଆଉ କଣ ପୂଜା କରିବି । ମୁଁ ଆଜି ତାଙ୍କୁ ଫୋନ କଲାରୁ ଗୋଟେ ଝିଅ ତାଙ୍କ ଫୋନ ଉଠେଇ କହୁଚ – ଆପଣ ଯେଉଁ ବ୍ୟକ୍ତିକୁ ଫୋନ୍ କରୁଛନ୍ତି ସେ ବ୍ୟସ୍ତ ଅଛନ୍ତି.....

କାଲି ଗୋଟେ କାମରେ ରବି ବ୍ୟାଙ୍କ୍ କୁ ଯାଇଥିଲା । ବ୍ୟାଙ୍କ୍ ବାହାରେ ଜଣେ ଲୋକ ଭିକ ମାଗୁଥିଲା । ସେ ରବିକୁ ବି ଭିକ ମାଗିଲା । ତା ମୁହଁକୁ ଦେଖି ରବି ଚମକ ପଡି କହିଲା, "....ତୁମକୁ ମୁଁ କୋଉଠି ଦେଖିବା ଭଳ ଲାଗୁଛି...!"
ଭିକାରି ହସିକି ଉତ୍ତର ଦେଲା, "ସାର୍, ଫେସବୁକ୍ ରେ ପରା ଆମେ ଫ୍ରେଣ୍ଡ୍ ଅଛନ୍ତି! ଚିହ୍ନି ପାରୁ ନାହାନ୍ତି କି? କାଲି ରାତିରେ ତ ଆପଣ ମୋ ନୂଆ ପ୍ରୋଫାଇଲ୍ ଫଟୋକୁ ଲାଇକ୍ ବି କରିଛନ୍ତି!"

ପତ୍ନୀ – (ସ୍ୱାମୀକୁ) – ମୋର ଆଜି ଜନ୍ମଦିନ, ଗିଫ୍ଟ କାହିଁ ।
ସ୍ୱାମୀ – ରେ ରାସ୍ତା ଉପରେ ଯେଉଁ ନାଲି ରଙ୍ଗର କାର୍ ଦେଖୁଛ!
ପତ୍ନୀ – ଖୁସିରେ ପୂରା ନାଚ ଉଠି କହିଲା କାର୍ ରଙ୍ଗଟା ବଢିଆ ହୋଇଛି ।
ସ୍ୱାମୀ – ଏହି କଲରର ନେଲ୍ ପଲିସ୍ ତୁମ ପାଇଁ ଆଣିଛି!!!

ଜଣେ ବ୍ୟକ୍ତି ସ୍ୱର୍ଗର ଦ୍ୱାର ବାଡେଇବାରୁ ଭିତରୁ ସ୍ୱର ଆସିଲା: ତୁମେ ବିବାହିତ?
ବ୍ୟକ୍ତି: ହଁ ।
ସ୍ୱାର୍ଗରୁ ନିଃସୃତ ସ୍ୱର: ତା ହେଲେ ଭିତରକୁ ଆସିପାର । ବିବାହ କରି ତୁମେ ବହୁତ ଦୁଃଖକଷ୍ଟ ପାଇଛ ।
ଦ୍ୱିତୀୟ ବ୍ୟତି ସ୍ୱର୍ଗ ଦ୍ୱାର ବାଡେଇବାରୁ ପୁଣିଥରେ ସେହି ଶବ୍ଦ ବାହାରିଲା: ତୁମେ ବିବାହ କରିଛ?
ଦ୍ୱିତୀୟ ବ୍ୟକ୍ତି: ହଁ, ଦୁଇଥର ।
ସ୍ୱର୍ଗରୁ ନିଃସୃତ ଶବ୍ଦ: ଗୁଲିଯାଅ । ମୁର୍ଖ ମାନଙ୍କ ପାଇଁ ଏଠାରେ କୌଣସି ସ୍ଥାନ ନାହିଁ ।

# ଚିତ୍ର କଥା କହେ




ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com



ଇଏ ଆମ ନଟ ମଉସା,
ଗାଁ ମୁଣ୍ଡ ବରଗଛ ତଳ ନୂଆଁଣିଆ ଚାଳ
ଗୁଡିଆ ଦୋକାନ, ତାଙ୍କ ବେଉସା ।
ରାତି ପାହାନ୍ତାରୁ ଖନ୍ଦା ଜଳୁଥାଏ,
ରାତିଅଧ ଯାଏ ନ ସରେ କାମ,
ବରା ପିଆଜିରୁ ଚା-ପାଣି ଟୋପେ,
ସଭିଙ୍କର ସିଏ ସାହା ଭରସା ।
ଦୁନିଆରେ କେହି ବଡ ଛୋଟ ନୁହେଁ,
କାମର ଆଖିରେ ସଭିଏଁ ଏକା,
"କାମ ହିଁ ଈଶ୍ୱର" ଶିଖାଇଲ ତୁମେ,
ଓଳଗୀ ଆମର ଘେନ ମଉସା ।
(ବିଜେତା: ମୀନାକ୍ଷୀ ପାଢ଼ୀ, ଥାନେ, ମହାରାଷ୍ଟ୍ର)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com**। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**